

# ଜଗନ୍ନାଥ ଏକ୍ସପ୍ରେସ୍
JAGANNATH EXPRESS



RNI Regn No- ODIODI/2014/57766.

ବର୍ଷ- ୧୧ ସଂଖ୍ୟା-୧୯୭ ଭୁବନେଶ୍ୱର ଶୁକ୍ରବାର, ଅପ୍ରେଲ୍ ୦୪.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.197 Bhubaneswar, Friday, April 04, 2025


## କ୍ୟାପିଟାଲ ହସ୍ପିଟାଲରୁ ଏସସିବି ମେଡିକାଲକୁ 'ଗଡିବ ଆମ ବସ'



ଭୁବନେଶ୍ୱର,୩/୪:'ଆମ ବସ' ଯୋଜନାରେ ପୁଣି ଯୋଡ଼ି ହୋଇଛି ୪୦ଟି ଇ-ବସ୍। ଏବେ ଭୁବନେଶ୍ୱରର କ୍ୟାପିଟାଲ୍ ହସ୍ପିଟାଲରୁ କଟକର ଏସସିବି ମେଡିକାଲକୁ ଆମ ବସ୍ ଗଡ଼ିବ। ରୋଗୀ କିମ୍ବା ରୋଗୀଙ୍କ ସମ୍ପର୍କୀୟଙ୍କ ପାଇଁ ସହାୟକ ହେବ 'ଆମ ବସ୍' ର ନୂଆରୁଟ୍। ଆଉ ଯାତାୟତ ପାଇଁ ହନ୍ତସନ୍ତ ହେବେନି ରୋଗୀଙ୍କ ପରିବାର। ଏହି ରୁଟ୍ ସମେତ ଅନ୍ୟ ନୂଆ ରୁଟରେ ମଧ୍ୟ ଇ-ବସ୍ ଚାଲିବ। ଭୁବନେଶ୍ୱର ଗାଡ଼କଣସ୍ଥିତ ଆମ ବସ୍ ଡିପୋରେ ୪୦ଟି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ନୂଆ ଇ-ବସର ଉଦଘାଟନ କରିଛନ୍ତି। ରାଜ୍ୟ ସରକାର ଜନସାଧାରଣଙ୍କ ଯାତାୟତର ସୁବିଧା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଆଜି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ୪୦ଟି ନୂତନ ଇ-ବସ୍‌ର ଶୁଭାରମ୍ଭ କରିଛନ୍ତି। ଏହି ସେବାର ଶୁଭାରମ୍ଭ ଭିଜନ୍ ବିକଶିତ ଓଡ଼ିଶା ଏବଂ ସବୁଜ ସହର ନିର୍ମାଣର ଏକ ପ୍ରଧାନ ଅଂଶ। ଏନେଇ ଶ୍ରୀ ମହାପାତ୍ର କହିଛନ୍ତି, ଖୁବଶୀଘ୍ର ରାଜ୍ୟର ୮ଟି ସହରରେ ଆମ ବସ୍ ସେବା ଆରମ୍ଭ ହେବ ଏବଂ କେନ୍ଦ୍ର ସରକାର ଓଡିଶାକୁ ୪୦୦ ଇ-ବସ୍ ଯୋଗାଇବେ। ତେବେ ବସ୍ ଦୁର୍ଘଟଣା କମାଇବା ପାଇଁ ଅନେକ ପଦକ୍ଷେପ ନିଆଯିବା ସହ ଆମ ବସ୍ ଭିତରେ ଦୁଇଟି ସିସିଟିଭି କ୍ୟାମେରା ବି ଲଗାଯାଇଥିବା କଥା କହିଛନ୍ତି ମନ୍ତ୍ରୀ।

# ଉତ୍ପାଦନର ହବ୍ ହେବ ଓଡ଼ିଶା

ଭୁବନେଶ୍ୱର ,୩/୪: ନୂଆ ସରକାର ଆସିବା ପରେ ରାଜ୍ୟରେ ଶିଳ୍ପାୟନ ପାଇଁ ଯେତେ ସବୁ ରାଜିନାମା ସ୍ୱାକ୍ଷରିତ ହୋଇଛି, ସେ ସବୁକୁ କାର୍ଯ୍ୟକାରୀ କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ଯୋଜନା ଅନୁସାରେ ଆମର କାର୍ଯ୍ୟ ଜାରି ରହିଛି। ସେଥିପାଇଁ ଯାହା ଆବଶ୍ୟକ, ତାହା ଆମେ କରୁଛୁ ଆଉ କରିବୁ ମଧ୍ୟ। ବଡ଼ ସ୍ୱପ୍ନ ଦେଖିବା ସହିତ କଠୋର ପରିଶ୍ରମ କରି ତାକୁ କାର୍ଯ୍ୟକାରୀ ନ କଲା ପର୍ଯ୍ୟନ୍ତ ବିଶ୍ରାମ ନାହିଁ ବୋଲି ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଖୋର୍ଦ୍ଧା ନିକଟବର୍ତ୍ତୀ ହଳଦୀପଦା ଠାରେ ବିଭିନ୍ନ ଶିଳ୍ପାନୁଷ୍ଠାନର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ ଅବସରରେ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ଓଡ଼ିଶାର ଶିଳ୍ପଜଗତ ପାଇଁ ଏକ ଉଲ୍ଲେଖନୀୟ ଦିବସ। ଏଠାରେ ୧୩ଟି ଶିଳ୍ପ ପାଇଁ ଭିତ୍ତିପ୍ରସ୍ତର ରଖାଗଲା ଓ ଗୋଟିଏ ଶିଳ୍ପର ଉଦ୍‌ଘାଟନ କରାଗଲା। ଏହି ୧୪ଟି ଶିଳ୍ପରେ ପ୍ରାୟ ୬ ହଜାର କୋଟି ଟଙ୍କା ବିନିଯୋଗ କରାଯାଉଛି। ଉଦ୍ୟୋଗଗୁଡ଼ିକ ପୂର୍ଣ୍ଣକ୍ଷମ ହେଲେ ୩୭ ହଜାରରୁ ଅଧିକ ଯୁବଗୋଷ୍ଠୀଙ୍କୁ ନିଯୁକ୍ତିର ସୁଯୋଗ ମିଳିବ। ଏହା କେବଳ ଆରମ୍ଭ ମାତ୍ର। ଆଗାମୀ ଦିନରେ ଅନେକ ଶିଳ୍ପ ପ୍ରତିଷ୍ଠା ହେବ। ଓଡ଼ିଶାରେ ସବୁ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ହେବ। ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଯୁବବର୍ଗ ହେଉଛନ୍ତି ଆମ ଅଭିବୃଦ୍ଧିର ଇଞ୍ଜିନ। ସେମାନଙ୍କ ଦକ୍ଷତା ବିକାଶ ପାଇଁ ସି.ଏମ୍.ଆସ୍ପାୟାର ଯୋଜନା, ନୂଆ-ଓଡ଼ିଶା ଯୋଜନା ଏବଂ ଆଇଟିଆଇ ଓ ପଲିଟେକ୍‌ନିକ ଗୁଡ଼ିକର କ୍ଷମତା ବୃଦ୍ଧି ପାଇଁ ପଦକ୍ଷେପ ନିଆଯାଉଛି। ୱର୍ଲ୍ଡ ସ୍କିଲ ସେଣ୍ଟରରେ ସେମି କଣ୍ଡକ୍ଟର ସହିତ ଆହୁରି ଅନେକ ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ପର୍କରେ ଟ୍ରେନିଂ ଦିଆଯିବ । ବୃତ୍ତିଗତ ଓ ବୈଷୟିକ ଶିକ୍ଷାରେ ଝିଅମାନଙ୍କୁ ସଶକ୍ତ କରିବା ପାଇଁ ସୁଦକ୍ଷା ଯୋଜନା ଓ ଯୁବପିଢ଼ିଙ୍କୁ ଉଦ୍ୟୋଗୀ କରିବା ପାଇଁ ନାନୋ ୟୁନିକର୍ଣ୍ଣ ଯୋଜନା ଯୁବବର୍ଗଙ୍କ ମଧ୍ୟରେ ବୈପ୍ଳବିକ ପରିବର୍ତ୍ତନ ଆଣିବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଉତ୍କର୍ଷ ଓଡ଼ିଶା ମେକ-ଇନ ଓଡ଼ିଶା କନକ୍ଲେଭ ଆଶାଠାରୁ ଅନେକ ଗୁଣରେ ସଫଳତା ପାଇଛି। ପ୍ରାୟ ୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିଥିଲା। ସେଥିମଧ୍ୟରୁ ୧୩ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଗକ୍ଟ ସ୍ୱାକ୍ଷରିତ ହୋଇଛି ଏବଂ ଏହାଦ୍ୱାରା ୧୩ ଲକ୍ଷ ନିଯୁକ୍ତିର ସମ୍ଭାବନା ସୃଷ୍ଟି ହୋଇଛି। ବିନା ଭିତ୍ତିଭୂମିରେ ଶିଳ୍ପ ବିକାଶର ପରିକଳ୍ପନା କରାଯାଇପାରିବ ନାହିଁ। ସେଥିପାଇଁ ରାଜ୍ୟ ସରକାର ନୂତନ ସଡ଼କ ନୀତି ପ୍ରସ୍ତୁତ କରିବା ସହିତ ଓଡ଼ିଶା ରାଜପଥ ପ୍ରାଧିକରଣ ଗଠନ କରିବା ପାଇଁ ଯାଉଛନ୍ତି । ଓଡ଼ିଶା ରାଜପଥ ପ୍ରାଧିକରଣ ବିଲ୍ ବିଧାନସଭାରେ ପାରିତ ହୋଇଛି। ଖୁବ୍ ଶୀଘ୍ର ଗଠନ ହେବ। ଶିଳ୍ପାୟନର ସୁବିଧା ପାଇଁ ଆସନ୍ତା ୫ ବର୍ଷରେ ୭୫ ହଜାର



କିଲୋମିଟର ବିଶ୍ୱସ୍ତରୀୟ ସଡ଼କ ନିର୍ମାଣ ପାଇଁ ଆମର ଲକ୍ଷ୍ୟ ରହିଛି। ଆଜି ଉଦ୍‌ଘାଟିତ ହୋଇଥିବା ବରୁଣ ବେଭରେଜ ପ୍ଲାଣ୍ଟରେ ବହୁସଂଖ୍ୟକ ଓଡ଼ିଆ ଯୁବକଙ୍କ ନିଯୁକ୍ତିକୁ ନେଇ ଖୁସିବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମେ ଓଡ଼ିଶାକୁ ଦେଶର ଏକ ମାନୁଫାକ୍ଚରିଙ୍ଗ ହବ୍ କରିବାକୁ ଯାଉଛୁ। ଆପଣମାନେ ଆଉ ବାହାରକୁ ନ ଯାଇ ଏଠାରେ ସମସ୍ତେ ନିଯୁକ୍ତି ପାଇବେ। କେବଳ ନିଯୁକ୍ତି ନୁହେଁ, ଆପଣମାନଙ୍କ ଜୀବନର ମାନଦଣ୍ଡରେ ଉନ୍ନତି ଆଣିବା ପାଇଁ ଆମେ ବିଭିନ୍ନ ଶ୍ରମିକ କଲ୍ୟାଣ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛୁ। ଶିଳ୍ପାଞ୍ଚଳରେ ଦିନ୍ ଦୟାଲ କର୍ମଚାରୀ ନିବାସ ଯୋଜନାରେ ଘର ଯୋଗାଇ ଦେବାପାଇଁ ବ୍ୟବସ୍ଥା କରାଯାଉଛି। MSME କ୍ଷେତ୍ରରେ କାମ କରୁଥିବା ୧୫ରୁ ୨୦ ହଜାର ଶ୍ରମିକମାନଙ୍କ ପାଇଁ ୫ଟି ହଷ୍ଟେଲ କରାଯିବ। ଏହା ସହିତ ଆୟୁଷ୍ମାନ ଭାରତ ଯୋଜନାରେ ସ୍ୱାସ୍ଥ୍ୟ ସେବାର ବ୍ୟବସ୍ଥା କରାଯାଇଛି। ମୁଖ୍ୟମନ୍ତ୍ରୀ ଉପସ୍ଥିତ ଶିଳ୍ପପତି ଓ ଶ୍ରମିକମାନଙ୍କୁ ଆହ୍ୱାନ ଦେଇ କହିଥିଲେ ଯେ, ଶିଳ୍ପପତି, ଶ୍ରମିକ ଓ ସରକାର ଏହି ତିନି କ୍ଷେତ୍ର ମଧ୍ୟରେ ସମନ୍ୱୟ ରହିଲେ ପ୍ରଗତି ଆସିବ। କାର୍ଯ୍ୟକ୍ରମରେ ଶିଳ୍ପ ତଥା ଦକ୍ଷତା ବିକାଶ ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ, ଆଜି ଓଡ଼ିଶାରେ ଲୋକମାନେ ଅନୁଭବ କଲେଣି ଯେ, ଲୋକଙ୍କ ମୁଖ୍ୟମନ୍ତ୍ରୀ ଲୋକଙ୍କ ସହ ଯୋଡ଼ି ହୋଇ ଅଛନ୍ତି ଓ ଓଡ଼ିଶାର ସମୃଦ୍ଧି ପାଇଁ ଦିନରାତି ଏକ କରି କାମ କରୁଛନ୍ତି। ଉତ୍କର୍ଷ ଓଡ଼ିଶା ଆୟୋଜନର ୨ ମାସ ମଧ୍ୟରେ ଆଜି ଏଠାରେ ଶିଳ୍ପ ପ୍ରତିଷ୍ଠା ହେବାକୁ ଯାଉଛି। ଏସବୁ ଶିଳ୍ପପତିମାନଙ୍କ ସହିତ ମୁଖ୍ୟମନ୍ତ୍ରୀ ଉତ୍କର୍ଷ ଓଡ଼ିଶା ଆୟୋଜନ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ରୋଡ୍ ସୋ'ରେ କଥାବାର୍ତ୍ତା ହୋଇଥିଲେ। ଏସବୁ ଶିଳ୍ପାନୁଷ୍ଠାନ ଗୁଡ଼ିକରେ ସ୍ଥାନୀୟ ଯୁବଗୋଷ୍ଠୀ ଅଧିକ ନିଯୁକ୍ତି ପାଇବେ। ବରୁଣ ବେଭରେଜର ଏହି ପେପ୍‌ସି ପ୍ଲାଣ୍ଟ ପ୍ରତିଷ୍ଠା ଦ୍ୱାରା ଆଗାମୀ ଦିନରେ ଆହୁରି ଅନେକ ବେଭରେଜ କମ୍ପାନୀ ମଧ୍ୟ ଏଠାରେ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଆସିବେ। ଓଡ଼ିଶାକୁ ଏକ ଶିଳ୍ପ ସମୃଦ୍ଧ ରାଜ୍ୟ ଭାବେ ଗଢ଼ି ତୋଳିବା ପାଇଁ ଆମ ମୁଖ୍ୟମନ୍ତ୍ରୀ ଲକ୍ଷ୍ୟ ରଖିଛନ୍ତି। ଆମ ସରକାର ଯାହା କଥା ଦିଅନ୍ତି ତାହା ରଖନ୍ତି। କାର୍ଯ୍ୟକ୍ରମରେ ଜଟଣୀ ବିଧାୟକ ଶ୍ରୀ ବିଭୂତି ଭୂଷଣ ବଳବନ୍ତରାୟ କହିଥିଲେ ଯେ, ଦଳମତ ନିର୍ବିଶେଷରେ ଏହି ବିକାଶ କାର୍ଯ୍ୟକୁ ଆମେ ସମସ୍ତେ ସହଯୋଗ କରିବା। ଖୋର୍ଦ୍ଧା ବିଧାୟକ ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ ଖୋର୍ଦ୍ଧା ଜିଲ୍ଲାର ପ୍ରଗତିର ଧାରାକୁ ଏହି ଶିଳ୍ପାୟନ ଆହୁରି ତ୍ୱରାନ୍ୱିତ କରିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଶିଳ୍ପପତିମାନେ ଓଡ଼ିଶା ସରକାରଙ୍କ ପକ୍ଷରୁ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ଯେଉଁଭଳି ସହଯୋଗ ମିଳୁଛି ତାହା ଅନ୍ୟ କୌଣସି ରାଜ୍ୟରେ ଦେଖିବାକୁ ମିଳେନାହିଁ ବୋଲି କହିଥିଲେ। ଶିଳ୍ପବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ ଓ ଜିଲ୍ଲାପାଳ ଶ୍ରୀ ଚଞ୍ଚଳ ରାଣା ଧନ୍ୟବାଦ ଅର୍ପଣ କରିଥିଲେ।

## ଏପ୍ରିଲ ୧୫ରେ କଂଗ୍ରେସର ମଶାଲ ଶୋଭାଯାତ୍ରା

ଭୁବନେଶ୍ୱର,୩/୪: ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଭକ୍ତ ଚରଣ ଦାସ କହିଲେ ଯେ ଓଡ଼ିଶାରେ ଅତ୍ୟାଚାରିତା, ଧର୍ଷିତା, ଲୁଣ୍ଠିତା, ନିଖୋଜ ଓ ହତ୍ୟା ହୋଇଥିବା ମହିଳା ଓ ତାଙ୍କ ପରିବାରକୁ ନ୍ୟାୟ ଦେବାରେ ବିଜେପି ସରକାର ସମ୍ପୂର୍ଣ୍ଣ ଅକ୍ଷମ ହୋଇଛନ୍ତି । ବିଗତ ଦିନରେ ବିଜେଡ଼ିର ସଭାସମିତି ଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟକ୍ରମରେ ମହିଳାଙ୍କର ଉପସ୍ଥିତି ଭରପୁର ଥିଲା ବେଳେ ଏବେ ମଧ୍ୟ ସେହିଭଳି ପରିସ୍ଥିତି ଦେଖାଦେଇଛି । ମାତ୍ର ପ୍ରତି ବଦଳରେ ଉଭୟ ବିଜେଡ଼ି ଓ ବିଜେପି ସରକାର ଦ୍ୱାରା ଓଡ଼ିଶାର ମହିଳା ପ୍ରତାରିତା । ସୁଭଦ୍ରା ଯୋଜନାରେ ଜଣେ ମହିଳାକୁ ଦିନକୁ ୨୭ ଟଙ୍କା ଦିଆଯାଉଛି । ସେଥିରେ ଗୋଟିଏ ଓଳି ଭୋଜନ ହେବା ସମ୍ଭବ ନୁହେଁ । ପରିବାର ପୋଷିବା କଥା ଛାଡ଼ । ବିଜେପି ଦଳ ଓଡ଼ିଶାର ନାରୀଙ୍କୁ ଅସମ୍ମାନ କରୁଛି। ଓଡ଼ିଆ ଅସ୍ମିତା, ଓଡ଼ିଆ ମାଟି, ରାଷ୍ଟ୍ରଭକ୍ତି ଓ ଭାରତମାତା କଥା ଏହି ଦଳ ବାରମ୍ବାର କହୁଛି। ଭାରତମାତା କିଏ ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି । ପଂଚମ ଓ ସପ୍ତମ ଶ୍ରେଣୀର ନାବାଳିକା ଛାତ୍ରୀ ଯିଏକି ଗର୍ଭବତୀ ହୋଇଛି, କନ୍ୟାଶ୍ରମରେ ଯେଉଁ ଛାତ୍ରୀ ଗର୍ଭବତୀ ହୋଇଛି, ଯିଏ ଧର୍ଷିତା ଓ ହତ୍ୟା ହୋଇଛି, ଯେଉଁ ୬୦ ହଜାର ମହିଳା ନିଖୋଜ ହୋଇଛନ୍ତି ସେହି ସମସ୍ତଙ୍କର ସମଷ୍ଟି ହେଉଛି ଭାରତମାତା । ଭାରତ ମାତାକୁ ବିଜେପି ଲୋକ ଦେଖାଣିଆ ବନ୍ଦନା କରୁଛି । କାରଣ କଂଗ୍ରେସ ଦଳର ସ୍ୱରକୁ ଓଡ଼ିଶାର ବିଧାନସଭା ଭିତରେ ବିଜେପି ବଳପୂର୍ବକ ଚାପିଦେବାକୁ ଅପଚେଷ୍ଟା କରୁଛି। ଓଡ଼ିଶା ଜଗନ୍ନାଥଙ୍କର ମାଟି। ଏ ମାଟିରେ ପଂଚଶଖା, ମଧୁବାବୁ, ଫକୀରମୋହନ, ଗଙ୍ଗାଧର ମେହେର ହରେକୃଷ୍ଣ ମହତାବଙ୍କ ଭଳି ଜନନାୟକ ଜନ୍ମ ନେଇଥିଲେ । ଓଡ଼ିଶାର ମାଟି ଗରିମାମୟ । ମାତ୍ର ଓଡ଼ିଶାର ବିଜେପି ସରକାର ମହିଳାମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ପ୍ରତି ଉଦାସୀନ ରହି ଓଡ଼ିଶାକୁ ବଦନାମ କରୁଛି । ଛୋଟ ଝିଅ ମାନଙ୍କର ଯନ୍ତ୍ର ନେବା ବଦଳରେ ସେମାନଙ୍କୁ ଅନ୍ଧାର ଭିତରକୁ ଠେଲି ଦିଆଯାଉଛି। "ନାରୀ ନ୍ୟାୟ" ପାଇଁ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଗଲା ଏବଂ ଶେଷରେ ବିଧାନସଭା ମଧ୍ୟ ଘେରାଉ କରାଗଲା । ଏପରିକି ଓଡ଼ିଶା ଦିବସ ପାଳନ ଅବସରରେ ୬୦ ହଜାର ନିଖୋଜ ମହିଳାଙ୍କ ଉଦ୍ଧାରପାଇଁ ରେଳଷ୍ଟେସନ ଏବଂ ବସଷ୍ଟାଣ୍ଡ ମହମବତୀ ଶୋଭାଯାତ୍ରା କରାଯାଇ ଅସହାୟ ମହିଳାଙ୍କ ପ୍ରତି କଂଗ୍ରେସ ନିଜର ଆଭିମୁଖ୍ୟ ବ୍ୟକ୍ତ କରିଥିଲା । ମହିଳା ନିର୍ଯ୍ୟାତନା ପ୍ରସଙ୍ଗରେ ବିଜେଡ଼ି ଓ ବିଜେପିର ଆଭିମୁଖ୍ୟ ଏକାଭଳି । ଓଡ଼ିଶା ବିଧାନସଭାରେ କଂଗ୍ରେସ ବିଧାୟକମାନଙ୍କର ନାରୀ ନ୍ୟାୟ ଦାବିକୁ ବିଜେପି ସରକାର ଉପେକ୍ଷା କଲା । ଗୃହ କମିଟି ଗଠନ କରିପାରିଲା ନାହିଁ। ୫ ଜଣିଆ ମନ୍ତ୍ରୀସ୍ତରୀୟ କମିଟି କିମ୍ବା ଆଇଏଏସ ବା ଆଇପିଏସ ଅଫିସରଙ୍କୁ ନେଇ ଟାସ୍କଫୋର୍ସ କମିଟି ଗଠନ ହୋଇପାରିଥାନ୍ତା, ତାହା ମଧ୍ୟ ହୋଇପାରିଲା ନାହିଁ। ସରକାର ଯଦି ମହିଳା ଅତ୍ୟାଚାର ବନ୍ଦ ପାଇଁ ସ୍ୱତନ୍ତ୍ର ଖସଡ଼ା, ନିୟମ କାନୁନ ବା ନୀତିର ବ୍ୟବସ୍ଥା ନକରନ୍ତି ତେବେ ମହିଳାମାନେ ପୁରପଲ୍ଲୀରୁ ସହର ପର୍ଯ୍ୟନ୍ତ ତାଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୁଦ୍ଧରେ ଜାଗରଣ ପାଇଁ ଶ୍ରୀ ଦାସ ଆହ୍ୱାନ ଦେଇଛନ୍ତି । ବିଜେପି ଦଳର ନେତା ସେମାନଙ୍କର ସ୍ୱାର୍ଥ ସାଧନ ପାଇଁ ଗାଁ ଗଣ୍ଡାକୁ ଗଲେ ମହିଳାମାନେ ସେମାନଙ୍କୁ ଝାଡୁ



ପ୍ରଦର୍ଶନ କରିବାପାଇଁ ଶ୍ରୀ ଦାସ କହିଛନ୍ତି । ବିଜେପି ସରକାର ବେଳହୁଁ ସାବଧାନ ହୋଇ ନାରୀ ପ୍ରତି ତାଙ୍କର ବିଚାରର ପରିବର୍ତ୍ତନ କରନ୍ତୁ।ଓଡ଼ିଶାର ନାରୀ ନ୍ୟାୟ ନପାଇବା ପର୍ଯ୍ୟନ୍ତ କଂଗ୍ରେସର ଆନ୍ଦୋଳନ ଚାଲୁ ରହିବ । ୬୦ ହଜାର ନିଖୋଜ ମହିଳାଙ୍କ ଉଦ୍ଦେଶ୍ୟରେ ଏବଂ ଦୁଷ୍କର୍ମ ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ଗାଁର ମା ଭଉଣୀମାନେ ନିଜ ଗାଁରେ, ସାହିରେ ବା ଘରେ ମହମବତୀ ଜାଳି ନିଜକୁ ଏହି ମହା ଆନ୍ଦୋଳନରେ ସାମିଲ କରିବାକୁ ଶ୍ରୀ ଦାସ ନିବେଦନ କରିଛନ୍ତି । ପୁରୁଷମାନେ ମହିଳାଙ୍କୁ ଇଜ୍ଜତ ଦେବାକୁ ଆଗେଇ ଆସିବାକୁ ଶ୍ରୀ ଦାସ ଆହ୍ୱାନ କରିଛନ୍ତି । ନାରୀମାନଙ୍କ ପ୍ରତି ବିଜେପି ସରକାର ଯେଉଁ ଅବିଚାର କରୁଛି ତାର ପରିଣାମ ନିଶ୍ଚିତ ଭୋଗିବେ ବୋଲି ଶ୍ରୀ ଦାସ ଚେତାବନୀ ଦେଇଛନ୍ତି । ଆସନ୍ତା ଏପ୍ରିଲ ୧୫ ତାରିଖ ମଙ୍ଗଳବାର ଦିନ ପ୍ରତି ବ୍ଲକ ଓ ସହରରେ ନାରୀ ନ୍ୟାୟ ଏବଂ ୬୦ ହଜାର ନିଖୋଜ ମହିଳାଙ୍କୁ ଖୋଜିବା ପାଇଁ ମଶାଲ ଗ୍ୟାଲି ଏବଂ ଏପ୍ରିଲ ୨୧ ତାରିଖ ସୋମବାର ଦିନ ଜିଲ୍ଲା ସଦର ମହକୁମାରେ ଏହି ପ୍ରସଙ୍ଗରେ ମଶାଲ ର୍‍ୟାଲି କରାଯିବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବା ପାଇଁ ପିସିସି ସଭାପତି ଶ୍ରୀ ଭକ୍ତ ଚରଣ ଦାସ ଘୋଷଣା କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସ୍ଥାନୀୟ ସମସ୍ୟା, କ୍ଷେତପାଇଁ ପାଣି, ବେକାରୀ ସମସ୍ୟା, ଖଣି ଦୁର୍ନୀତି, ଅନ୍ୟାନ୍ୟ ସରକାରୀ ଦୁର୍ନୀତି, ଚାଷ ଓ ଚାଷୀ ସମସ୍ୟା ପ୍ରସଙ୍ଗ ଗୁଡ଼ିକ ମଧ୍ୟ ଅନ୍ତର୍ଭୁକ୍ତ ହେବ । ଏହା ପରେ କଂଗ୍ରେସର ୩୫ଟି ସାଂଗଠନିକ ଜିଲ୍ଲାରେ ୧୦ କି.ମି. ପଦଯାତ୍ରା ଏବଂ ସମାବେଶ ଆୟୋଜନ ହେବ ଯାହାକୁ ସଫଳ କରିବା ପାଇଁ ସମସ୍ତ ବରିଷ୍ଠ କଂଗ୍ରେସ ନେତାମାନେ ଦାୟୀତ୍ୱ ନ୍ୟସ୍ତ ହେବେ । ଜିଲ୍ଲା କମିଟି ଗଠନ ପାଇଁ ସଂପୃକ୍ତ ଜିଲ୍ଲାର ଜିଲ୍ଲା ଓ ବ୍ଲକର ସମସ୍ତ ନେତୃବର୍ଗଙ୍କ ସହ ଖୋଲା ଆଲୋଚନା ହେବ ଏବଂ ସମସ୍ତଙ୍କ ମତାମତକୁ ନେଇ ଜିଲ୍ଲା କମିଟି ଗଠନ ହେବ।

## ସାରାରାତି ଚେଇଁଲା ବିଧାନସଭା

### ଦେଶ ଦେଖିଲା ରାଜ୍ୟ ଗଣତନ୍ତ୍ର ମନ୍ଦିରରେ ବିରଳ ଦୃଶ୍ୟ, ୨୨ ବର୍ଷ ପରେ ସାରାରାତି ଚାଲିଲା ବିଧାନସଭା

ଭୁବନେଶ୍ୱର, ୩/୪: ଅପରାହ୍ଣ ୪ଟାରୁ ସକାଳ ୭ଟା ଯାଏଁ ୧୫ ଘଣ୍ଟାର ମାରାଥନ୍ ଆଲୋଚନା, ଜୋରଦାର ତର୍କ-ବିତର୍କ। ଦୁଇ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପରେ ବାଜିଲା ବିଧାନସଭା ମୋହର । ଦୀର୍ଘ ଦୁଇ ଦଶନ୍ଧି ପରେ ରାଜ୍ୟ ବ୍ୟବସ୍ଥାପିକା ଇତିହାସରେ ନୂଆ ଫର୍ଦ୍ଦ ଯୋଡ଼ି



ରାତି ତମାମ ଗୃହ ଚାଲିବାକୁ ନେଇ ଏବେ ଜୋରଦାର ଚର୍ଚ୍ଚା । ଦେଶ ଦେଖିଲା ରାଜ୍ୟ ଗଣତନ୍ତ୍ର ମନ୍ଦିରରେ ବିରଳ ଦୃଶ୍ୟ । ବ୍ୟବସ୍ଥାପିକା ଇତିହାସରେ ନୂଆ ଅଧ୍ୟାୟ । ଦୀର୍ଘ ଦୁଇ ଦଶନ୍ଧି ପରେ ସାରାରାତି ଚାହିଁଲା ବିଧାନସଭା । ଜାଗ୍ରତ ରହିଲେ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ । ରାତିତମାମ ସରଗରମ ଆଲୋଚନା । ପୂରାରାତି ଶାସକ-ବିରୋଧୀ ତର୍କ-ବିତର୍କ । ପୁଣି ଶେଷରେ ନିଷ୍କର୍ଷ । ପାସ୍ ହେଲା ଦୁଇ ଦୁଇଟି ବିଲ୍ । କାଲି ଅପରାହ୍ଣ ୪ଟାରୁ ଆଜି ସକାଳ ୭ଟା ୫ । ବିଧାନସଭାରେ ସାଧାଣତଃ ହଙ୍ଗାମା, ହଟ୍ଟଗୋଳ ଓ ବାରମ୍ବାର ଗୃହ ମୁଲତବୀର ଦୃଶ୍ୟ ଦେଖି ଦେଖି ନିରାଶ ଜନଗଣଙ୍କ ପାଇଁ କାଲି କିଛି ଏମିତି ଭିନ୍ନ ଥିଲା, ନୂଆ ନଜିର ସୃଷ୍ଟି କରିଥିଲା ଆମ ବିଧାନସଭା ।ଦୁଇ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପରେ ଲଗାତର ୧୫ ଘଣ୍ଟାରୁ ଅଧିକ କାଳ ଯାଏଁ ଆଲୋଚନା କରି ରଚିଛି ସଫଳତାର ନୂଆ ଫର୍ଦ୍ଦ । ପୂରା ଘଟଣାକ୍ରମ ଥିଲା ଏମିତି । ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଆଗତ କରିଥିବା ଗୁରୁତ୍ୱପୂର୍ଣ୍ଣ ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ଉପରେ ଅପରାହ୍ଣ ୪ଟାରୁ ବିତର୍କ ଆରମ୍ଭ ହୋଇଥିଲା ଯେ ସରୁ ନଥିଲା। ବିଧାନସଭା ଗୃହକାର୍ଯ୍ୟ ରାତି ୯ଟା ପର୍ଯ୍ୟନ୍ତ ଚାଲିବାର ବିଧି ଥିଲେ ବି ମୋସନ୍ ଅଣାଯାଇ ଅବଧି ବଢ଼ାଯାଇଥିଲା, ଘମାଘୋଟ ଆଲୋଚନା ଲମ୍ବିଥିଲା । ଆଉ ଦୀର୍ଘ ସାଢ଼େ ୧୨ ଘଣ୍ଟା ଧରି ବହୁ ତର୍କ-ବିତର୍କ ଏବଂ ଆଲୋଚନା ପରେ ଶେଷରେ ଭୋର ୪ଟା୨୯ରେ ପାରିତ୍ ହେଲା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ୨୦୨୪ । ହେଲେ ଏଇଠି ସରି ନଥିଲା ଗୃହ କାର୍ଯ୍ୟ । ସଙ୍ଗେ ସଙ୍ଗେ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଗତ କରିଥିଲେ ରାଜ୍ୟ ରାଜପଥ ପ୍ରାଧିକରଣ ବିଲ୍ ୨୦୨୪ । ଆଉ ଯା ଉପରେ ବି ଜୋରଦାର ବିତର୍କ ପରେ ବିଲ୍ ପାସ୍ ହେଲା ବେଳକୁ ରାତି ପାହି ସାରି ସକାଳ ୭ ବାଜି ସାରିଥିଲା । ଗୁଣାତ୍ମକ ଆଲୋଚନା, ଲୋକସ୍ୱାର୍ଥରେ ଯୁକ୍ତିସଂଗତ ତର୍କ ବିତର୍କର ବଳିଷ୍ଠ ମଂଚ ବିଧାନସଭା । ଏହାର ଯେମିତି ପୁନଃରୁଦ୍ଧାର କରୁଥିଲା ମୋହନ ସରକାର । ଶାସକ-ବିରୋଧୀ ଲଢ଼େଇ ଜମୁଥିଲା । ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସାରାରାତି ଉପସ୍ଥିତ ରହି ଖାଲି ଆଲୋଚନାର ନେତୃତ୍ୱ ନେଉ ନଥିଲେ, ଅନୁପସ୍ଥିତ ଥିବା ବିଧାୟକଙ୍କୁ ଫୋନ୍ କରି ଗୃହକୁ ଆସିବାକୁ କହୁଥିଲେ । କିନ୍ତୁ ଉପସ୍ଥିତ ନଥିଲେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ତେବେ ବିଜେଡି ବିଧାୟକ ଅରୁଣ ସାହୁ ୩ ଘଣ୍ଟାରୁ ଅଧିକ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଦେଢ଼ ଘଣ୍ଟାରୁ ଅଧିକ ଏବଂ ଗଣେଶ୍ୱର ବେହେରା ଘଣ୍ଟାଏରୁ ଅଧିକ କାଳ ବିଶ୍ୱବିଦ୍ୟାଳୟ ବିଲ୍ ବିପକ୍ଷରେ ମତ ରଖିଥିଲା ବେଳେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଧ ଘଣ୍ଟାଏରୁ ଅଧିକ ସମୟ ଧରି କାଉଣ୍ଟର କରିଥିଲେ । ନୂଆ ସରକାରର ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟ ଅଧିବେଶନରେ ବ୍ୟବସ୍ଥାପିକାର ଏ ଧାରା ଅନେକଙ୍କ ପାଇଁ ନୂଆ ଥିଲା, ନୂଆ ପିଢ଼ିର ନୂଆ ବିଧାୟକଙ୍କୁ ବି ଆହୁରି ରୋମାଞ୍ଚିତ କରୁଥିଲା ସାରାରାତି ବିଲ୍ ଉପରେ ଚିକିନିଖି ଆଲୋଚନାର ନୂଆ ଅନୁଭୂତି । ରାତି ଉଜାଗର ରହି ଆଲୋଚନାରେ ଭାଗ ନେଇଥିବା ଶହେରୁ ଅଧିକ ବିଧାୟକଙ୍କ ଭିତରୁ କିଏ କେତେବେଳେ ମଝିରେ ମଝିରେ ବିଧାନସଭା ଲବିକୁ ଯାଇ ସାଷ୍ଟାଙ୍ଗ ହେଉଥିଲେ ତ କିଛି ସମୟ ପରେ ପୁଣି ଗୃହ କାର୍ଯ୍ୟକୁ ଫେରୁଥିଲେ । କିନ୍ତୁ କାହା ମୁହଁରେ ନଥିଲା କ୍ଳାନ୍ତିର ଚିହ୍ନ । ପୂର୍ବରୁ ୧୯୯୯ ମସିହାରେ ବିଶ୍ୱବିଦ୍ୟାଳୟ ଆଇନ୍ ପାରିତ ବେଳେ ଏବଂ ଶେଷଥର ପାଇଁ ୨୦୦୩ରେ କମିଶନରେଟ୍ ବିଲ୍ ପାସ୍ ହେଲା ବେଳେ ସକାଳ ଯାଏଁ ଚାଲିଥିଲା ବିଧାନସଭା । ଆଉ ପ୍ରାୟ ୨୨ ବର୍ଷ ପରେ ସାରା ରାତି ବିଧାନସଭା ଚାଲି ଦୁଇ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ପାସ୍ ହେବା ମୋହନ ସରକାରର ବଡ଼ ଉପଲବ୍ଧି ବୋଲି କୁହାଯାଉଛି ।

# ବିଧାୟକ ଅଖୋଜା, ସାଂସଦ ଅଲୋଡ଼ା

ଭୁବନେଶ୍ୱର,୩/୪: ବିଜେଡି ସରକାର ସମୟରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀକୁ ସରକାରୀ କାର୍ଯ୍ୟକ୍ରମକୁ ନିମନ୍ତ୍ରଣ କରାଯାଉ ନ ଥିଲା। ୨୦୧୯ରୁ ୨୦୨୪ ପର୍ଯ୍ୟନ୍ତ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଏନେଇ ଅନେକ ଥର ଅଭିଯୋଗ ଆଣିଛନ୍ତି। ତତ୍‌କାଳୀନ ମୁଖ୍ୟମନ୍ତ୍ରୀଙ୍କ କୌଣସି କାର୍ଯ୍ୟକ୍ରମରେ ଭୁବନେଶ୍ୱରର ତିନି ବିଧାୟକ ଓ ମେୟରଙ୍କୁ ଡକାଯାଉଥିବା ବେଳେ ସାଂସଦଙ୍କୁ କାହିଁକି ଖୋଜାଯାଉ ନାହିଁ ସେନେଇ ପ୍ରଶ୍ନ ଉଠାଇଥିଲେ। ଏହାକୁ ନେଇ ସାମ୍ବାଦିକ ସମ୍ମିଳନୀ କରି ବିଏମ୍‌ସି ଉପରେ ବର୍ଷୁଥିଲେ। ପରିବର୍ତ୍ତିତ ପରିସ୍ଥିତିରେ ଏବେ ଓଡ଼ିଶାରେ ବିଜେପି ସରକାର। ମୁଖ୍ୟମନ୍ତ୍ରୀ ବିଜେପିର। ସାଂସଦ ବି ବିଜେପିର। ହେଲେ ସରକାରୀ କାର୍ଯ୍ୟକ୍ରମରେ ସାଂସଦଙ୍କୁ ଦେଖିବାକୁ ମିଳୁ ନାହିଁ। କେତେବେଳେ ନିମନ୍ତ୍ରଣପତ୍ରରେ ସାଂସଦଙ୍କ ନାଁ ରହୁଛି ତ ଆଉ କେବେ ଉଭାନ୍ ହୋଇଯାଉଛି। ତାଲିକାରେ ନାଁ ରହୁଥିଲେ ମଧ୍ୟ ସାଂସଦ ଆସୁନାହାନ୍ତି। ବିଧାୟକଙ୍କ ଅବସ୍ଥା ମଧ୍ୟ ତଦ୍ରୁପ୍। କେଉଁ କାର୍ଯ୍ୟକ୍ରମକୁ ଭୁବନେଶ୍ୱରର ତିନି ବିଧାୟକଙ୍କୁ ଡକାଯାଉଛି ତ ଆଉ କେବେ କେବଳ ବିଜେପି ବିଧାୟକଙ୍କୁ ଡକାଯାଉଛି। ଦୁଇ ଦିନ ହେଲା ସହରରେ ଅନୁଷ୍ଠିତ ଦୁଇଟି ସରକାରୀ କାର୍ଯ୍ୟକ୍ରମକୁ ଦେଖିଲେ ଏହା ସ୍ପଷ୍ଟ ବାରି ହୋଇପଡୁଛି। ଜୟଦେବ ଭବନରେ ମଙ୍ଗଳବାର ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ପାଳିତ ହୋଇଥିଲା। ସନ୍ଧ୍ୟାରେ ଆୟୋଜିତ ଉତ୍ସବ ପାଇଁ ଛପାଯାଇଥିବା ନିମନ୍ତ୍ରଣପତ୍ରରେ ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି ରହିଥିଲେ। ଉତ୍ସବରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଜେପି ବିଧାୟକ ବାବୁ ସିଂ, ବିଜେଡି ବିଧାୟକ ଅନନ୍ତ ନାରାୟଣ ଜେନା ଓ ସୁଶାନ୍ତ କୁମାର ରାଉତ, ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିଲା। ମାତ୍ର ସାଂସଦ କିମ୍ବା ବିଜେଡିର ଦୁଇ ଜଣ ଯାକ ବିଧାୟକ ଆସିଲେ ନାହିଁ। ଅତିଥିଙ୍କ ଲମ୍ବା ତାଲିକା ରହିଥିବାରୁ ଜୟଦେବ ଭବନରେ ଅଧିକ ସଂଖ୍ୟକ ଚେୟାର ମଞ୍ଚରେ ପଡ଼ିଥିବ ବୋଲି ଆଶା କରାଯାଉଥିଲା। ହେଲେ ଯେତିକି ଅତିଥି ଆସିଥିଲେ ସେତିକି ଚେୟାର ହିଁ ଥିଲା। ଏହା ପ୍ରଥମ ଘଟଣା ନୁହେଁ। ପୂର୍ବରୁ ମଧ୍ୟ ବିଜେଡିର ଦୁଇ ବିଧାୟକ ସରକାରୀ କାର୍ଯ୍ୟକ୍ରମରୁ ନିଜକୁ ଦୂରେଇ ରହୁଛନ୍ତି। ଯେଉଁଠି ଦୁଇ ବିଜେଡି ବିଧାୟକଙ୍କୁ ଦେଖିବାକୁ ମିଳୁଛି ସେଠାରେ ବିଜେପି ବିଧାୟକ ଶ୍ରୀ ସିଂ ଦେଖିବାକୁ ମିଳୁନାହାନ୍ତି।

### ସରକାରୀ କାର୍ଯ୍ୟକ୍ରମରେ ଲୁଚକାଳି ଖେଳ

କିଛି ଦିନ ପୂର୍ବରୁ ବିଏମ୍‌ସି କାର୍ଯ୍ୟାଳୟରେ ବସ୍ତିବାସିନ୍ଦାଙ୍କୁ ପଟ୍ଟା ବଣ୍ଟନ ସମୟରେ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସହ ବିଜେଡିର ଦୁଇଜଣ ବିଧାୟକ ଓ ମେୟର ସୁଲୋଚନା ଦାସ ଉପସ୍ଥିତ ଥିଲେ। ହେଲେ ବିଜେପି ବିଧାୟକ ଆସି ନ ଥିଲେ। ଆଜି ବିଧାନସଭା ଶୂନ୍ୟକାଳରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା କହିଥିଲେ, ସରକାରୀ କାର୍ଯ୍ୟକ୍ରମ କିମ୍ବା ସମୀକ୍ଷା ବୈଠକରେ ନିର୍ବାଚିତ ଜନପ୍ରତିନିଧି ବସିବାର ନିୟମ ରହିଛି। ବୁକ୍ ସର୍କୁଲାରରେ ତାହା ସ୍ପଷ୍ଟ ଉଲ୍ଲେଖ ଅଛି। କିନ୍ତୁ ଭୁବନେଶ୍ୱରରେ ସରକାରୀ କାର୍ଯ୍ୟକ୍ରମରେ କିପରି ବିଜେପିର ପରାଜିତ ପ୍ରାର୍ଥୀଙ୍କୁ ବସାଯାଉଛି ? ଯଦି ବିଜେପିର ପରାଜିତ ପ୍ରାର୍ଥୀଙ୍କୁ ବସାଯାଉଛି, ତେବେ ଅନ୍ୟ ଦଳର ହାରିଯାଇଥିବା ପ୍ରାର୍ଥୀଙ୍କୁ କାହିଁକି ବସାଯିବନି ସବୁ ଦଳ ପାଇଁ କ'ଣ ନିୟମ ଭିନ୍ନ ଭିନ୍ନ କି ? ଶ୍ରୀ ଜେନାଙ୍କ ମନ୍ତବ୍ୟ ପରେ ଏକାମ୍ର ବିଧାୟକ ବାବୁ ସିଂହ କିଛି କହିବା ପାଇଁ ହାତ ଟେକିଥିଲେ। ତେବେ ସମୟ ଅଭାବରୁ ବାଚସ୍ପତି ତାଙ୍କୁ ସୁଯୋଗ ଦେଇ ନଥିଲେ। ବଡ଼ଗଡ଼ ହାଇସ୍କୁଲରେ ଆଜି ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ରହିଥିଲେ। ଉତ୍ସବକୁ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ଦୁଇଜଣ ବିଜେପି ବିଧାୟକ ଯଥା ବାବୁ ସିଂ ଓ ପ୍ରଶାନ୍ତ ଜଗଦେବଙ୍କୁ ନିମନ୍ତ୍ରଣ କରାଯାଇଥିଲା। ବିଜ୍ଞାପନରେ ସେମାନଙ୍କ ନାମ ସହ ଭୁବନେଶ୍ୱର ମେୟର ଶ୍ରୀମତୀ ଦାସଙ୍କ ନାଁ ରହିଥିଲା। ବିଜେଡିର କୌଣସି ବିଧାୟକ କିମ୍ବା ବିଜେପି ସାଂସଦଙ୍କ ନାମ ନିମନ୍ତ୍ରଣପତ୍ରରେ ନ ଥିଲା। ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ହୋଇଥିଲେ ମଧ୍ୟ କାହିଁକି ସେମାନଙ୍କ ନାମ ରହିଲାନି ତାହାକୁ ନେଇ ଏବେ ପ୍ରଶ୍ନ ଉଠିଛି। ସେପଟେ ଗତକାଲି କଟକ ଜିଲ୍ଲାର ସତ୍ୟଭାମାପୁରରେ ପାଳିତ ହୋଇଥିବା ଓଡ଼ିଶା ଦିବସ କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବିଧାୟକ ସାମିଲ ହୋଇଥିଲେ। ବିଜେଡି ବିଧାୟକ ପ୍ରଶାନ୍ତ ବେହେରା ଓ ସୌଭିକ ବିଶ୍ୱାଳ, କଂଗ୍ରେସ ବିଧାୟକ ସୋଫିଆ ଫିର୍ଦ୍ଦୋସ, ବିଜେପି ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଓ ଛବି ମଲ୍ଲିକ, ସ୍ୱାଧୀନ ବିଧାୟକ ସାରଦା ପ୍ରଧାନ ଓ ବିଜୟ କୁମାର ଦଳବେହେରା ଉପସ୍ଥିତ ଥିଲେ। କଟକରେ ସରକାରୀ କାର୍ଯ୍ୟକ୍ରମରେ ସମସ୍ତ ବିଧାୟକ ସାମିଲ ହୋଇଥିବା ବେଳେ ଏଠାକାର ନେତାମାନେ କାହିଁକି ଗୋଠଛଡ଼ା ହେଉଛନ୍ତି ତାହାକୁ ନେଇ ପ୍ରଶ୍ନ ଉଠିଛି।

# ବିଧାନସଭାରେ ବିଶ୍ୱବିଦ୍ୟାଳୟ ବିଲ୍ ଗୃହୀତ



ଭୁବନେଶ୍ୱର,୩/୪: ବିଧାନସଭାରେ ପାରିତ ହୋଇଛି ବିଶ୍ୱବିଦ୍ୟାଳୟ ବିଲ୍ । ମାତ୍ର ବିଧାନସଭାରେ ଏହି ବିଲ୍‌କୁ ଜୋରଦାର ବିରୋଧ କରିଛି ବିଜେଡି । ତରବରିଆ ଭାବରେ ବିଶ୍ୱବିଦ୍ୟାଳୟ ବିଲ୍ ପାରିତ କରିବାରେ ସରକାର ସଫଳ ହୋଇଥିଲେ ହେଁ ଏହି ଐତିହାସିକ ଭୁଲ ପାଇଁ ଭବିଷ୍ୟତ ପିଢ଼ି କ୍ଷମା ଦେବେ ନାହିଁ ବୋଲି ବିଜେଡି କହିଛି । ତେଣୁ ଏହି ବିଲ୍‌କୁ ସିଲେକ୍ଟ କମିଟିକୁ ପଠାଇବା ପାଇଁ ଦଳର ସଦସ୍ୟମାନେ ଦାବି କରିଥିଲେ ହେଁ ବିରୋଧୀଙ୍କ ଦାବି ଓ ପ୍ରତିବାଦକୁ ଗ୍ରହଣ କରିନାହାନ୍ତି ସରକାର । ବିଳମ୍ବିତ ରାତିରେ ଧ୍ୱନିମତରେ ବିଶ୍ୱବିଦ୍ୟାଳୟ ବିଲ୍ ଗୃହର ଅନୁମୋଦନ ଲାଭ କରିଛି । ଆଜି ଅପରାହ୍ନରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିଶ୍ୱବିଦ୍ୟାଳୟ (ସଂଶୋଧନ) ବିଲ୍ ଗୃହରେ ଆଗତ କରି ତାହାର ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ । ଏହାପରେ ଆଲୋଚନା ଆରମ୍ଭ ହୋଇଥିଲଶ । ବାଚସ୍ପତି ପ୍ରଥମେ ସଂଧ୍ୟା ୭ଟାରେ ଗୃହ କାର୍ଯ୍ୟ ଅବଧି ଏକ ଘଣ୍ଟା ବୃଦ୍ଧି କରିଥିଲେ । ତା ପରେ ଉପବାଚସ୍ପତି ରାତି ୯ଟା ପର୍ଯ୍ୟନ୍ତ ଗୃହ କାର୍ଯ୍ୟ ବୃଦ୍ଧି କରିଥିଲେ । ତେବେ ରାତି ୯ଟା ପରେ ଗୃହ କାର୍ଯ୍ୟ ବୃଦ୍ଧି କରିବା ପାଇଁ ଶାସକ ଦଳ ମୁଖ୍ୟ ସଚେତକ ସରୋଜ କୁମାର ସାହୁ ପ୍ରସ୍ତାବ ଆଗତ କରିଥିଲେ । ସରକାରୀ ଦଳ ସଦସ୍ୟମାନେ ସମର୍ଥନ କରିବା ପରେ ବାଚସ୍ପତି ପ୍ରଥମେ ରାତି ୧୦ଟା ଏବଂ ପରେ ରାତି ୧୧ଟା ଯାଏ ଗୃହ କାର୍ଯ୍ୟ ବୃଦ୍ଧି କରିଥିଲେ । ଶେଷରେ ଧ୍ୱନୀମତରେ ବିଳମ୍ବିତ ରାତିରେ ଏହି ବିଲ୍ ଗୃହର ଅନୁମୋଦନ ଲାଭ କରିଛି । ଏହାକୁ ବିରୋଧ କରି ବରିଷ୍ଠ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ, କେନ୍ଦ୍ର ସରକାର ଏକ ଗୁରୁତର ତ୍ରୁଟି ଭାବେ ଜାତୀୟ ଶିକ୍ଷା ନୀତି ଲାଗୁ ପାଇଁ ତରବରିଆ ଭାବେ ପଦକ୍ଷେପ ନେଇଥିଲେ । ସେହି ରାସ୍ତାରେ ରାଜ୍ୟ ସରକାର ଯାଇ ବିଶ୍ୱବିଦ୍ୟାଳୟ ଆଇନ୍‌ରେ ପରିବର୍ତ୍ତନ କରିବାକୁ ଯାଉଛନ୍ତି । ଉଚ୍ଚଶିକ୍ଷା ବ୍ୟବସ୍ଥାର ଘରୋଇକରଣ ଆହୁରି ତୀବ୍ର ହେବ । ଜାତୀୟ ଶିକ୍ଷା ନୀତି ଲାଗୁ ସମୟରେ ସଂସଦକୁ ବିଶ୍ୱାସକୁ ନିଆଯାଇ ନଥିଲା । ସେହିପରି ଭାବେ ଓଡ଼ିଶାରେ ବିଶ୍ୱବିଦ୍ୟାଳୟ ଆଇନ୍‌ରେ ସଂଶୋଧନ କରାଯାଉଛି । ମୁନାଫା ପାଇଁ ଶିକ୍ଷାନୁଷ୍ଠାନ ଖୋଲୁଥିବା କର୍ପୋରେଟ୍ ସଂସ୍ଥା ଲାଭବାନ ହେବେ । ରାଜ୍ୟ ଜରିଆରେ ସବୁ କ୍ଷମତା କେନ୍ଦ୍ର ସରକାର ନିଜ ହାତରେ ରଖିବା ପାଇଁ ଯୋଜନାବଦ୍ଧ ଭାବେ କାମ କରୁଛନ୍ତି । ସୁପ୍ରିମ୍ କୋର୍ଟଙ୍କ ସମାଲୋଚନା ଓ ପରାମର୍ଶକୁ ମଧ୍ୟ ଅଣଦେଖା କରାଯାଉଛି । ଆଇନ୍‌ରେ ପରିବର୍ତ୍ତନ କରାଗଲେ ସରକାର ଯାହାକୁ ପାରିବେ ତାକୁ କୁଳପତି କରିଦେବେ । ୟୁଜିସି ଆଇନ୍ ଥାଉ ଥାଉ ସରକାର କ'ଣ ପାଇଁ ବିଶ୍ୱବିଦ୍ୟାଳୟ ସଂଶୋଧନ ପାଇଁ ଉଦ୍ୟମ କରୁଛନ୍ତି ତାହା ବୁଝାପଡୁ ନାହିଁ ବୋଲି ଶ୍ରୀ ସ୍ୱାଇଁ କହିଥିଲେ । ବିଜେଡି ବିଧାୟକ ଅରୁଣ କୁମାର ସାହୁ କହିଥିଲେ କେନ୍ଦ୍ର ସରକାରଙ୍କର ଜାତୀୟ ଶିକ୍ଷା ନୀତି ଆମର ଶୈକ୍ଷିକ ବାତାବରଣକୁ ଧ୍ୱଂସ କରିଦେବ । ସେଥିପାଇଁ ଅନେକ ରାଜ୍ୟ ଏହାକୁ ଲାଗୁ ନ କରିବା ପାଇଁ ଖୋଲାଖୋଲି କହିଛନ୍ତି । କେନ୍ଦ୍ରକୁ ଖୁସି କରିବା ପାଇଁ ରାଜ୍ୟ ସରକାର ଯେମିତି ହେଉ ବିଶ୍ୱବିଦ୍ୟାଳୟ ଆଇନ୍‌ରେ ସଂଶୋଧନ କରିବା ପାଇଁ ଲାଗିଛନ୍ତି । ରାଜ୍ୟ ସରକାରଙ୍କ ଆଇନ୍ ଅନୁସାରେ ବିଶ୍ୱବିଦ୍ୟାଳୟ ଯଦି ପ୍ରତିଷ୍ଠା ହେଉଛି, ରାଜ୍ୟ ସରକାର ଅର୍ଥ ଦେଉଛନ୍ତି ତା ହେଲେ ଏହାର ନିୟନ୍ତ୍ରଣ କାହିଁକି ରାଜ୍ୟ ସରକାରଙ୍କ ହାତରେ ରହିବ ନାହିଁ ? ବିଶ୍ୱବିଦ୍ୟାଳୟକୁ ପାରଦର୍ଶୀ କରିବା ପାଇଁ ଆଇନରେ ପରିବର୍ତ୍ତନ ଆବଶ୍ୟକ ବୋଲି ସରକାର କହୁଛନ୍ତି । ତା ହେଲେ କ'ଣ ଆଜି ଯାଏ ଯେତେ ବିଦ୍ୱାନ ଆମ ବିଶ୍ୱବିଦ୍ୟାଳୟର ପାଠ ପଢ଼ିଛନ୍ତି ସେମାନେ କ'ଣ ସଚ୍ଚୋଟ ନୁହଁନ୍ତି ? ଏପରି ବ୍ୟବସ୍ଥା କରାଯାଇଛି, ଜଣେ ପାଠ ପଢ଼ିବ ଗୋଟେ ବିଷୟରେ ଆଉ ଅଧ୍ୟାପକ ହେବ ଆଉ ଗୋଟେ ବିଷୟରେ । ଯାହାର ଶିକ୍ଷାନୁଷ୍ଠାନ ସମ୍ପର୍କରେ ସାମାନ୍ୟତମ ଜ୍ଞାନ ନଥିବ ସେ କୁଳପତି ଆସନରେ ବସିବେ । ବିଦ୍ୱାନ ପ୍ରାର୍ଥୀଙ୍କୁ କୁଳପତି ନିଯୁକ୍ତି ଦେବାକୁ ମନା କରୁଛନ୍ତି, କିନ୍ତୁ ସେହି ବ୍ୟକ୍ତିକୁ ଭଲ ଭାବେ ପରୀକ୍ଷା କରି ଓପିଏସ୍‌ସି ଚୟନ କରୁଛି । କିନ୍ତୁ ଓପିଏସ୍‌ସି ହାତରୁ ବିଶ୍ୱବିଦ୍ୟାଳୟ ନିଯୁକ୍ତି କ୍ଷମତା କାଢ଼ି ନିଆଯାଉଛି । ବିଶ୍ୱବିଦ୍ୟାଳୟକୁ ଭଲ କୁଳପତି ମିଳିବେ ନାହିଁ । ସୁପ୍ରିମ୍ କୋର୍ଟରେ ଗୋଟିଏ ବିଲ୍‌କୁ ନେଇ ବିଚାର ଚାଲିଥିବା ବେଳେ ସରକାର ବିଧାନସଭାରେ ଆଉ ଗୋଟିଏ ବିଲ୍ ଆଣିବାର ତାତ୍ପର୍ଯ୍ୟ କ'ଣ ? ଶିକ୍ଷାକୁ ନେଇ ରାଜନୀତି ନ ହେଉ । ବିଶ୍ୱବିଦ୍ୟାଳୟ ମେସିନ୍ ତିଆରି କାରଖାନାରେ ପରିଣତ ନ ହେଉ । ନଚେତ ଆମ ଭବିଷ୍ୟତ ପିଢି ଆମକୁ କ୍ଷମା ଦେବ ନାହିଁ ବୋଲି କହିଥିଲେ । ବିଜେଡି ସଦସ୍ୟ ଗଣେଶ୍ୱର ବେହେରା କହିଥିଲେ, ବିଶ୍ୱବିଦ୍ୟାଳୟ ଆମ ଦେଶର ଭାଗ୍ୟ ନିର୍ଦ୍ଧାରଣ କରିଥାଏ । କିନ୍ତୁ ବିଶ୍ୱବିଦ୍ୟାଳୟକୁ ସଶକ୍ତ କରିବା ବଦଳରେ ସରକାର ତାହାର ବିପରିତ କାର୍ଯ୍ୟ କରୁଛନ୍ତି । ବିଶ୍ୱବିଦ୍ୟାଳୟ ସଂଖ୍ୟା ବଢୁଛି, ହେଲେ ଗୁଣବତ୍ତା ବଢୁ ନାହିଁ । ଏହି ବିଲ୍ ବିଶ୍ୱବିଦ୍ୟାଳୟର ସ୍ୱଚ୍ଛତା, ସ୍ୱାୟତ୍ତତା ଓ ସ୍ୱାଚ୍ଛନ୍ଦ କିପରି ସୁନିଶ୍ଚିତ କରିବ ତାହା ଆଦୌ ସ୍ପଷ୍ଟ ନୁହେଁ । ଗୋଟିଏ ଆଇନ୍‌ରେ ସବୁ ପ୍ରକାର ବିଶ୍ୱବିଦ୍ୟାଳୟ ଚାଲିପାରିବ ନାହିଁ । ବିଶ୍ୱବିଦ୍ୟାଳୟକୁ ଏକ ସରକାରୀ ବିଭାଗ ଭାବେ ବିବେଚନା କରାନଯାଉ । କୁଳପତିଙ୍କୁ ସରକାରଙ୍କ ଏଜେଣ୍ଟ କରାନଯାଉ । ନଚେତ ବିଶ୍ୱବିଦ୍ୟାଳୟର ନିଜତ୍ୱ ହରାଇ ବସିବ । ବିଜେଡି ବିଧାୟକ ଧ୍ରୁବ ଚରଣ ସାହୁ, ରମେଶ ବେହେରା ପ୍ରମୁଖ ବିଲ୍‌କୁ ବିରୋଧ କରିଥିଲେ । ଅନ୍ୟପକ୍ଷରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍ କହିଛନ୍ତି ଯେ କୌଣସି ସମାନ ବିଷୟ ଓ ପ୍ରସଙ୍ଗକୁ ଉଭୟ ସଂସଦ ଲାଗୁ କରିଥିବେ ଓ ଯଦି ଏଥିରେ ଅସଙ୍ଗତି ଥିବ, ତେବେ ରାଜ୍ୟରେ ଏହା କାର୍ଯ୍ୟକାରୀ ହୋଇପାରିବ ନାହିଁ । ଆମର ଦୀର୍ଘଦିନ ଧରି ବିଭିନ୍ନ ବିଶ୍ୱ ବିଦ୍ୟାଳୟରେ କୁଳପତି ପଦବୀ ଖାଲି ପଡିଥିଲା । ପୂର୍ବ ସଂଶୋଧିତ ଆଇନର ଯେଉଁ କଥାକୁ ୟୁଜିସି ବିରୋଧ କରିଥିଲା, ଆମେ ସେଥିରେ ସଂଶୋଧନ ଆଣିଛୁ । ଏବେ ସିଣ୍ଡିକେଟ ବୈଠକ ପାଇଁ କୁଳପତିଙ୍କୁ ଅଫିସରଙ୍କ ଅନୁମତି ଆଣିବାକୁ ପଡୁଛି, ଅଫିସର କୁଳପତି ନିଯୁକ୍ତି ଦେଉଥିବାରୁ ବିଶ୍ୱ ବିଦ୍ୟାଳୟର ସ୍ୱାୟତ୍ତତା ରହୁନାହିଁ । ଏବେ ଅଧ୍ୟାପକ ନିଯୁକ୍ତିରେ କୌଣସି ପ୍ରକାର ସାଲିସ କରାଯିବ ନାହିଁ । ୟୁଜିସିର ନିୟମ ଅନୁଯାୟୀ ନିଯୁକ୍ତି ହେବ । ଆମେ ୨୦୨୦ ବିଶ୍ୱ ବିଦ୍ୟାଳୟ ଆଇନକୁ ସମ୍ପୂର୍ଣ୍ଣ ବଦଳାଉନୁ । ଅଣ ଶିକ୍ଷକ ପଦବୀ ପାଇଁ ନିଯୁକ୍ତି ପୁରୁଣା ବ୍ୟବସ୍ଥାରେ ହେବ । ଏବେ ରାଜ୍ୟରେ ବିଶ୍ୱ ବିଦ୍ୟାଳୟ ଗୁଡ଼ିକ ମୋଟ ୩୫ ପ୍ରତିଶତ ଶିକ୍ଷକ ପଦବୀ, ୨୯ ପ୍ରତିଶତ ଅଣ ଶିକ୍ଷକ ପଦବୀରେ ଚାଲିଛି । ୮ ଟି ସରକାରୀ ବିଶ୍ୱ ବିଦ୍ୟାଳୟର ନାକ ମାନ୍ୟତା ଥିବା ବେଳେ ୯ ଟିର ନାକ ମାନ୍ୟତା ନାହିଁ । ତେଣୁ ଆମେ ସବୁ ପଦବୀ ପୂରଣ କରିବା ପାଇଁ ଓଡ଼ିଶା ବିଶ୍ୱ ବିଦ୍ୟାଳୟ ସଂଶୋଧନ ବିଲ ଆଣିଛୁ ବୋଲି ମନ୍ତ୍ରୀ କହିଥିଲେ । ଏହାପରେ ଏହି ଆଇନରେ ଥିବା ୧୨ଟି ଧାରା ଓ ଗୋଟିଏ ଅନୁସୂଚୀ ଉପରେ ବିରୋଧୀ ଆଣିଥିବା ସଂଶୋଧନ ପ୍ରସ୍ତାବ ଉପରେ ଆଲୋଚନା ହୋଇ ବିଲଟି ଗୃହୀତ ହୋଇଥିଲା ।

## ଜିଆଇ ଟ୍ୟାଗ୍ ଅପେକ୍ଷାରେ କୋରାଖଇ



ଭୁବନେଶ୍ୱର,୩/୪: ଆଉ କେଇଟା ଦିନ ପରେ ରୁକୁଣା ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି । ସେ ନେଇ ଚଳଚଞ୍ଚଳ ରାଜଧାନୀ । ସେହିପରି ଲିଙ୍ଗରାଜଙ୍କ ପାଇଁ କୋରାଖଇ ପ୍ରସ୍ତୁତିରେ ମଧ୍ୟ କାରିଗର ଲାଗିପଡ଼ିଛନ୍ତି । ରଥଯାତ୍ରା ପାଇଁ କୋରାଖଇର ବିଶେଷ ପ୍ରସ୍ତୁତି ଚାଲିଛି । ବର୍ତ୍ତମାନ କୋରାଖଇର ବାସ୍ନାରେ ମହକୁଛି ପୁରୁଣା ଭୁବନେଶ୍ୱର ଅଞ୍ଚଳ । ଅନ୍ୟ ଦୋକାନ ଅପେକ୍ଷା ପୁରୁଣା ଭୁବନେଶ୍ୱରର ବଇଆ କୋରାଖଇ ହିଁ ସବୁଠୁ ପୁରୁଣା ବୋଲି ମାନ୍ୟତା ରହି ଆସିଛି । ଏହି ବଇଆ କୋରାଖଇ କେବଳ ଯେ ଓଡ଼ିଶା ଲୋକଙ୍କୁ ପସନ୍ଦ ତାହା ନୁହଁ ବରଂ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କୁ ମଧ୍ୟ ବେଶ ପସନ୍ଦ ଆସୁଛି । ପୁରୁଣା ଭୁବନେଶ୍ୱରର କୋରାଖଇକୁ ନେଇ ଯେତିକି ଐତିହ୍ୟ ଓ ସଂସ୍କୃତି ରହିଛି ତାହାର ପରମ୍ପରା ମଧ୍ୟ ସେତିକି ପୁରୁଣା ପ୍ରାୟ ୩ ଶହ ବର୍ଷ ପୁରୁଣା କୋରାଖଇ ଓଡ଼ିଶାର ଦେବାଦେବୀଙ୍କ ସହ ଜଡ଼ିତ । ଆଉ ଶ୍ରୀଜଗନ୍ନାଥ ଏବଂ ଶ୍ରୀଲିଙ୍ଗରାଜଙ୍କ ସହ ସମ୍ପର୍କ ମଧ୍ୟ ବହୁତ ପୁରୁଣା । ଶ୍ରୀଲିଙ୍ଗରାଜଙ୍କ ପାଖରେ ହେଉଥିବା କୋରାଖଇ ଭୋଗ ଏବେ ବିଶ୍ୱ ପ୍ରସିଦ୍ଧ ହେବା ସହ ଏବେ ଓଡ଼ିଶାର ବିଭିନ୍ନ ମନ୍ଦିରର ଭୋଗ ହୋଇପାରିଛି । ପୁରୁଣା ଭୁବନେଶ୍ୱରର ଆଖପାଖ ଅଞ୍ଚଳରେ ବିଭିନ୍ନ ପ୍ରକାର କୋରାଖଇ ଦେଖିବାକୁ ମିଳେ । ମାତ୍ର 'ବଇଆ କୋରାଖଇ' ସବୁଠୁ ପୁରୁଣା ଦୋକାନ ବୋଲି ଜଣାଯାଏ । ଏଠାରେ ରୁଚି ଅନୁଯାୟୀ କୋରାଖଇ ମିଳିଥାଏ । ଦେବାଦେବୀଙ୍କ ପାଖରୁ ଭୋଗ ଲାଗିବା ପରେ ତାଙ୍କ ବିକ୍ରି ଆରମ୍ଭ ହୁଏ ବୋଲି କୋରାଖଇ ପ୍ରସ୍ତୁତ କରୁଥିବା ଭାଗବତ ସାହୁ କୁହନ୍ତି । ତାଙ୍କ କହିବା ଅନୁଯାୟୀ ପୁରୁଣା ଭୁବନେଶ୍ୱରର କୋରାଖଇର ଯେତିକି ସ୍ୱତନ୍ତ୍ରତା ରହିଛି ତା'ର ପ୍ରସ୍ତୁତି ପ୍ରଣାଳୀ ବି ଠିକ ସେଇଭଳି ନିଆରା । ତାଙ୍କ କହିବା ଅନୁଯାୟୀ ବିଶେଷ କରି ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା, ଗଣେଶ ପୂଜା, ମକର ସଂକ୍ରାନ୍ତି, ଧନୁ ସଂକ୍ରାନ୍ତି ଏବଂ ଜନ୍ମାଷ୍ଟମୀରେ ଅନ୍ୟ ଦିନ ଅପେକ୍ଷା କୋରାଖଇର ବିକ୍ରି ଅଧିକ ହୋଇଥାଏ । ରଥଯାତ୍ରା ସମୟରେ ବିଭିନ୍ନ ସ୍ଥାନରୁ ଲୋକ ଏଠାକୁ ଆସିଥାନ୍ତି । ତେଣୁ ଭୋଗ ଚଢ଼ାଇବା ପାଇଁ ପ୍ରଥମେ ଏହାକୁ ହିଁ ଖୋଜିଥାନ୍ତି । ଏହା ସହିତ ନିଜ ସମ୍ପର୍କୀୟଙ୍କ ପାଇଁ କିଣି ନେଇଥାନ୍ତି । ଅନ୍ୟଦିନ ଅପେକ୍ଷା ବର୍ତ୍ତମାନ ବିକ୍ରି ମଧ୍ୟ ଅଧିକ ହେଉଛି ।

## ନଈନାଳ ଶୁଷ୍କ, ଉଜୁଡ଼ିବ ମକା ଫସଲ: ୬ ମାସ ହେଲା ବର୍ଷା ନାହିଁ



ନବରଙ୍ଗପୁର,୩/୪: ନବରଙ୍ଗପୁର ଜିଲ୍ଲାରେ ୬ମାସ ହେଲା ବର୍ଷା ନାହିଁ । ଯାହାର ପ୍ରଭାବ ଛୋଟବଡ଼ ନଈ ଓ ନାଳ ଉପରେ ପଡ଼ିଛି । ନଦୀରେ ଝର ନଥିବାରୁ ଚୁଆ ଖୋଳି ଲୋକ ପାଣି ସଂଗ୍ରହ କରୁଛନ୍ତି । ଏମିତି ସ୍ଥିତିରେ ରବି ଫସଲ ଉଜୁଡ଼ିବା ନେଇ ଚିନ୍ତାରେ ରହିଛନ୍ତି ଚାଷୀ । ନବରଙ୍ଗପୁର ଜିଲ୍ଲାର ଅର୍ଥନୀତି କୃଷି ଉପରେ ନିର୍ଭର କରୁଛି । ରବି ଋତୁରେ ଚାଷୀମାନେ ମକା ଚାଷ କରନ୍ତି । ଜିଲ୍ଲାରେ ୧୦ହଜାର ହେକ୍ଟର ଜମିରେ ମକା ଚାଷ ହେଉଛି । ଯଦି ଜଙ୍ଗଲ ଜମିରେ ହେଉଥିବା ଚାଷକୁ ମିଶାଇ ଦିଆଯିବ ତେବେ ପ୍ରାୟ ୨୦ହଜାର ହେକ୍ଟର ଜମିରେ ମକା ଚାଷ କରାଯାଉଛି । ଡିସେମ୍ବର ଓ ଜାନୁଆରି ମାସରେ ମକା ବିହନ ବୁଣିଲେ ମାର୍ଚ୍ଚ ଓ ଏପ୍ରିଲ୍ ମାସ ବେଳକୁ ଗଛରେ ଫୁଲ ଆସିଥାଏ । ମେ' ମାସରେ ମକା ଉତ୍ପାଦନ ହୋଇଥାଏ । ମକା ଚାଷ ପାଇଁ ନିୟମିତ ବ୍ୟବଧାନରେ ବର୍ଷା କିମ୍ବା ପାଣି ମଡ଼ାଇବାକୁ ପଡ଼ିଥାଏ । ବିଶେଷ କରି ଗଛରେ ଫୁଲ ଧରିବା ସମୟରେ ପର୍ଯ୍ୟାପ୍ତ ପାଣିର ଆବଶ୍ୟକ ହୁଏ । ବିଡ଼ମ୍ବନା ହେଲା ଗତ ଅକ୍ଟୋବର ମାସରୁ ଜିଲ୍ଲାରେ ଆଦୌ ବର୍ଷା ନାହିଁ । ଅକ୍ଟୋବରରେ ମାତ୍ର ୩୩ମିମି ବର୍ଷା ହୋଇଥିବା ବେଳେ ନଭେମ୍ବରରେ ଆଦୌ ବର୍ଷା ହୋଇନଥିଲା । ଡିସେମ୍ବରରେ ୫୪ମିମି ବର୍ଷା ହୋଇଥିବା ବେଳେ ଜାନୁଆରିରୁ ମାର୍ଚ୍ଚ ମଧ୍ୟରେ ଆଦୌ ବର୍ଷା ହୋଇନାହିଁ । ତେଣୁ ଫେବ୍ରୁଆରି ମାସରୁ ସମସ୍ତ ନଈନାଳ ଶୁଖିଲା ପଡ଼ିଛି । ବର୍ଷା ଅଭାବ ଯୋଗୁଁ ଭୂତଳ ଜଳସ୍ତର କମିଯାଇଛି । ତେଣୁ ଗଭୀର ନଳକୂପରୁ ବି ଆବଶ୍ୟକ ପାଣି ବାହାରୁ ନାହିଁ । ମକା ଫସଲ ଶୁଖି ହଳଦିଆ ପଡ଼ିଲାଣି । ଫଳରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ଚାଷୀ ଫସଲ ଉଜୁଡ଼ିବା ଆଶଙ୍କାରେ ଚିନ୍ତାରେ ପଡ଼ିଛନ୍ତି । ଜିଲ୍ଲାର ମୁଖ୍ୟ ନଦୀ ଚନ୍ଦାହାଣ୍ଡିର ତେଲ, ଭଣ୍ଡାର, ଝରିଗାଁର ସତୀ, ଫୁଫୁଗାଁ, ଉମରକୋଟର ଭାସ୍କେଲ, ଡାବୁଗାଁର ଅଙ୍ଗ, ଭାସ୍କେଲ, ପାପଡ଼ାହାଣ୍ଡିର ଟୁରୀ, ନବରଙ୍ଗପୁର ଦେଇ ଇନ୍ଦ୍ରାବତୀ ଓ ଗୁନଥାଟ୍ ନଦୀ ସମେତ ଜିଲ୍ଲାର ସମସ୍ତ ବ୍ଲକରେ ପ୍ରାୟ ଶହେରୁ ଅଧିକ ନାଳ ପ୍ରବାହିତ ହୋଇଛି । ଏବେ ସମସ୍ତ ନଦୀନାଳ ଶୁଷ୍କ ଅବସ୍ଥାରେ ରହିଛି । ନଈନାଳର ଉପରମୁଣ୍ଡରେ ଚେକ୍‌ଡ୍ୟାମ କିମ୍ବା ବ୍ୟାରେଜ୍ ନଥିବାରୁ ଖରା ଦିନେ ପାଣି ସଞ୍ଚିତ ହୋଇ ରହୁନି । ନଦୀ ଶଯ୍ୟାରେ ଚାଷୀ ପାଣି ଟିକେ ପାଇବା ପାଇଁ ଜେସିବି ଲଗାଇ ଖାତ ଖୋଳୁଥିବା ବେଳେ ସେହି ପାଣି ବି ନିଅଣ୍ଟ ପଡୁଛି । ବଡ଼ ପୋଖରୀ ଓ ଜଳଉତ୍ସ ବି ଶୁଖିଲାଣି । ଯଦି କାଳବୈଶାଖୀ ବର୍ଷା ନହୁଏ ତେବେ ମକା ଚାଷ ସଂପୂର୍ଣ୍ଣ ନଷ୍ଟ ହୋଇଯିବ । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାରେ ପ୍ରସ୍ତାବିତ ସମସ୍ତ ଜଳସେଚନ ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଚାଷୀ ଦାବି କରିଛନ୍ତି ।

## ୨୧ କେଜି ଗଞ୍ଜେଇ ଜବତ: ଜଣେ ଗିରଫ

ରାଉରକେଲା: ରାଉରକେଲାରେ ଗଞ୍ଜେଇ ବେପାର ଦିନକୁ ଦିନ ବେଲଗାମ୍ ହେବାରେ ଲାଗିଛି । ନିୟମିତ ବ୍ୟବଧାନରେ ଗଞ୍ଜେଇ ବେପାରୀ ଧରାପଡୁଥିଲେ ହେଁ ବଡ଼ ବଡ଼ ବେପାରୀ ଏବେ ବି ସହରରେ ନିଶାଦ୍ରବ୍ୟ ବ୍ୟବସାୟ ଜାରି ରଖିଛନ୍ତି । ପୁଲିସ ଭୟରେ ନିଜେ ସିଧାସଳଖ ଗଞ୍ଜେଇ ନ କିଣି ଜିଲ୍ଲା ବାହାର ବେପାରୀଙ୍କ ଜରିଆରେ ଗଞ୍ଜେଇ ମଗାଉଛନ୍ତି । ତେବେ ଗଞ୍ଜେଇ ନେଇ ବୌଦ୍ଧରୁ ରାଉରକେଲା ଆସିଥିବା ୨ ଜଣ ଯୁବକଙ୍କୁ ପୁଲିସ ବାନ୍ଧିଛି । ସେମାନଙ୍କ ମଧ୍ୟରେ ଜଣେ ନାବାଳକ ଥିବାବେଳେ ଅନ୍ୟ ଜଣେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ଅଧିନସ୍ଥ ମାଲପଡ଼ା ଅଞ୍ଚଳର ସଞ୍ଜୀବ ଭେଁସରା(୨୬) । ଅଭିଯୁକ୍ତ ସଞ୍ଜୀବକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବାବେଳେ ନାବାଳକକୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି । ସେମାନଙ୍କ ଠାରୁ ୨୧ କେଜି ୨୨୦ ଗ୍ରାମ୍ ଗଞ୍ଜେଇ ସହ ମାରୁତି ଏର୍ଟିଗା (ଓଡି-୩୩ଏକ୍ୟୁ-୭୭୫୮) ଏବଂ ୨ଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି । ସୂଚନାନୁଯାୟୀ, ମଙ୍ଗଳବାର ସକାଳ ପ୍ରାୟ ୫ଟାରୁ ସାଢ଼େ ୫ଟା ମଧ୍ୟରେ ଉଦିତନଗର ପୁଲିସ ବାସନ୍ତୀ କଲୋନି ଅଞ୍ଚଳରେ ପାଟ୍ରୋଲିଂ କରୁଥିଲା । ଏକ ବିଶ୍ୱସ୍ତସୂତ୍ରରୁ ଖବର ପାଇ ଏସ୍‌କେ ଡିଏଭି ପଲିଟେକ୍ନିକ୍ ନିକଟରେ ଏକ ଭୁବନେଶ୍ୱର ଆରଟିଓ ପଞ୍ଜିକୃତ ମାରୁତି ଏର୍ଟିଗା (ଓଡି-୩୩ଏକ୍ୟୁ-୭୭୫୮)କୁ ଅଟକାଇଥିଲା । ତେବେ ପୁଲିସ ଅଭିଯୁକ୍ତ ସଞ୍ଜୀବକୁ ଗିରଫ କରି କୋର୍ଟଚାଲାଣ କରିଥିବାବେଳେ ନାବାଳକକୁ ବାଳସୁଧାର ଗୃହକୁ ପଠାଇ ? ଦେଇଛି । ଗଞ୍ଜେଇ ମାଫିଆ ପ୍ରମୋଦ ଶ୍ରୀବାସ୍ତବ ?ଏବେ ଫେରାର ଥିବା ଜଣାପଡ଼ିଛି । ଅଭିଯୁକ୍ତ ପ୍ରମୋଦ ନାଁରେ ସହରର ଏକାଧିକ ଥାନାରେ ଚୋରି, ଡକାୟତି, ମା ?ପିଟ ଏବଂ ନିଶାଦ୍ରବ୍ୟ କାରବାର ଭଳି ଅନେକ ମାମଲା ରହିଛି ।

### ବିଧାନସଭାରେ ଉଠିଲା ପ୍ରତିମୂର୍ତ୍ତି ରଙ୍ଗ ବଦଳାଇବା ପ୍ରସଙ୍ଗ

## ପୁଣି ରାତାରାତି ସବୁଜ ରଙ୍ଗ କରିଦେଲେ



କଟକ,୩/୪: ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ରଙ୍ଗ ବଦଳାଇବା ଘଟଣାକୁ ନେଇ ରାଜନୈତିକ ହଟଚମଟ ଜାରି ରହିଥିବା ବେଳେ ଆଜି ଏ ପ୍ରସଙ୍ଗ ବିଧାନସଭାରେ ଉଠାଇଛନ୍ତି ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ । ବରପୁତ୍ରମାନଙ୍କୁ ସମ୍ମାନ ଦେଇ ଓଡ଼ିଶା ପକ୍ଷ ପାଳନ କଥା ସରକାର କହୁଥିବା ବେଳେ କଟକରେ ଉତ୍କଳ ଦିବସ ପୂର୍ବ ଦିନ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିର ରଙ୍ଗ ବଦଳାଯିବାର ଉଦ୍ଦେଶ୍ୟ କ'ଣ ବୋଲି ଦେବୀ ପ୍ରଶ୍ନ କରିଥିଲେ । କେଉଁଠି ବିଜୁ ପ୍ରତିମୂର୍ତ୍ତିର ମୁଣ୍ଡ କାଟି ଦିଆଯାଉଛି ତ କେଉଁଠି ରଙ୍ଗ ବଦଳାଇ ଦିଆଯାଉଛି । ବିଜୁବାବୁଙ୍କ ପ୍ରତି ଏଭଳି ଅସମ୍ମାନକୁ ବରଦାସ୍ତ କରାଯିବ ନାହିଁ । ସରକାର ତ୍ରୁଟି ସୁଧାରନ୍ତୁ । ଏଭଳି ଯିଏ କରିଛି, ତା' ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଦେବୀ କହିବା ସହିତ ଏ ପ୍ରସଙ୍ଗରେ ବାଚସ୍ପତିଙ୍କ ରୁଲିଂ ଦାବି କରିଥିଲେ । ମହାନଦୀବିହାର ଓ ପୋତାପୋଖରୀରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିକୁ ସବୁଜରୁ ତମ୍ବା ରଙ୍ଗ କରି ଦିଆଯାଇଥିବା ବେଳେ ହଠାତ୍ ରାତାରାତି ପୁଣି ସବୁଜ ରଙ୍ଗ କରି ଦିଆଯାଇଛି । ଏ ପ୍ରସଙ୍ଗରେ ଆଜି ମୁହଁ ଖୋଲି ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ପ୍ରଭାତରଂଜନ ବିଶ୍ୱାଳ କହିଛନ୍ତି ଯେ ସେ ଏ ପ୍ରତିମୂର୍ତ୍ତି ରଙ୍ଗ ପରିବର୍ତ୍ତନ ସଂପର୍କରେ ସଂପୂର୍ଣ୍ଣ ଅଜ୍ଞ ଥିଲେ । ଖବରକାଗଜରୁ ଏହା ଜାଣିବା ପରେ ମେୟରଙ୍କ ସହ ଆଲୋଚନା ହୋଇଛି । ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ଯେଉଁଠି ଯେଉଁ ରଙ୍ଗର ଥିଲା, ତାହା ସେହିଭଳି କରିବା ପାଇଁ ପରାମର୍ଶ ଦେଇଛନ୍ତି ବୋଲି ପ୍ରଭାତ କହିଛନ୍ତି । ଅନ୍ୟପଟେ ମେୟର ସୁବାସ ସିଂହ କହିଛନ୍ତି ଯେ ଏଭଳି ରଙ୍ଗ ବଦଳାଯିବାକୁ କଟକ ପୌର ନିଗମ ଅଥବା ଜିଲ୍ଲା ପ୍ରଶାସନ ପକ୍ଷରୁ କାହାକୁ କୁହାଯାଇ ନାହିଁ । କେତେକ ବ୍ୟକ୍ତି ଶାସକ ଦଳକୁ ଖୁସି କରିବା ପାଇଁ ହୁଏତ ଏଭଳି ରଙ୍ଗ ବଦଳାଇ ଦେଉଛନ୍ତି । ତେଣୁ ବିଜୁ ବାବୁଙ୍କର ଅଥବା ଅନ୍ୟ ବରପୁତ୍ରଙ୍କର ଯେଉଁଠି ବି ରଙ୍ଗ ବଦଳା ଯାଇଥିବ, ତାହା ମୂଳ ରଙ୍ଗକୁ ଫେରାଇ ଅଣାଯିବ । ଆବଶ୍ୟକ ହେଲେ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ହେବ ବୋଲି ମେୟର ସୁବାସ ସିଂହ କହିଛନ୍ତି । ଗତକାଲି ବିଜେଡିର ରାଜ୍ୟସଭା ସଦସ୍ୟ ଦେବାଶିଷ ସାମନ୍ତରାୟ ଏ ପ୍ରସଙ୍ଗରେ ବିଧାୟକ ସୌଭିକ ବିଶ୍ୱାଳ ଅଥବା ପୂର୍ବତନ ବିଧାୟକ ପ୍ରଭାତରଂଜନ ବିଶ୍ୱାଳ କାହିଁକି ପ୍ରତିବାଦ କରି ସାମନାକୁ ଆସୁ ନାହାନ୍ତି ବୋଲି ପ୍ରଶ୍ନ କରିଥିବା ବେଳେ ଆଜି ପ୍ରଭାତ ପ୍ରତିମୂର୍ତ୍ତିକୁ ପୂର୍ବ ରଙ୍ଗକୁ ଫେରାଇ ଆଣିବା ସପକ୍ଷରେ ମତ ରଖିଛନ୍ତି ।

# ଅକାତକାତ ପାଣି, ଅନିଶ୍ଚିତ ଜୀବନଯାତ୍ରା

## ୨୬ ବର୍ଷ ହେଲା ବାଜିରେ ଲାଗିଛି ଜୀବନ

ଭବାନୀପାଟଣା,୩/୪: ଜଳଭଣ୍ଡାରରେ ଅକାତକାତ ପାଣି । ସେଥିରେ ପୁଣି ଜୀବନକୁ ବାଜି ଲଗାଇ ହୁଲି ଡଙ୍ଗାରେ ୮ କିମି ଯାଏଁ ଅତ୍ୟନ୍ତ ବିପଦଜନକ ଅବସ୍ଥାରେ ଯାତ୍ରା କରୁଛନ୍ତି ଇନ୍ଦ୍ରାବତୀ ବୁଡ଼ି ଅଞ୍ଚଳବାସୀ । ପ୍ରଶାସନଠୁ ଆରମ୍ଭ କରି ଜନ ପ୍ରତିନିଧିଙ୍କ ପର୍ଯ୍ୟନ୍ତ ସମସ୍ତେ ଏ ସମ୍ପର୍କରେ ଅବଗତ । ହେଲେ ଆଜିକୁ ୨୬ ବର୍ଷ ହେଲା ଏମିତି ଚାଲିଛି ଜୀବନଯାତ୍ରା । ଇନ୍ଦ୍ରାବତୀ ଜଳଭଣ୍ଡାରରେ ମଧ୍ୟରେ ରହିଛି କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକ୍‌ର ପୋଡ଼ାପଦର ପଞ୍ଚାୟତ ଅନ୍ତର୍ଗତ ୧୬ଟି ଓ ମାଲିଗାଁ ପଞ୍ଚାୟତର ଝିରି ଗାଁ । ଗ୍ରାମବାସୀଙ୍କ ଯିବା ଆସିବା ପାଇଁ କାଠଡଙ୍ଗା ହିଁ ଏକମାତ୍ର ଭରସା । ପିଡିଏସ୍ ଚାଉଳ ପାଇଁ ଏହି ସବୁ ଗାଁର ଲୋକେ ନିକଟସ୍ଥ ପଞ୍ଚାୟତ ଅଫିସକୁ ଡଙ୍ଗା ଦ୍ୱାରା ଯିବାଆସିବା କରିଥାନ୍ତି । ଦୈନନ୍ଦିନ ସାମଗ୍ରୀ କିମ୍ବା ଡାକ୍ତରଖାନା ଯିବା ପାଇଁ ମଧ୍ୟ ଏହି କାଠଡଙ୍ଗା ଏକମାତ୍ର ମାଧ୍ୟମ । ୧୯୯୯ ମସିହାରେ ୧୧୦ ବର୍ଗ କିମି ପରିବ୍ୟାପ୍ତ ଇନ୍ଦ୍ରାବତୀ ଜଳଭଣ୍ଡାର ସୃଷ୍ଟି ହେବା ପରେ ବିଭିନ୍ନ ଟାପୁମାନଙ୍କରେ ରହିଥିବା ଲୋକମାନଙ୍କର ସାମାଜିକ ଜୀବନ ଓ ଅର୍ଥନୀତି ପ୍ରଭାବିତ ହେଲା । ପରବର୍ତ୍ତୀ ସମୟରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି ମୌଳିକ ସୁବିଧା ମଧ୍ୟ ଅପହଞ୍ଚ ହେବାରେ ଲାଗିଲା । ଆରମ୍ଭ ହେଲା ଏକ ଅନିଶ୍ଚିତ ଜୀବନଯାତ୍ରା । କାଠଡଙ୍ଗା ହିଁ ଜୀବନରେଖା ପାଲଟିଲା । ଡାଇରିଆରେ ମୃତ୍ୟୁ ଓ କ୍ରମାଗତ ଡଙ୍ଗାବୁଡ଼ି ଘଟଣା ଲୋକଙ୍କ ଜୀବନ ଧାରଣକୁ ଦୁର୍ବିଷହ କରିଛି । ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକ୍‌ର ଭୌଗୋଳିକ ପରିସୀମାକୁ ଦୁଇ ଭାଗରେ ବାଣ୍ଟୁଥିବା ଇନ୍ଦ୍ରାବତୀ ଜଳଭଣ୍ଡାର ଉପରେ ଏକ ସେତୁ ନିର୍ମାଣ ପାଇଁ କେନ୍ଦୁଗୁଡ଼ା ଘାଟରୁ ୨୦୧୪ ମସିହାରୁ ପ୍ରସ୍ତୁତି ଆରମ୍ଭ ହେଲା । ୨୦୨୨ ମସିହାରେ ଚୁକ୍ତି ସ୍ୱାକ୍ଷରିତ ହୋଇ ୫୪.୯୯ କୋଟି ଟଙ୍କା ବ୍ୟୟରେ କାର୍ଯ୍ୟ ଆରମ୍ଭ ହେବା ସହିତ ୨୦୨୪ ମସିହାରେ ସେତୁ ପୂର୍ଣ୍ଣାଙ୍ଗ ହେବାର ପରିକଳ୍ପନା କରାଯାଇଥିଲା । ଏବେ ନିର୍ମାଣସ୍ଥଳୀରେ କାହାର ଦେଖା ମିଳୁ ନ ଥିବା ବେଳେ ସେତୁକୁ ନେଇ ଲୋକଙ୍କ ଆଶଙ୍କା ବଢ଼ିବାରେ ଲାଗିଛି । ଅନ୍ୟପଟେ ଡି. ଚେପଟା ଘାଟରୁ କେ. ଚେପଟା ଘାଟ ପର୍ଯ୍ୟନ୍ତ ସଡ଼କ ସଂଯୋଗ ପାଇଁ ଗୋଲାଗାଡ଼ ନଦୀ ଉପରେ ଏକ ସେତୁ ନିର୍ମାଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇ ଟେଣ୍ଡର ଚୂଡ଼ାନ୍ତ କରାଗଲା । କିନ୍ତୁ ଏହାମଧ୍ୟରେ ୬ ବର୍ଷ ବିତି ଯାଇଥିଲେ ମଧ୍ୟ ସେତୁ ନିର୍ମାଣ ପ୍ରକ୍ରିୟା ମୂଳଦୁଆରେ ହିଁ ଅଟକି ରହିଥିବା ଦେଖିବାକୁ ମିଳିଛି । ଏହା ପୂର୍ଣ୍ଣାଙ୍ଗ ହୋଇ ପାରିଥିଲେ ପୋଡ଼ାପଦର ପଞ୍ଚାୟତର ୧୬ଟି ଜଳବନ୍ଦି ଗ୍ରାମ ପାଇଁ ସଂଯୋଗ ବ୍ୟବସ୍ଥା ହେବା ସହିତ ରାୟଗଡ଼ା ଓ ନବରଙ୍ଗପୁର ଜିଲ୍ଲାକୁ ଗମନାଗମନ ସୁବ୍ୟବସ୍ଥିତ ହୋଇପାରିଥାନ୍ତା । ରାଜ୍ୟ ସରକାର ତୁରନ୍ତ ଏ ନେଇ ହସ୍ତକ୍ଷେପ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।



## ହାତୀଛୁଆର ଏକୋଇଶିଆ





ଅନୁଗୁଳ,୩/୪: ପରିବାରରେ ପିଲାଟିଏ ଜନ୍ମ ହେଲେ ଲୋକେ ନାମକରଣ କରିବା ସହିତ ଏକୋଇଶିଆ ପାଳନ କରିଥା'ନ୍ତି । କିନ୍ତୁ ଗୁରଙ୍ଗ ଗାଁରେ ଆଜି ଏକ ହାତୀଛୁଆର ଏକୋଇଶିଆ ପାଳନ କରାଯାଇଛି । ଜଙ୍ଗଲ ସୁରକ୍ଷା ଦିଗରେ ଏହି ଗାଁର ସ୍ୱତନ୍ତ୍ର ପରିଚୟ ରହିଛି । ଆଜି ଗ୍ରାମବାସୀଙ୍କ ବନ୍ୟପ୍ରାଣୀଙ୍କ ପ୍ରତି ଭଲପାଇବାର ଆଉ ଏକ ଉଦାହରଣ ଦେଖିବାକୁ ମିଳିଛି । ଅନୁଗୁଳ ବନାଞ୍ଚଳ ଗୁରଙ୍ଗ ଗାଁର ଲୋକମାନେ ଠେଙ୍ଗା ପାଳି କରି ପ୍ରାୟ ୪୦ ବର୍ଷ ହେଲା ଜଙ୍ଗଲ ସୁରକ୍ଷା କରି ଆସୁଛନ୍ତି । ଫଳରେ ଗାଁ ନିକଟ ଜଙ୍ଗଲରେ ଏବେ ବଡ଼ ବଡ଼ ଶାଳଗଛ ଛିଡ଼ା ହୋଇଛି । ଆଉ ଏହି ଜଙ୍ଗଲ ମଧ୍ୟ ବନ୍ୟଜନ୍ତୁଙ୍କ ସୁରକ୍ଷିତ ବାସସ୍ଥଳୀ ପାଲଟିଛି । ଏହି ଜଙ୍ଗଲରେ ୨୧ ଦିନ ପୂର୍ବରୁ ଏକ ହାତୀଛୁଆ ଜନ୍ମ ହୋଇଥିବା ବେଳେ ଗୁରଙ୍ଗ ଗାଁର ଲୋକମାନେ ଆଜି ହାତୀଛୁଆର ଏକୋଇଶିଆ ଆଡ଼ମ୍ବର ସହକାରେ ପାଳନ କରିଛନ୍ତି । ଏଥିପାଇଁ ଆଜି ଗାଁରେ ଭୋଜିଭାତର ଆସର ମଧ୍ୟ ଜମିଥିଲା । ଗ୍ରାମବାସୀ ଏକାଠି ବସି ଭୋଜି ଖାଇ ଖୁସିରେ ମସ୍‌ଗୁଲ ହୋଇଥିଲେ । ହାତୀଛୁଆର ଦୀର୍ଘ ଜୀବନ କାମନା କରି ସେମାନେ ତ୍ରିନାଥ ମେଳା ଆୟୋଜିତ କରିବା ସହିତ ହୋମଯଜ୍ଞ କରିଥିବା ଜଣାପଡ଼ିଛି । ହାତୀ- ମଣିଷ ଲଢ଼େଇ ପାଇଁ ଉଭୟଙ୍କ ଜୀବନ ବିପଦରେ ପଡୁଥିବା ବେଳେ ଗୁରଙ୍ଗ ଗ୍ରାମବାସୀଙ୍କ ନିଆରା ଉଦ୍ୟମ ପ୍ରଶଂସନୀୟ ।

# ମାଣ୍ଡିଆ ଖାଆନ୍ତୁ, ନିଜ ଶରୀରକୁ ସୁସ୍ଥ ରଖନ୍ତୁ : ସ୍ୱୟଂ ସହାୟକ ମହିଳାଙ୍କୁ ଦିଆଗଲା ମିଲେଟ ପ୍ରଶିକ୍ଷଣ

ବୌଦ୍ଧ ୩/୪(ନି.ପ୍ର): ବୌଦ୍ଧ ଜିଲ୍ଲାର ଏଲ କେ ବି କେ ସଭା ଗୃହ, ସରସରା ରେ ଏକ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ହରଭଙ୍ଗା, କନ୍ଧମାଳ ଓ ବୌଦ୍ଧ ବ୍ଲକ ର ୩୦ ଜଣ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟ ଅଂଶଗ୍ରହଣ କରିଥିଲେ। ଶ୍ରୀ ଅନ୍ନ ଅଭିଯାନ, ବୌଦ୍ଧ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ମିଲେଟ୍ ଭିତ୍ତିକ ଭୋଜନ ପ୍ରସ୍ତୁତି ଶିଖାଇ ମହିଳାମାନଙ୍କୁ ସ୍ୱାସ୍ଥ୍ୟ ସଚେତନତା ଏବଂ ଆର୍ଥିକ ଅଗ୍ରଗତି ଦିଆଯାଇଥିଲା । ଏହି ପ୍ରଶିକ୍ଷଣ ଦ୍ୱାରା ମହିଳାମାନେ ମିଲେଟ୍ ଖାଦ୍ୟ ପ୍ରସ୍ତୁତି ଏବଂ ତାହାକୁ ବ୍ୟବସାୟ ରୂପେ ଉନ୍ନତ କରିପାରିବା ବିଷୟରେ ଜାଣିପାରିଲେ। ପ୍ରଶିକ୍ଷଣର ଉଦ୍‌ଘାଟନ ସଭାରେ ବି ଏ ଓ କନ୍ଧମାଲ୍ ଲଳିତ ସାହୁ, ବି ଏ ଓ ହରଭଙ୍ଗା ସବ୍ୟସାଚୀ ଦାସ, ବି ଏ ଓ ବୌଦ୍ଧ ଏ. ଚୌଧୁରୀ ଙ୍କ ସହ ଅନ୍ୟ କୃଷି ଅଧିକାରୀମାନେ ଉପସ୍ଥିତ ଥିଲେ। ପୁଷ୍ପିତା ପ୍ରଧାନ,ସମ୍ପାଦିକା ଏଲ କେ ବି କେ ଅନୁଷ୍ଠାନ, ଏହି ପଦକ୍ଷେପର ଗୁରୁତ୍ୱ



ବିଷୟରେ ଅଲୋଚନା କରିଥିଲେ। ଜିତେନ୍ଦ୍ର କାର୍ଜୀ, ଶ୍ରୀ ଅନ୍ନ ଅଭିଯାନ, ବୌଦ୍ଧ ପ୍ରଶିକ୍ଷଣର ଉଦ୍ଦେଶ୍ୟ ଏବଂ ମିଲେଟ୍ ଭିତ୍ତିକ ଭୋଜନର ଉପକାରିତା ବିଷୟରେ ସ୍ପଷ୍ଟ କରିଥିଲେ।ଏହି ପ୍ରଶିକ୍ଷଣରେ ସାନ୍ତୋସିନୀ ଦେଓ, ରୋଜାଲିନ ପଟନାୟକ ଏବଂ ସୁବାସିନୀ ଖେତି ମହିଳାମାନଙ୍କୁ ବିଭିନ୍ନ ପ୍ରକାରର ମିଲେଟ୍ ରେସିପି ପ୍ରସ୍ତୁତ କରିବା ଏବଂ ତାହାକୁ ଉପସ୍ଥାପନ କରିବା ପଦ୍ଧତି ବିଷୟରେ ଶିଖାଇଥିଲେ। ଏହି ରେସିପି ମଧ୍ୟରେ ମିଲେଟ୍ ଖିଚଡ଼ି, ମିଲେଟ୍ ଡୋସା, ଏବଂ ମିଲେଟ୍ ଲଡ୍ଡୁ ଇତ୍ୟାଦି ଥିଲା। ମିଲେଟ୍ ଖାଦ୍ୟର ଉପଯୋଗ ଓ ଏହାର ପ୍ରସାରଣ କେବଳ ଗ୍ରାମ୍ୟ ଅଞ୍ଚଳ ପାଇଁ ନୁହେଁ, ବରଂ ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ଏହି ଭୋଜନର ଦାରୁଣ ଚାହିଦା ଅଛି ବୋଲି ପ୍ରଶିକ୍ଷଣ ଶିବିରରେ କୁହାଯାଇଥିଲା । ଶେଷରେ ସୀତାକାନ୍ତ ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିବା ବେଳେ କାର୍ଯ୍ୟକ୍ରମକୁ ସୁପ୍ରିୟା ଦେହୁରୀ ,ଶିଲ୍ପା ସେଠି , ଅମରେନ୍ଦ୍ର, ପୁନିଆ ,ଅନିଲ, ଧରଣୀ, ଅମିତ, ଚନ୍ଦନ,ଶ୍ରୀକାନ୍ତ ଓ ପ୍ରତାପ ମେହେର ସହଯୋଗ କରିଥିଲେ ।

# କେସିଙ୍ଗା ଓକିଲ ସଂଘରେ ଚିତ୍ତ ରଞ୍ଜନ ଭୋଇ ସଭାପତି ଓ ଯୁଗଲ କିଶୋର ଦୀପ ସମ୍ପାଦକ



କେସିଙ୍ଗା,୩/୪(ନି.ପ୍ର): ରାଜ୍ୟ ବାର ଆସୋସିଏସନ ତତ୍ତ୍ୱାବଧାନ ରେ ରାଜ୍ୟର ସମସ୍ତ ଓକିଲ ସଂଘ ରେ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛିଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲ୍ଲା କେସିଙ୍ଗା ଓକିଲ ସଂଘ ରେ ମଧ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ବରିଷ୍ଠ ଆଇନଜୀବୀ ଚିତ୍ତ ରଞ୍ଜନ ଭୋଇ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ସାଧାରଣ ସମ୍ପାଦକ ଭାବେ ଯୁଗଲ କିଶୋର ଦୀପ ନିର୍ବାଚିତ ହୋଇଛନ୍ତି ! ଚିତ୍ତରଞ୍ଜନ ଭୋଇ ୩୬ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ଗୁରୁପ୍ରସାଦ ବଗର୍ତ୍ତୀ ୨୩ଖଣ୍ଡ ଭୋଟ ପାଇଛନ୍ତି ସେହିପରି ସାଧାରଣ ସମ୍ପାଦକ ରେ ଯୁଗଲ କିଶୋର ଦୀପ ୩୪ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ସୌରରଶ୍ମି ନନ୍ଦ ୨୭ ଖଣ୍ଡ ଭୋଟ ପାଇ ପରାଜିତ ହୋଇଛନ୍ତି !ଚଳିତ ଓକିଲ ସଂଘ ନିର୍ବାଚନ ରେ ସଭାପତି ନିର୍ବାଚନ ରେ ଉତ୍ସୁକ୍ତା ନଥିବା ବେଳେ ସାଧାରଣ ସମ୍ପାଦକ ଙ୍କୁ ନେଇ ଅନେକ ଆଇନଜୀବୀ ମଧ୍ୟରେ ଉତ୍ସୁକ୍ତା ଥିବା ଦେଖିବାକୁ ମିଳିଛି ! ଚିତ୍ତରଞ୍ଜନ ଭୋଇ ଲଗାତାର ଭାବେ ଦ୍ୱିତୀୟ ଥର ପାଇ କେସିଙ୍ଗା ଓକିଲ ସଙ୍ଘର ସଭାପତି ହୋଇଥିବା ବେଳେ ଯୁଗଲ କିଶୋର ଦୀପ ମଧ ଦ୍ୱିତୀୟ ଥର ପାଇଁ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି ! ଯୁଗଲ କିଶୋର ଦୀପ ତାଙ୍କର କାର୍ଯ୍ୟକଳ ମଧରେ କେସିଙ୍ଗା ସହର ର ଅନେକ ଜନହିତକର କାର୍ଯ୍ୟକ୍ରମ ରେ ଭାଗ ନେଇଥିବା ବେଳେ କେସିଙ୍ଗା ଅଣ୍ଡରବ୍ରିଜ ଆନ୍ଦୋଳନ ରେ ସକ୍ରିୟ ଭୂମିକା ତୁଲାଇଥିଲେ। ସେହିପରି ଉପସଭାପତି ଭାବେ ଗୋଲକ ବିହାରୀ ପ୍ରଧାନ ନିର୍ଦ୍ୱନ୍ଦ ରେ ନିର୍ବାଚିତ ହୋଇଥିବା ବେଳେ ଯୁଗ୍ମ ସମ୍ପାଦକ ଭାବେ ସଞ୍ଜୀବ କୁମାର ସ୍ୱାଇଁ, କୋଷାଧକ୍ଷ ଭାବେ ସୁକାନ୍ତ କୁମାର ପ୍ରଧାନ, କାର୍ଯ୍ୟକାରୀ ସଭ୍ୟ ଭାବେ ବୈକୁଣ୍ଠ ମହଲା, ହରି ପ୍ରସାଦ ତାଣ୍ଡି, ଲକ୍ଷ୍ମୀକାନ୍ତ ମହଲା, ଶମ୍ଭୁ ପ୍ରସାଦ ପଣ୍ଡା, ଉଦିତ୍ କୁମାର ପ୍ରଧାନ ନିର୍ବାଚିତ ହୋଇଛନ୍ତି ! ଏହି ନିର୍ବାଚନ କୁ ଆଇନଜୀବୀ କାମପାଳ ସାହା ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟ ତୁଲାଇଥିଲେ।

# ଆଜି ଅନ୍ତୋଦୟ ଗୃହ ଯୋଜନାର ଶୁଭାରମ୍ଭ, ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆଭାସୀ ମାଧ୍ୟମରେ କରିବେ ଉଦ୍ଘାଟନ

ବୌଦ୍ଧ୩/୪(ନି.ପ୍ର): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହ ଠାରେ ଅନ୍ତୋଦୟ ଗୃହ ଯୋଜନାର ଜିଲ୍ଲା ସ୍ତରୀୟ ଶୁଭାରମ୍ଭ ମହୋତ୍ସବ ପାଇଁ ଚୁଡାନ୍ତ ପ୍ରସ୍ତୁତି ବୈଠକ ଭାରପ୍ରାପ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ଆଜି ଦିନ ୧୦ ଘଣ୍ଟା ସମୟରେ ମୁର୍ଶୁଣ୍ଡ୧ ପଡିଆ ଠାରେ ଉକ୍ତ ଯୋଜନାର ଆଭାସୀ ମାଧ୍ୟମରେ ଶୁଭାରମ୍ଭ ହେବ । ଏନେଇ ସମସ୍ତ ଚୁଡାନ୍ତ ପ୍ରସ୍ତୁତି ବୈଠକ ସରିଛି । ପ୍ରସ୍ତୁତି, ହିତାଧିକାରୀଙ୍କୁ ସଭା ସ୍ଥଳକୁ ଆଣିବା, ସାଇନେଜ ପ୍ରସ୍ତୁତି, ମାଇକ ବ୍ୟବସ୍ଥା,ଜେନେରେଟର ବ୍ୟବସ୍ଥା, ମେଡିକାଲ ଟିମ, ଷ୍ଟଲ ନିର୍ମାଣ, ଆମ୍ବୁଲାନ୍ସ, ଅଗ୍ନିଶମ, ପୋଲିସ, ମେଡ଼ିସିନ, ଓଆରଏସ ପ୍ରସ୍ତୁତି, ସାନିଟେସନ, ପାଣି, ଅସ୍ଥାୟୀ ଟଏଲେଟ ନିର୍ମାଣ, ଅଗ୍ନିଶମ, ଜନ ଗହଳି ରୋକିବା, ଟ୍ରାଫିକ ବ୍ୟବସ୍ଥା, ପାର୍କିଙ୍ଗ ବ୍ୟବସ୍ଥା, ମଞ୍ଚ ବ୍ୟବସ୍ଥା, ସମସ୍ତ କାଉଣ୍ଟରରେ ବିହିତ ବ୍ୟବସ୍ଥା ଆଦି ଏହି ପ୍ରସ୍ତୁତି ବୈଠକରେ ଆଲୋଚନା କରାଯାଇଥିଲା । ଆଲୋଚନାରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା,ଅତିରିକ୍ତ ଉନ୍ନୟନ ଅଧିକାରୀ ଚାର୍ଲସ ନାଏକ,ଉପ- ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ବୌଦ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୁଧିଷ୍ଠିର ମେହେର, ଅତିରିକ୍ତ ତହସିଲଦାର କୁମୁଦ ଚନ୍ଦ୍ର ଦଳବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ର ସିଂହ ଙ୍କ ସମେତ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ, ଜିଲ୍ଲା ପରିଷଦ କାର୍ଯ୍ୟାଳୟ ର ସମସ୍ତ ଅଧିକାରୀ, କର୍ମଚାରୀ ଏବଂ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ମାନେ ଉପସ୍ଥିତ ଥିଲେ । ଶ୍ରୀ ଦଣ୍ଡସନା ବୈଠକ ରେ ସମସ୍ତ ବିଷୟ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହ ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତ ଅଧିକାରୀ ଏବଂ କର୍ମଚାରୀ ଙ୍କ ସହଯୋଗ କାମନା କରିଛନ୍ତି । ସେହିପରି କନ୍ଧମାଳ, ଓ ହରଭଙ୍ଗା ବ୍ଲକ ପ୍ରଶାସନ ପକ୍ଷରୁ କିପରି ଭାବରେ ସରକାରଙ୍କ ଏଭଳି ଯୋଜନା ର ଶୁଭାରମ୍ଭ ହେବ ସେନେଇ ବିଡ଼ିଓଙ୍କ ତତ୍ତ୍ୱାବଧାନ ରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିବା ଜଣାପଡ଼ିଛି ।

# ଜଳ ସମସ୍ୟା ନେଇ କନିଷ୍ଠ ଯନ୍ତ୍ରୀଙ୍କୁ ଘେରିଲେ ଗ୍ରାମର ମହିଳା

ଖଇରପୁଟ,୩/୪(ନି.ପ୍ର): ଯନ୍ତ୍ରୀଙ୍କୁ ଘେରିଲେ ଗ୍ରାମବାସୀ। ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ରାସବେଡା ପଞ୍ଚାୟତ ଅନ୍ତର୍ଗତ ସିଦ୍ଧିଗୁଡା ଗ୍ରାମରେ ଜଳ ସମସ୍ୟା ନେଇ କନିଷ୍ଠ ଯନ୍ତ୍ରୀଙ୍କୁ ଘେରିଲେ ଗ୍ରାମର ମହିଳା। ଗ୍ରାମରେ ତିନୋଟି ନଳକୂପ ଥିବା ବେଳେ କୌଣସି ବି ନଳକୂପ ରୁ ପାଣି ବାହାରୁ ନାହିଁ। ଗ୍ରାମରେ ଥିବା ଗୋଟିଏ ପମ୍ପ ହାଉସ ରୁ ଗ୍ରାମ କୁ ପାଣି ଜଳ ଯୋଗାଣ ହେଉଥିବା ବେଳେ ଏସସି. ଏମଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଯୋଗୁଁ ତାହା ଠିକ ଭାବରେ ଚାଲିପାରୁନାହିଁ, ତେଣୁ ଗ୍ରାମବାସୀ ପିଇବା ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ତେଣୁ ଆଜି କନିଷ୍ଠ ଯନ୍ତ୍ରୀ ଭୀଷ୍ମ ମଲ୍ଲିକ ସମସ୍ୟା ବିଷୟରେ ଜାଣି ଗ୍ରାମକୁ ଯାଇଥିବା ବେଳେ ଗ୍ରାମର ସମସ୍ତ ମହିଳା ହାଣ୍ଡି, ମାଠିଆ ଧରି କନିଷ୍ଠ ଯନ୍ତ୍ରୀଙ୍କ ସାମ୍ନାରେ ରଖି ପ୍ରତିବାଦ କରିଥିଲେ। ଏ ବାବଦରେ କନିଷ୍ଠ ଯନ୍ତ୍ରୀ ଭୀଷ୍ମ ମଲ୍ଲିକ ଙ୍କୁ ପଚାରିବାରୁ କହିଥିଲେ ଗ୍ରାମରେ ଜଳ ସ୍ତର ନାହିଁ, ତେଣୁ ଗ୍ରାମର



ନଳକୂପ ଗୁଡିକ କାମ କରୁନାହିଁ। ତେଣୁ ଆଜି ଗ୍ରାମ ବାସୀଙ୍କ ସହାୟତାରେ ଏକ ସ୍ଥାନ ଚିହ୍ନଟ କରାଯାଇଛି ସେହି ସ୍ଥାନରେ ନୂତନ ନଳକୂପ ଖୋଳାଯିବ ଏବଂ ପମ୍ପ ହାଉସଟିକୁ ଠିକ ଭାବରେ ଚଲେଇବାକୁ ଏ.ଇ.ଏମଙ୍କୁ ଅନୁରୋଧ କରାଯାଇଛି ଓ ପ୍ରତିବାଦ ସାନ୍ତ ହୋଇଛି।

# କତରକେଲା ସେବାଶ୍ରମ ବିଦ୍ୟାଳୟରେ 'ଆମେ ଜାଣିବା ଆମେ ଜିଣିବା' କାର୍ଯ୍ୟକ୍ରମ

ତୁଷୁରା, ୩/୪(ନି.ପ୍ର): ଶମ୍ଭୁ ପ୍ରସାଦ ସାହୁ: ଟିଟିଲାଗଡ଼ ବ୍ଲକ କତରକେଲା ସେବାଶ୍ରମ ବିଦ୍ୟାଳୟ ଠାରେ 'ଆମେ ଜାଣିବା, ଆମେ ଜିଣିବା' କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ସଂଜୀବ କୁମାର ସାହୁ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି ।କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଏଡବ୍ଲୁଡି ହିମାଂଶୁ ଶେଖର କୁମ୍ଭାର ଏବଂ ସମ୍ମାନୀତ ଅତିଥି ଭାବେ ସିଆରସିସି ଉମେଶ ଚ୍ନ୍ଦ୍ର ସାହୁ ଯୋଗଦେଇଥିଲେ। ଏବଂ ?ବିଦ୍ୟାଦାତ୍ରୀ ମାଁ ସରସ୍ୱତୀଙ୍କ ଫଟୋରେ ପୁଷ୍ପମାଲ୍ୟ ଓ ଧୂପ,ଦ୍ୱିପ,ଦେଇ ପୂଜାର୍ଚ୍ଚନା କରିଥିଲେ ।ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି, ଓ ସମ୍ମାନୀତ ଅତିଥି, ଓ ପ୍ରଧାନଶିକ୍ଷକ ଅଭିଭାବକ, ଶିକ୍ଷକ ଶିକ୍ଷୟତ୍ରୀଓ ଛାତ୍ରଛାତ୍ରୀ, ଭିତରେ କିପ୍ରକାର ଶାରୀରିକ, ମାନସିକ, ବୌଧିକ ବିକାଶ କିପରି ହୋଇ ପାରିବ ତାହା ଛାତ୍ରଛାତ୍ରୀ ଅଭିଭାବ ଙ୍କୁ ପ୍ରାଞ୍ଜଳ୍ୟ ଭାବରେ




ବୁଝାଇଥିଲେ। ଛାତ୍ରଛାତ୍ରୀ, ମାନଙ୍କୁ ନେଇ, ଜି.କେ. ପ୍ରତିଯୋଗିତା, ମନଏକ୍ସନ୍ ପ୍ରତିଯୋଗିତା ଓ ଅନ୍ୟାନ୍ୟ ପ୍ରତିଯୋଗିତା ହୋଇଥିଲା, ଯେଉଁ ଛାତ୍ରଛାତ୍ରୀ ପ୍ରଥମ, ଦ୍ୱିତୀୟ, ତୃତୀୟ, ସ୍ଥାନ ଅଧିକାର କରିଥିଲେ ସେହି ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଉକ୍ତ ସଭାରେ ମଞ୍ଚପରିଚାଳନା କରିଥିଲେ କୁମୁଦିନୀ ମହାନନ୍ଦ ଓ ଧନ୍ୟବାଦ ଅର୍ପଣ କରି ସଭାସଙ୍ଗ କରିଥିଲେ ଗମନ ବେନୁଆ ଗୀତାରାଣୀ ମହାପତ୍ର (ଶିକ୍ଷୟିତ୍ରୀ) ତେଜବତୀ ପ୍ରଧାନୀ, ମମତା ବୁଡ଼େକ,ଭିକ୍ଟୋରିଆ ସାହୁ, ନିତୁସାହୁ , ଜନନୀ ମାଝୀ ଙ୍କ ସହିତ ଶିକ୍ଷକ ଓ ଶିକ୍ଷୟତ୍ରୀ ଉପସ୍ଥିତ ରହି ସଭା କାର୍ଯ୍ୟରେ ସହଯୋଗ କରିଥିଲେ।

# କୋଟପାଡ଼ ଏସ.ଏସ.ଡ଼ି ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ବାର୍ଷିକ ଉତ୍ସବ ପାଳିତ

କୋଟପାଡ଼ ୩/୪(ନି.ପ୍ର): କୋଟପାଡ଼ ସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଅତିଥି ମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ କରାଯାଇ ଉତ୍ସବ ର ଶୁଭାରମ୍ଭ କରାଯାଇଥିଲା। ଉତ୍ସବରେ ସଭାପତି ଭାବରେ ଜିଲ୍ଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି,ମୁଖ୍ୟ ଅତିଥି ଭାବେ କୋଟପାଡ଼ ଏନଏସି ଅଧକ୍ଷ ଏମ.ଶଙ୍କର ରାଓ ଯୋଗ ଦେଇଥିବା ବେଳେ,ମୁଖ୍ୟ ବକ୍ତା ଭାବେ କୋଟପାଡ଼ ମହାବିଦ୍ୟାଳୟର ଅଧକ୍ଷ ଶେଷାନନ୍ଦ ମିଶ୍ର, ବିଧାୟକ ପ୍ରତିନିଧି ବିନାୟକ ଆଚାର୍ଯ୍ୟ,ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଭାପତି ପର୍ଶୁରାମ ସମରଥ,ପରିଚାଳନା କମିଟିର ବର୍ତ୍ତମାନ ସଭାପତି ପୂର୍ଣ୍ଣଚନ୍ଦ୍ର ପୂଜାରୀ ପ୍ରମୁଖ ଯୋଗ ଦେଇ ଉତ୍ସବକୁ ସାଫଲ୍ୟ ମଣ୍ଡିତ



କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସମସ୍ତ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ । ଅତିଥି ମାନଙ୍କ ଦ୍ୱାରା ବହୁମୂଲ୍ୟ ବକ୍ତବ୍ୟ ପୂର୍ବରୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସୁଶ୍ରୀ ପ୍ରମିଳା ପୂଜାରୀ ଓ ପ୍ରିନସିପାଲ ରଞ୍ଜିତା ମହନ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ । ପରେ ପରେ ଉପସ୍ଥିତ ଅତିଥିଗଣ ଉପସ୍ଥିତ ଛାତ୍ରୀ ଓ ଅଭିଭାବକ ମାନଙ୍କୁ ଶିକ୍ଷାର ଗୁରୁତ୍ୱ ବୁଝାଇଥିଲେ ଏବଂ ବିଭିନ୍ନ କ୍ଷେତ୍ରରେ କୃତି ଛାତ୍ରୀ ମାନଙ୍କୁ ଉପସ୍ଥିତ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ପରିଶେଷରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ଏଲ.କେ.ରେଣୁକା ଓ ଶିକ୍ଷକ ଜିତେନ୍ଦ୍ର ନାରାୟଣ ନାଗ ମଞ୍ଚ ପରିଚାଳନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟାଳୟର ଶିକ୍ଷକ ଉମେଶ ଚନ୍ଦ୍ର ବିଶୋଇ, ସନ୍ତୋଷ ସାହୁ,ଶଙ୍କର ବାଘ, ଆଶିଷ କୁମାର ଭୋଇ, ହେମନ୍ତ କୁମାର ବେହେରା, ମୁକ୍ତୁ ମୈନ୍ତି, ଶିକ୍ଷୟିତ୍ରୀ ମମତା କୁମାରୀ ଦାସ,ସନ୍ଧ୍ୟାରାଣୀ ବେହେରା,ଏମ. ଶୈଳଜା,ବନିଶ୍ରୀ ସ୍ୱୟଂପ୍ରଭା, ପ୍ରଗ୍ଯଭା ପାଣିଗ୍ରାହୀ,ରୀନା କୁମାରୀ ବେହେରା,ବନିତା କୁମାରୀ ସ୍ୱାଇଁ, ସସ୍ମିତା ରାଉତ, ସ୍ନେହଲତା ନାୟକ, ଭଲିବଲ ପ୍ରଶିକ୍ଷକ ମନରଞ୍ଜନ ଦାସଙ୍କ ସହିତ ବିଦ୍ୟାଳୟର ସମସ୍ତ କର୍ମଚାରୀ ଆଜିର କାର୍ଯ୍ୟକ୍ରମକୁ ପୂର୍ଣ୍ଣ ସହଯୋଗ କରିଥିଲେ ।

# ଅଗ୍ନିକାଣ୍ଡ ରେ ଜଳିଗଲା ବାସଗୃହ

କୋରେଇ,୩/୪(ନି.ପ୍ର)::କୋରେଇ ବ୍ଲକ ଅନ୍ତର୍ଗତ ଗୌରପୁର ଗ୍ରାମପଞ୍ଚାୟତ ର ତୁଳସୀପୁର ଗ୍ରାମରେ ଆଜି ଭୟା ଭୟ ଅଗ୍ନିକାଣ୍ଡରେ ଜଣକ ବାସ ଗୃହ ଜଳିଯାଇଥିବ ଦେଖିବାକୁ ମିଳିଛି। ସୂଚନା ମୁତାବକ ଆଜି ମଧ୍ୟାହ୍ନ ସମୟରେ କୌଣଷି କାରଣ ରୁ କାହ୍ନୁଚରଣ ପାତ୍ରଙ୍କ ବାସଗୃହରେ ନିଆଁ ଲଗାଯାଇଥିବା ଲୋକ ଦେଖିଥିଲେ ପରେ ସ୍ଥାନୀୟ ଲୋକ ନିଆଁ କୁ ଆୟତ କରିବା ପାଇଁ ସମସ୍ତ ଚେଷ୍ଟା କରି ବିଫଳ ହୋଇଥିଲେ । ନିକଟସ୍ଥ ବୈତରଣୀ ରୋଡ ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ ସେ ଆସି ଅଗ୍ନିକୁ ଆୟତ କରିଥିଲେ ହେଲ ସମସ୍ତ



ଆସବାବ ପତ୍ର ସହ ୪ ବଖରା ଘର ଜଳି ପୋଡ଼ି ନଷ୍ଟ ହୋଇଯାଉଥିଲା। ଉକ୍ତ ଘଟଣାରେ କ୍ଷୟକ୍ଷତି ଆକଳନ କରି ସରକାରୀ ସ୍ତରରେ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବା ସହ ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରି ବାସ ଗୃହ ଯୋଗିଦେବା ପାଇଁ ସାଧାରଣରେ ଦାବୀ ହେଉଛି।

# ତାଳଚେର ଓକିଲସଂଘ ର ନିର୍ବାଚନ

ତାଳଚେର, ୩/୪(ନି.ପ୍ର):ଆଜି ତାଳଚେର ଓକିଲ ସଂଘର ନିର୍ବାଚନ ପ୍ରକ୍ରିୟା ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଛି । ଏହି ନିର୍ବାଚନ ଫଳାଫଳ ମଧ ପ୍ରକାଶ ପାଇଛି । ଏଥିରେସଭାପତି ଭାବେ ବରିଷ୍ଠଆଇନଜୀବୀ ସନ୍ତୋଷ ସାହୁ, ନିର୍ବାଚିତ ହୋଇଥିବାବେଳେ ଉପସଭାପତି ପ୍ରମୋଦ ପ୍ରଧାନ, ସମ୍ପାଦକ ମାନସ ରଞ୍ଜନ ବାଇ, ସହସମ୍ପାଦକ ମାନସ ରାଏ, କୋଷାଧକ୍ଷ ତନୁଜ ପ୍ରଧାନ, ସାଂସ୍କୃତିକ ସେକ୍ରେଟାରୀ ସର୍ଦ୍ଦାର ରୋଜେନ୍ଦ୍ର ସିଂହ, ସେମିନାର କରୁଣାକର ନାୟକ, ଅଡ଼ିଟର୍ ଭାବେ ଜଳନ୍ଧର ବେହେରା ମନୋନୀତ ହୋଇଥିବା ଓକିଲସଂଘ ନିର୍ବାଚନପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀ ହରେକୃଷ୍ଣପାତ୍ର ସୁଚନା ଦେଇଛନ୍ତି। ତେବେ ଆଜି ସଂଧ୍ୟାରେ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଓକିଲ ସଂଘ ସମ୍ମୁଖରେ ବାଣ ଫୁଟାଇ ବିଜୟୀ ପ୍ରାଥୀଙ୍କ ସମର୍ଥକ ମାନେ ଖୁସି ମନାଉଥିବା ଦେଖିବାକୁ ମିଳିଥିଲା ଏବଂ ନବ ନିର୍ବାଚିତ ପ୍ରତିନିଧି ମାନଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଥିବା ଜଣାପଡ଼ିଛି । ଅନ୍ୟ ପକ୍ଷରେ ଆଗାମି ଦିନରେ ବାର ରେ ଥିବା ବିଭିନ୍ନ ସମସ୍ୟା ସମାଧାନ ଦିଗରେ ଏହି ନବ ନିର୍ବାଚିତ ପ୍ରତିନିଧି ମାନେ କାର୍ଯ କରିବା ସହିତ ତାଳଚେର ରେ ଥିବା ବିଭିନ୍ନ ସମସ୍ୟା ଯଥା ଧୂଳି ଧୂଆଁ , ତାଳଚେର ରେ ଚଳିତ ବର୍ଷଠାରୁ ମେଡ଼ିକାଲ କଲେଜ ରେ ରୋଗୀସେବା ଆରମ୍ଭ , ତାଳଚେର ପାଇଁ ଉଦ୍ଦିଷ୍ଟ ଡି ଏମ ଏଫ୍ ପାଣ୍ଠିକୁ ସୁ ନିନିଯୋଗ କରାଇବାରେ ତାଳଚେର ବାର ଆସୋସିଏସନ କାର୍ଯ କରିବା ପାଇଁ ନବ ନିର୍ବାଚିତ ପ୍ରତିନିଧି ମାନେ ପ୍ରକାଶ କରିଛନ୍ତି ।।

# ସୀମାନ୍ତ ବିଜାପୁରରେ ୬ ଜଣ ନକ୍ସଲ ଗିରଫ

ମାଲକାନଗିରି,୩/୪(ନି.ପ୍ର): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ବିଜାପୁର ଜିଲ୍ଲାର ଦୁଇଟି ଭିନ୍ନ ଥାନା ଅଞ୍ଚଳରେ ନକ୍ସଲ ବିରୋଧୀ ଅଭିଯାନ ସମୟରେ ପୋଲିସ ଦ୍ୱାରା ୬ଜଣ ନକ୍ସଲଙ୍କୁ ଗିରଫ କରାଯାଇଛି। ଗିରଫ ହୋଇଥିବା ସମସ୍ତ ନକ୍ସଲ ହତ୍ୟା, ଅପହରଣ ଏବଂ ପୋଡ଼ାଜଳା ଘଟଣାରେ ସମ୍ପୃକ୍ତ ଥିଲେ। ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଜିଲ୍ଲା ପୋଲିସ ଏବଂ ଛତିଶଗଡ଼ ସଶସ୍ତ୍ର ବାହିନୀର ମିଳିତ ଅଭିଯାନ ବେଳେ ଏଡାକାପାଲି ଅଞ୍ଚଳର ଜଣେ ଗ୍ରାମବାସୀଙ୍କ ଅପହରଣ ଏବଂ ହତ୍ୟା ଘଟଣାରେ ସମ୍ପୃକ୍ତ ତିନି ଜଣ ପଳାତକ ନକ୍ସଲଙ୍କୁ ଗିରଫ କରାଯାଇଛି। ଗିରଫ ନକ୍ସଲ ମାନେ ହେଲେ ରମେଶ ମିଚା, ରାକେଶ ଓ୍ୱାଚମ, ବାଜୁ ଓ୍ୱାଚମ। ସେହିପରି ଭୈରମଗଡ଼ ପୋଲିସ ଏବଂ ଡିଆରଜି ଯବାନଙ୍କ ମିଳିତ ଦଳ ଚିହକା ଅଞ୍ଚଳରେ ନକ୍ସଲ ବିରୋଧୀ ଅଭିଯାନ ବେଳେ ଯାନବାହାନ ପୋଡ଼ି ଦେବା ଏବଂ ଲୋକଙ୍କୁ ଆକ୍ରମଣ କରିବା ଘଟଣାରେ ସମ୍ପୃକ୍ତ ତିନି ଜଣ ନକ୍ସଲଙ୍କୁ ଗିରଫ କରାଯାଇଥିଲା। ଗିରଫ ନକ୍ସଲମାନେ ହେଲେ ଲାଲୁ ଭୋଗାମି, ଈଶ୍ୱର କୁପାଲ, ରତିରାମ ଜୁରି। ଗିରଫ ନକ୍ସଲଙ୍କୁ ପଚରା ଉଚରା ପରେ କୋର୍ଟ ଚାଲାଣ



## ସଂପାଦକୀୟ

# ପ୍ରଳୟ ଅଭିମୁଖେ ପୃଥିବୀ

ପୌରାଣିକ ଓ ବୈଜ୍ଞାନିକ ତଥ୍ୟ ଅନୁଯାୟୀ ପୃଥିବୀରେ ଅନେକ ଥର ପ୍ରଳୟ ହୋଇଛି ଏବଂ ପୃଥିବୀରୁ ପ୍ରାୟ ସମସ୍ତ ଜୀବଜଗତ ଲୋପ ପାଇ ପୁଣି ସୃଷ୍ଟିହୋଇଛି। ଆମେମାନେ ବର୍ତ୍ତମାନ ଯୁଗରେ ପୁନଶ୍ଚ ଏକ ପ୍ରଳୟ ଆଡ଼କୁ ଅଗ୍ରସର ହେଉଛେ। କିନ୍ତୁ ପ୍ରାକୃତିକ କାରଣରୁ ନୁହେଁ, ବରଂ ପୃଥିବୀର ଶ୍ରେଷ୍ଠଜୀବ ମନୁଷ୍ୟର କାର୍ଯ୍ୟକଳାପ ଯୋଗୁଁ ଏହା ଘଟିବାକୁ ଯାଉଛି। ଆମେମାନେ କଳକାରଖାନା ସ୍ଥାପନ କରି ଏବଂ ଯାନବାହନର ଅତ୍ୟଧିକ ଉପଯୋଗ କରି ବାୟୁମଣ୍ଡଳକୁ ଏତେ ଅଧିକ ପରିମାଣର ଅଙ୍ଗାରକାମ୍ଳ ଗ୍ୟାସ ନିର୍ଗତ କରୁଛେ ଯେ ତାହା ପ୍ରାକୃତିକ ଉପାୟରେ ଶୋଷିତ ହୋଇପାରୁନାହିଁ। ଫଳରେ ବାୟୁମଣ୍ଡଳରେ ଏହାର ପରିମାଣ ବୃଦ୍ଧି ପାଇ ପୃଥିବୀକୁ ଉତ୍ତପ୍ତ କରୁଛି। ପୃଥିବୀ ଉତ୍ତପ୍ତ ହେବାର ଅନ୍ୟଏକ ପରିଣାମ ହେଉଛି ସମୁଦ୍ର ପତନ ବୃଦ୍ଧି। ଏହା ଦୁଇଟି ଉପାୟରେ ସଂଶ୍ଳିଷ୍ଟ ଅଛି। ପ୍ରଥମତଃ, ଉତ୍ତାପ ବୃଦ୍ଧି ଯୋଗୁଁ ଉଚ୍ଚ ପର୍ବତ ଓ ମେରୁ ପ୍ରଦେଶରେ ଥିବା ବରଫ ଓ ହିମବାହଗୁଡ଼ିକ ତରଳି ସମୁଦ୍ରକୁ ଯାଇ ଜଳସ୍ତର ବୃଦ୍ଧି କରିଥାଏ। ନିକଟରେ ୟୁନେସ୍କୋ ପ୍ରକାଶ କରିଥିବା ଏକ ରିପୋର୍ଟ ଅନୁଯାୟୀ ପୃଥିବୀର ଅନେକ ଅଞ୍ଚଳରେ ଅଧିକ ଉଚ୍ଚରେ ଥିବା ସ୍ଥାନ କମ୍ ଉଚ୍ଚତାରେ ଥିବା ସ୍ଥାନ ଅପେକ୍ଷା ଅଧିକ ଉତ୍ତପ୍ତ ହେଉଛି। ଏହା ହିମବାହଗୁଡ଼ିକର ଗଳନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଛି। ଏହି ରିପୋର୍ଟ ଅନୁଯାୟୀ ୧୯୯୭ ଓ ୨୦୨୦ ମସିହା ମଧ୍ୟରେ ସମଗ୍ର ପୃଥିବୀରେ ବରଫର ପରିମାଣ ୭.୭୯ ପ୍ରତିଶତ ହ୍ରାସ ପାଇଛି। ଦ୍ୱିତୀୟତଃ, ଉତ୍ତପ୍ତ ଜଳର ଆୟତନ ବୃଦ୍ଧି ହୋଇଥାଏ ଏବଂ ସମୁଦ୍ର ଜଳସ୍ତର ବୃଦ୍ଧି ହୋଇଥାଏ। ସମୁଦ୍ର ଜଳର ତାପୀୟ ପ୍ରସାରଣ ହେଉଛି ମୋଟ ସମୁଦ୍ର ପତନ ବୃଦ୍ଧିର ଏକ-ତୃତୀୟାଂଶ।

ଗତ ଫେବୃଆରି ୧୯ ତାରିଖରେ ବିଜ୍ଞାନ ପତ୍ରିକା 'ନେଚର'ରେ ପ୍ରକାଶିତ ଏକ ନିବନ୍ଧରେ ଦର୍ଶାଯାଇଛି ଯେ କେବଳ ଏହି ଶତାବ୍ଦୀରେ ସମୁଦ୍ର ପତନ ଦୁଇ ସେମି ବୃଦ୍ଧି ପାଇଛି। ୨୦୦୦ ମସିହାରୁ ୨୦୧୬ ମସିହା ମଧ୍ୟରେ ପୃଥିବୀରେ ହିମବାହର ଆୟତନ ୨୦ ରୁ ୩୦ ପ୍ରତିଶତ ହ୍ରାସ ପାଇଛି। ଏହି ପରିମାଣ ବର୍ଷକୁ ୩୩୫ ବିଲିୟନ ଟନ୍ ବରଫ ତରଳିବା ସହିତ ସମାନ, ଯାହା ବର୍ଷକୁ ସମୁଦ୍ର ପତନ ୧ ମିମି ବୃଦ୍ଧି କରିଥାଏ। ୧୮୮୦ ମସିହାଠାରୁ ସମୁଦ୍ର ପତନ ୨୧ ରୁ ୨୫ ସେମି ବୃଦ୍ଧି ପାଇଛି। କିନ୍ତୁ ବିଗତ କେତେବର୍ଷ ମଧ୍ୟରେ ଏହି ବୃଦ୍ଧି ପରିମାଣ ତ୍ୱରାନ୍ୱିତ ହୋଇଛି। ଉଦାହରଣ ସ୍ୱରୂପ ୧୯୯୩ ମସିହାରେ ସମୁଦ୍ର ପତନ ୧.୧୮ ସେମି ବଢ଼ିଥିବା ବେଳେ ବର୍ତ୍ତମାନ ଏହା ବର୍ଷକୁ ୦.୪୨ ସେମି ହାରରେ ବୃଦ୍ଧି ପାଉଛି।

ସମୁଦ୍ର ପତନ ବୃଦ୍ଧି ଯୋଗୁଁ ଉପକୂଳ ଅଞ୍ଚଳ ବନ୍ୟାପ୍ଲାବିତ ହେବ, ଯାହା ମନୁଷ୍ୟ ଓ ପ୍ରାକୃତିକ ସଂସ୍ଥିତି ଉପରେ ଭୀଷଣ ପ୍ରଭାବ ପକାଇବ। ବିଶେଷତଃ ଛୋଟ ଛୋଟ ଦ୍ୱୀପଗୁଡ଼ିକର ପରିସ୍ଥିତି ସାଂଘାତିକ ହେବ। ଅନେକ ଉପକୂଳ ଗ୍ରାମ କ୍ରମଶଃ ସମୁଦ୍ରରେ ଲୀନ ହେବ। ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର କେତୋଟି ଗ୍ରାମ ସମୁଦ୍ରରେ ମିଶିଗଲାଣି। 'ଜାତୀୟ ଉପକୂଳ ଗବେଷଣା କେନ୍ଦ୍ର' ସୂତ୍ରରୁ ଜଣାପଡ଼ିଛି ଯେ ୧୯୯୦ ମସିହାରୁ ୨୦୧୬ ମସିହା ମଧ୍ୟରେ କେବଳ ପଶ୍ଚିମବଙ୍ଗ ୯୯ ବର୍ଗ କିମି ଉପକୂଳ ଅଞ୍ଚଳ ହରାଇଛି। 'ସାଇଣ୍ଟିଫିକ୍ ରିପୋର୍ଟ' ପତ୍ରିକାରେ ପ୍ରକାଶିତ ୨୦୨୪ ମସିହାର ଏକ ରିପୋର୍ଟ ଅନୁଯାୟୀ ସମଗ୍ର ପୃଥିବୀରେ ୨୯ ପ୍ରତିଶତ ଲୋକ ସମୁଦ୍ର କୂଳଠାରୁ ୫୦ କିମି ମଧ୍ୟରେ ଏବଂ ୧୫ ପ୍ରତିଶତ ଲୋକ ୧୦ କିମି ଦୂରତା ମଧ୍ୟରେ ବାସ କରୁଛନ୍ତି। ଏକ ଆକଳନରୁ ଜଣାଯାଇଛି ଯେ ୧ ମିଲିମିଟର ସମୁଦ୍ର ପତନ ବୃଦ୍ଧି ସମଗ୍ର ପୃଥିବୀରେ ତିନିଲକ୍ଷ ଲୋକଙ୍କୁ ପ୍ରଭାବିତ କରିବ। ଏହି ପ୍ରକ୍ରିୟାରେ ଭାରତୀୟ ସହରଗୁଡ଼ିକ ମଧ୍ୟରେ ମୁମ୍ବାଇ ସବୁଠାରୁ ଅଧିକ ପ୍ରଭାବିତ ହେବ। ବାଙ୍ଗାଲୋରସ୍ଥିତ 'ବିଜ୍ଞାନ ପ୍ରଯୁକ୍ତିବିଦ୍ୟା ଓ ନୀତି ଅଧ୍ୟୟନ କେନ୍ଦ୍ର' ୨୦୨୪ ମସିହାରେ ପ୍ରକାଶ କରିଥିବା ଏକ ରିପୋର୍ଟ ଅନୁଯାୟୀ ୧୯୮୭ ଓ ୨୦୨୧ ମସିହା ମଧ୍ୟରେ ମୁମ୍ବାଇଠାରେ ସମୁଦ୍ର ପତନ ୪.୪୪ ସେମି ବୃଦ୍ଧି ପାଇଛି। ସମୁଦ୍ର ପତନରୁ ଏହି ସହରର ହାରାହାରି ଉଚ୍ଚତା ହେଉଛି ଦଶ ମିଟର। ଏଣୁ ସମୁଦ୍ର ପତନ ଅଧିକ ବୃଦ୍ଧି ହେଲେ ଏଠାରେ ଅନେକ ଲୋକ ନିଜ ବାସଗୃହ ହରାଇବେ। ସେହିପରି ଏହି ସମୟରେ ପଶ୍ଚିମବଙ୍ଗର ହଳଦିଆଠାରେ ୨.୭୩ ସେମି, ଆନ୍ଧ୍ରପ୍ରଦେଶର ବିଶାଖାପାଟଣାଠାରେ ୨.୩୮ ସେମି ଏବଂ କେରଳର କୋଚିଠାରେ ୨.୨୧ ସେମି ସମୁଦ୍ର ପତନ ବୃଦ୍ଧି ପାଇଛି। ଜାଗତିକ ଉଷ୍ମତା ବୃଦ୍ଧି ନିୟନ୍ତ୍ରଣ କରିବା ପାଇଁ ଅନେକ ପଦକ୍ଷେପ ନିଆଯାଉଛି। ମାତ୍ର ଏହା ଯଥେଷ୍ଟ ନୁହେଁ। ଆକଳନ କରାଯାଇଛି ଯେ ବର୍ତ୍ତମାନର କାର୍ବନ ଉତ୍ସର୍ଜନ ଅନୁଯାୟୀ ୨୦୫୦ ମସିହା ସୁଦ୍ଧା ସମୁଦ୍ର ପତନ ଆଉ ୨୦ ସେମି ବୃଦ୍ଧି ପାଇବ। ଆମ ପାଖରେ ଆଉ ବେଶୀ ସମୟ ନାହିଁ। ପ୍ରତ୍ୟେକ ଦେଶ ବାୟୁମଣ୍ଡଳକୁ ଅଙ୍ଗାରକାମ୍ଳ ନିର୍ଗତକୁ ହ୍ରାସ କରିବା ପାଇଁ ବିହିତ ପଦକ୍ଷେପ ନେବା ଉଚିତ।

# ' ଚୈତ୍ର ରାମ ନବମୀ ଓ ମାଆ ଦୁର୍ଗାଙ୍କର ପାରମ୍ପରିକ ପୂଜା

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ଆମ ସନାତନ ସଂସ୍କୃତି ତଥା ହିନ୍ଦୁ ପରମ୍ପରାରେ ଭାରତରେ ପ୍ରତିବର୍ଷ ଦୁଇଥର ଦେବୀ ଦୁର୍ଗାଙ୍କର ପୂଜା ଅନୁଷ୍ଠିତ ହୁଏ । ଶରତ ଋତୁରେ ଆଶ୍ୱିନ ମାସ ଶୁକ୍ଳ ପକ୍ଷର ପୂଜାକୁ 'ଦେବୀ ପୂଜା' ଏବଂ ବସନ୍ତ ଋତୁରେ ଚୈତ୍ରମାସ ଶୁକ୍ଳ ପକ୍ଷର ପୂଜାକୁ 'ବାସନ୍ତୀ ପୂଜା' କୁହାଯାଏ । ଯେଉଁ ମା'ର ଶସ୍ୟ ଆହାର କରି ମାନବ ଜୀବିକା ନିର୍ବାହ କରେ, ସେହି ଧରିତ୍ରୀ ରାଣୀର ବୟଃପ୍ରାପ୍ତିରେ ଉତ୍ ?ଫୁଲ୍ଲ ହୋଇ ଜନ-ମାନସ ବାସନ୍ତୀ ଦୁର୍ଗାଙ୍କ ପୂଜାର ଆୟୋଜନ କରେ, ମାତ୍ର ଏକ ସାର୍ବଜନୀନ ପୂଜା ରୂପେ ଶାରଦୀୟ ଦେବୀପୂଜା ହିଁ ଅଧିକ ଲୋକପ୍ରିୟତା ଅର୍ଜନ କରିଅଛି । ଏହି ଶାରଦୀୟ ପର୍ବ ଭାରତର ପୁରପଲ୍ଲୀରେ ଦଶହରା ପର୍ବରୂପେ ପାଳନ କରାଯାଏ । ଏହି ପର୍ବର ମୂଳ ଲକ୍ଷ୍ୟ ହେଉଛି ଦେବୀ ଉପାସନା । ଦୁର୍ଗାପୂଜା ପରି ଦଶହରା ପର୍ବ ମଧ୍ୟ ବର୍ଷକରେ ଦୁଇଥର ପାଳନ କରାଯାଏ । ଜ୍ୟେଷ୍ଠମାସ ଶୁକ୍ଳଦଶମୀ ହେଉଛି ଗଙ୍ଗାମାତାଙ୍କର ଜନ୍ମଦିବସ ଓ ଏହିଦିନ ଗଙ୍ଗାପୂଜା କରି ଗଙ୍ଗାନଦୀରେ ସ୍ନାନ କଲେ ତ୍ରିବିଧ ପାପ ଖଣ୍ଡନ ହୁଏ ବୋଲି ଏହି ତିଥିକୁ 'ଦଶହରା' ବା 'ଦଶବିଧ' ପାପହରଣ ଦିବସ କୁହାଯାଏ । ଏହି ତିଥିଟି ଲୋକମୁଖରେ 'ଗଙ୍ଗା ଦଶହରା' ନାମରେ ପରିଚିତ ଓ ଅନ୍ୟ ଦଶହରା ପର୍ବଟି ଆଶ୍ୱିନ ମାସ ଶୁକ୍ଳପକ୍ଷ ଦଶମୀ ତିଥିରେ ପାଳିତ ହୁଏ ଓ ଏହି ଦୁର୍ଗାପୂଜାର ଶେଷ ଦିବସ । ଏହି ଦଶହରା ପର୍ବ ଭାରତରେ ସର୍ବଜନବିଦିତ ପର୍ବ । ତେଣୁ 'ଦଶହରା' କହିଲେ ସମସ୍ତେ ଆଶ୍ୱିନ ଶୁକ୍ଳ ଦଶମୀକୁ ହିଁ ବୁଝନ୍ତି । ଏହି ଦଶହରା ଦିବସରେ ରାମଚନ୍ଦ୍ର ମାତୃଶକ୍ତି ବନଦୁର୍ଗାଙ୍କୁ ସ୍ତୁତି କରି ରାବଣର ନିଧନ ଉଦ୍ଦେଶ୍ୟରେ ଲଙ୍କା ଅଭିମୁଖେ ବିଜୟଯାତ୍ରା କରିଥିବାରୁ ଏହି ତିଥିକୁ 'ବିଜୟା ଦଶମୀ' କୁହାଯାଏ । ପୁଣି ଏହି ଦିବସର ଅବ୍ୟବହିତ ପୂର୍ବରୁ ସିଂହବାହିନୀ ଆଦ୍ୟା ଶକ୍ତି ଦୁର୍ଗା ଦୁର୍ଦ୍ଦମନୀୟ ମହିଷାସୁରକୁ ବଧ କରି ଦେବତାମାନଙ୍କର ମଙ୍ଗଳ ବିଧାନ କରିଥିଲେ । ଦେବୀଙ୍କ ସହ ଦାନବମାନଙ୍କର ଯୁଦ୍ଧ କନ୍ୟାମାସ ବା ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀଠାରୁ ଶୁକ୍ଳପକ୍ଷ ନବମୀ ପର୍ଯ୍ୟନ୍ତ ଷୋଳଦିନ ଧରି ଚାଲିଥିଲା । ଶୁକ୍ଳ ଅଷ୍ଟମୀ ଓ ନବମୀ ତିଥିରେ ମହାମାରୁ ହୋଇଥିଲା । ମହିଷାସୁର ସମେତ ସମସ୍ତ ଅସୁର ବଂଶ ନିପାତ ହେଲେ । ମହାମାରୁ ନବମୀ ରାତିର ଅନ୍ଧକାର ସହ ତ୍ରୈଲୋକ୍ୟରୁ ଅମଙ୍ଗଳର ଛାୟା ଅପସରି ଗଲା, ଶୁକ୍ଳ ଦଶମୀରେ ସବୁପ୍ରକାର ଶୁଭକାର୍ଯ୍ୟର ଆରମ୍ଭ ହେଲା । ଏହିଦିନ ଜଗତର ଦୁଃଖ ହରଣ ହୋଇଥିବାରୁ ଏହା 'ଦୁଃଖହା ଦଶମୀ' ନାମରେ ଖ୍ୟାତି ଲାଭ କରିଅଛି ବୋଲି ଆଦିକବି ଶୂଦ୍ରମୁନି ସାରଳା ଦାସ 'ଚଣ୍ଡୀପୁରାଣ'ରେ ଲେଖିଛନ୍ତି । 'ଦୁଃଖହା ଦଶମୀ' ଦିନ ମହାଦଶାରୁ ଉଦ୍ଧାର ପାଇ ଦେବତାମାନେ ମହାଶକ୍ତି ବ୍ରହ୍ମମୟୀ ଦୁର୍ଗତିନାଶିନୀ ଦୁର୍ଗାଙ୍କୁ ସ୍ତୁତି କରିଥିବାରୁ ଏହି ତିଥିରେ ଦୁର୍ଗାଙ୍କର ଆରାଧନା କରାଯାଏ ।

ଦେବୀ ମାହାତ୍ମ୍ୟ' ମତେ 'ଚଣ୍ଡୀ' ଶୁଣି ରାଜ୍ୟଭ୍ରଷ୍ଟ ରାଜା ସୁରଥଙ୍କର ମୋହ ତୁଟିଯିବା ପରେ ସେ ଦୁର୍ଗାପୂଜାର ପରମ୍ପରା ସୃଷ୍ଟି କରିଥିଲେ । ଦେବୀପୀଠଗୁଡ଼ିକରେ ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀଠାରୁ ଶୁକ୍ଳପକ୍ଷ ନବମୀ ପର୍ଯ୍ୟନ୍ତ ଷୋଳଦିନ ବ୍ୟାପୀ ପୂଜା ଅନୁଷ୍ଠିତ ହୁଏ । ଏହାକୁ ଷୋଳପୂଜା କୁହାଯାଏ । ଶୁକ୍ଳପକ୍ଷ ସପ୍ତମୀ ଦିନ ମୃଣ୍ମୟୀ ପ୍ରତିମା ଓ ଘଟ ସ୍ଥାପିତ ହୁଏ । ଅଷ୍ଟମୀଦିନ ମହାଷ୍ଟମୀ ପୂଜା ଓ ବଳିଦାନ କରାଯାଏ । 'ବଳି' ଶବ୍ଦର ଅର୍ଥ ହେଉଛି ଉପହାର । ଜଗତଜନନୀଙ୍କୁ ସନ୍ତୁଷ୍ଟ କରିବା ପାଇଁ କିଛି ଉପହାର ଦେବାକୁ ପଡେ । ତେଣୁ ଦେବୀପୂଜାରେ ବଳିଦାନର ବ୍ୟବସ୍ଥା ରହିଛି ଓ ନବମୀ ଦିନ ରକ୍ତମୁଖା ଦେବୀଙ୍କୁ ଶାନ୍ତ କରିବା ପାଇଁ ଶାନ୍ତି ବୋଦା ପଡେ । ଦଶମୀ ଦିନ ମହା ସମାରୋହରେ ମୃଣ୍ମୟୀ ଦେବୀ ପ୍ରତିମା ଓ ଘଟ ବିସର୍ଜନ କରାଯାଏ ଓ ପୁରୀଠାରେ ଦଶହରା ପରଦିନ ଦୁର୍ଗାଙ୍କର କ୍ରୋଧାନ୍ୱିତା ଶକ୍ତି 'ଗୋସାଣୀ ଯାତ' ଏବଂ ଏହି ତିଥିକୁ ଗୋସାଣୀ ଏକାଦଶୀ କୁହାଯାଏ ଓ ଶାରଦୀୟ ଦୁର୍ଗାପୂଜାରେ ମହାସ୍ନାନ ବଳି ଏବଂ ହୋମର ବ୍ୟବସ୍ଥା ଥିବାରୁ ଏହାକୁ 'ମହାପୂଜା' ମଧ୍ୟ କୁହାଯାଏ । ବିବିଧ କାରଣରୁ ଦଶହରା ପର୍ବ ପାଳନ କରାଯାଉଥିବାରୁ ଏହା ଏକ ମହାନ ପାର୍ବଣରେ ପରିଣତ ହୋଇଛି । ଏହି ପର୍ବର ମହତ୍ତ୍ୱ ବିଷୟରେ ଦେବୀ ପୁରାଣରେ କୁହାଯାଇଛି ଯେ ଏହା ଏକ ମହାନ, ପବିତ୍ର ବ୍ରତ ଏବଂ ଏହି ବ୍ରତ ପାଳନ କଲେ ସିଦ୍ଧି ଲାଭ ହୁଏ ଓ ଶତ୍ରୁମାନେ ପରାଜିତ ହୁଅନ୍ତି ଓ କୁରୁକ୍ଷେତ୍ର ଯୁଦ୍ଧ ଆରମ୍ଭର ପୂର୍ବରୁ ଶ୍ରୀକୃଷ୍ଣ ପାଣ୍ଡବମାନଙ୍କୁ ବନଦୁର୍ଗାଙ୍କର ଆରାଧନା କରିବା ପାଇଁ ଉପଦେଶ ଦେଇଥିଲେ । ଇତିହାସ ପ୍ରସିଦ୍ଧ ଛତ୍ରପତି ଶିବାଜୀ ମଧ୍ୟ ମୋଗଲମାନଙ୍କ ସହ ଯୁଦ୍ଧ କରିବା ସମୟରେ ଦୁର୍ଗାଙ୍କର ଉପାସନା କରିଥିଲେ ଓ ଦଶହରା ପର୍ବରେ ଦେବୀଙ୍କ ଶକ୍ତିର ପ୍ରତିଷ୍ଠା ପାଇଁ ଖଡ୍ ଗ ପୂଜା କରାଯାଏ ଓ ଦଶହରା ଦିନ ଗୁରୁବାର ପଡ଼ିଲେ ଗୃହିଣୀମାନେ ପରିବାରର ମଙ୍ଗଳ ଲାଗି ସୁଦଶାବ୍ରତ ପାଳନ କରି ଗୃହଲକ୍ଷ୍ମୀଙ୍କ ପୂଜା କରନ୍ତି ଓ ଭାଦ୍ରବ ମାସ ଶୁକ୍ଳ ଷଷ୍ଠୀଠାରୁ ଆରମ୍ଭ ହୋଇଥିବା ସୋମନାଥ ବ୍ରତର ଉଦ୍ ଯାପନ ପର୍ବ ମଧ୍ୟ ଦଶହରା ତିଥିରେ ପାଳିତ ହୁଏ ଓ ପରମ- ଈଶ୍ୱରୀ ଦେବୀ ଦୁର୍ଗା ବିଶ୍ୱର ସକଳ ବସ୍ତୁରେ ପରିବ୍ୟାପ୍ତ ଓ ସେ ମହାବିଦ୍ୟା, ମହାମାୟା ମହାଯୋଗେଶ୍ୱରୀ । ତାଙ୍କର 'କ୍ଷର' ବା ଶେଷ ନଥିବାରୁ ସେ 'ଅକ୍ଷରା' । ଦେବୀ ଭାଗବତର ମତେ ରାବଣର ନିଧନ ପାଇଁ ବ୍ରହ୍ମାଙ୍କ ପରାମର୍ଶ ମତେ ଶ୍ରୀରାମ ବସନ୍ତ କାଳରେ ଦେବୀପୂଜା କରିବାକୁ ଚାହିଁଲେ । କାରଣ, ଶରତକାଳ ଅକାଳ, ଆଷାଢ଼ ଶୁକ୍ଳ ଏକାଦଶୀ (ହରିଶୟନ ଏକାଦଶୀ)ଠାରୁ ହେମନ୍ତ ଶୁକ୍ଳ ଏକାଦଶୀ ପର୍ଯ୍ୟନ୍ତ ଦେବତାମାନେ ନିଦ୍ରା ଯାଆନ୍ତି । ବ୍ରହ୍ମାଙ୍କ ନିର୍ଦ୍ଦେଶ ମତେ ଶ୍ରୀରାମଚନ୍ଦ୍ର କନ୍ୟାରାଶିର ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ଦେବୀଙ୍କ ଅକାଳ ବୋଧନ ନିମନ୍ତେ ପୂଜାର ଆୟୋଜନ କରିଥିଲେ । ଶ୍ରୀରାମ ଧ୍ୟାନ ବଳରେ, ଦେବୀ କୁମାରୀ ରୂପରେ ବିଲ୍ୱବୃକ୍ଷ ଶାଖାରେ ଶାୟିତ ଥିବା ଜାଣିପାରି, ସକାଳେ କଳ୍ପାରମ୍ଭ ଓ ସନ୍ଧ୍ୟାବେଳେ ବିଲ୍ୱବୃକ୍ଷମୂଳେ ଆରମ୍ଭ କଲେ ଦେବୀଙ୍କ ବୋଧନ । ଏହାପରେ ସପ୍ତମୀ ତିଥିରେ ଦେବୀଙ୍କୁ ଷୋଡ଼ଶ ଉପଚାରରେ ପୂଜା କଲେ । ସେତେବେଳେ ମଧ୍ୟ ଦେବୀ ସୁପ୍ତ ଅବସ୍ଥାରେ ଥିବାରୁ ଅଷ୍ଟମୀ ତିଥିରେ ଯୋଗିନୀଗଣଙ୍କୁ ଆହ୍ୱାନ କରି ଦେବୀଙ୍କୁ ପୁଣି ପୂଜା କଲେ । ଆଗତ ଯୋଗିନୀଗଣଙ୍କ କୋଳାହଳରେ ଦେବୀ କେବଳ କଡ଼ ଲେଉଟାଇ ପୁଣି ଶୋଇଲେ । ଏହା ପରେ ଅଷ୍ଟମୀର ଶେଷ ଓ ନବମୀର ଆରମ୍ଭ ବା ସନ୍ଧିକ୍ଷଣ ସମୟରେ ଶ୍ରୀରାମଚନ୍ଦ୍ର କଲେ ସନ୍ଧିପୂଜା । ଅଷ୍ଟମୀର ଚବିଶ ମିନଟ ଓ ନବମୀର ଚବିଶ ମିନଟ, ଏହିପରି ମୋଟ ଅଠଚାଳିଶ ମିନଟ ଧରି ଦେବୀ ଚାମୁଣ୍ଡାଙ୍କର ଏହି ବିଶେଷ ସନ୍ଧିପୂଜା କରିଥିଲେ । ଶ୍ରୀରାମ ଚାମୁଣ୍ଡାଙ୍କୁ ଆବାହନ କରି ଦେବୀ ଦୁର୍ଗାଙ୍କୁ ଉଠାଇବା ପାଇଁ ନିବେଦନ କଲେ । ଚାମୁଣ୍ଡାଙ୍କ ସହଯୋଗ ଫଳରେ ନବମୀ ତିଥିରେ ଦେବୀ ଦୁର୍ଗା ଜାଗ୍ରତ ହେଲେ । ଏତିକିବେଳେ ସେ ଦେବୀଙ୍କୁ କୁମାରୀ ରୂପରେ ଦର୍ଶନ କରି ଯୋଗିନୀମାନଙ୍କ ସହିତ ବିଶେଷ ପୂଜା କରି ଏକାସାଙ୍ଗେ ଶହେଆଠ ନୀଳପଦ୍ମ ଅର୍ପଣ କରିଥିଲେ । ସେହି ଦିନଠାରୁ କୁମାରୀ ରୂପୀ ଦେବୀଙ୍କର ପୂଜାର ଆରମ୍ଭ ।

ଶରତକାଳୀନ ଦୁର୍ଗା ହେଉ ଅଥବା ବାସନ୍ତି ଦୁର୍ଗାପୂଜା, ଏଥିରେ ମୂର୍ତ୍ତି ସ୍ଥାପନ କରାଯାଇ ଜୀବନ୍ୟାସ କର୍ମ ସହ ପୂଜା ନିୟମ ପ୍ରଣୟନ ହେଉଥିଲେ ମଧ୍ୟ ଘଟସ୍ଥାପନ ଜନିତ ପୂଜା ଆବହମାନ କାଳରୁ ପ୍ରଚଳିତ । ବିଭିନ୍ନ ଭାବରେ ମୂର୍ତ୍ତିପୂଜାର ଆଦର ବଢ଼ିଥିଲେ ମଧ୍ୟ ମୂଳ ତତ୍ତ୍ୱକୁ ବାଦ ଦେବା ସମ୍ଭବ ହୋଇନାହିଁ । ବାସନ୍ତୀ ଦୁର୍ଗାପୂଜା ବିଶେଷ ଭାବେ ପାଳିତ ହୋଇ ନ ଥାଏ । ଅନ୍ୟପକ୍ଷରେ ଶରତକାଳୀନ ଦୁର୍ଗାପୂଜା ଏବେ ସାର୍ବଜନୀନ ପୂଜାର ସ୍ୱୀକୃତି ପାଇଛି, କିନ୍ତୁ ଉଭୟ ପୂଜା ଏବଂ ତା'ର ବିଧାନ ପ୍ରାୟତଃ ସମାନ । ଶରତକାଳୀନ ପୂଜା ଏବଂ ବାସନ୍ତୀପୂଜା ବ୍ୟତୀତ ଦକ୍ଷିଣ ଓଡ଼ିଶାରେ ଅନ୍ୟ ଦିନରେ ମା'ଙ୍କର ସ୍ୱପ୍ନାଦେଶ ଅଥବା ଆଜ୍ଞାମାଳ ପରିପ୍ରେକ୍ଷୀରେ ବିଧିବ୍ୟବସ୍ଥା ଅନୁଯାୟୀ ମଧ୍ୟ ମା'ଙ୍କର ପୂଜା ଅର୍ଚ୍ଚନା କରାଯାଏ । ଏଠାରେ ମଧ୍ୟ ଘଟ ସ୍ଥାପନ ଏବଂ ଘଟପୂଜା ଦେଖିବାକୁ ମିଳେ ଓ ଏପରିକି ଘଟକୁ ମୁଣ୍ଡରେ ଧରି ପରିକ୍ରମା କରାଯିବାର ବିଧି ରହିଛି । ମୂର୍ତ୍ତିପୂଜା ମାତ୍ର ଦୁଇଶହ ବର୍ଷ ଭିତରେ ଦେଖିବାକୁ ମିଳିଲା । ତେବେ ପ୍ରଥମେ ଧାତୁ ନିର୍ମିତ ମୂର୍ତ୍ତି ଦେଖିବାକୁ ମିଳୁଥିଲା ବେଳେ ମାତ୍ର ୧୦୦ରୁ ୧୫୦ ବର୍ଷ ମଧ୍ୟରେ ମାଟି ନିର୍ମିତ ମୂର୍ତ୍ତିର ବ୍ୟାପକ ପ୍ରସାର ଘଟିଛି । କିନ୍ତୁ ପ୍ରାରମ୍ଭରୁ ପ୍ରଚଳିତ ଘଟପୂଜା ଏବେ ବି ଅନୁଷ୍ଠିତ ହେଉଛି । ଆମର ସଂସ୍କୃତି ଅନୁଯାୟୀ ବିଭିନ୍ନ ପୂଜା ପଞ୍ଚଭୂତ ଉପରେ ଆଧାରିତ । ତାହା ହେଉଛି କ୍ଷିତ୍, ଅପ୍, ମରୁତ୍ ଏବଂ ବ୍ୟୋମ୍ । ମନୁଷ୍ୟ ପ୍ରଥମେ ମାଟିକୁ ପୂଜାକଲା । କାରଣ ଏହି ମାଟି ତାକୁ ରହିବା ପାଇଁ ଆଶ୍ରୟ ଦେଲା ଏବଂ ସେହିମାଟିରୁ ଉତ୍ପାଦିତ ଫଳ ଖାଇ ସେ ବଞ୍ଚିଲା । ସେହିପରି ଜଳ (ଅପ୍)କୁ ଜୀବନ ବୋଲି କହିଲା । ସେ ଜାଣିଥିଲା ଜଳ ବିନା ଜୀବନ ଅସମ୍ଭବ । ତେଣୁ ଭିନ୍ନ ଭିନ୍ନ ଜଳାଶୟ ବା ନଦୀକୂଳରେ ଗଢିଉଠିଲା ଜନବସତି । ପରବର୍ତ୍ତୀ ସମୟରେ କେତେକ ନଦୀ ତୀର୍ଥକ୍ଷେତ୍ର ରୂପେ ପରିଗଣିତ ହେଲେ । ତେଜର ମୂର୍ତ୍ତିମନ୍ତ ରୂପ ସୂର୍ଯ୍ୟଙ୍କୁ ଈଶ୍ୱର ଭାବେ ଗ୍ରହଣ କରାଗଲା । ଅବଶ୍ୟ ଅଗ୍ନିକୁ ଗ୍ରହଣ କଲା ଏହାପରେ । ପବନ (ମରୁତ) ଏବଂ ଆକାଶ (ବ୍ୟୋମ)କୁ ମଧ୍ୟ ନିଜର ପୂଜ୍ୟ ଭାବେ ସ୍ୱୀକୃତି ଦିଆଗଲା । ସମୟର ଧାରାରେ ଏହି ପଞ୍ଚଭୂତ ଯାହା ସହ ସମ୍ପର୍କିତ ସେମାନଙ୍କୁ ମଧ୍ୟ ଈଶ୍ୱରୀୟ ସତ୍ତାର ଅଂଶ ବା ଈଶ୍ୱର ଭାବେ ଗ୍ରହଣ କରାଯାଇଛି । ଯେପରି ବୃକ୍ଷକୁ ବୃକ୍ଷଦେବତା ଏବଂ ଶିଳା, ଧାତୁ ପ୍ରଭୃତି ପୂଜନୀୟ ହେଲେ । ଏହି ମହାପଞ୍ଚଭୂତ ମାନଙ୍କ ଧର୍ମଗତ ସ୍ୱଭାବ ହେଲା- ଶବ୍ଦ, ସ୍ପର୍ଶ, ରୂପ, ରସ ଏବଂ ଗନ୍ଧ । ପୁନଃ ଏଗୁଡ଼ିକ ଆମର ପଞ୍ଚଇନ୍ଦ୍ରିୟ ଅର୍ଥାତ୍ କର୍ଣ୍ଣ, ଚର୍ମ, ଚକ୍ଷୁ, ଜିହ୍ୱା ଓ ନାସାଦ୍ୱାରା ଗୃହିତ ହୋଇଥାନ୍ତି ।

ଶ୍ରୀରାମଚନ୍ଦ୍ର ରାବଣଙ୍କୁ ବଧ କରିବା ପାଇଁ ଶରତ କାଳରେ ଶ୍ରୀ ଶ୍ରୀ ଦୁର୍ଗାପୂଜା କରିଥିଲେ । ଏହାକୁ 'ଅକାଳବୋଧନ' କୁହାଯାଏ । କାରଣ ଶରତକାଳ ସୂର୍ଯ୍ୟ ଦକ୍ଷିଣାୟନ କରନ୍ତି । ଶ୍ରାବଣ ମାସରୁ ପୌଷମାସ ସୂର୍ଯ୍ୟଙ୍କ ଦକ୍ଷିଣାୟନ; ମାଘରୁ ଆଷାଢ଼ ସୂର୍ଯ୍ୟଙ୍କର ଉତ୍ତରାୟନ । ଦକ୍ଷିଣାୟନ ଦେବତାଙ୍କର ରାତ୍ରି । ତେଣୁ ଉତ୍ତରାୟନ ଦେବତାଙ୍କ ଆରାଧନାର ପ୍ରକୃଷ୍ଟ ସମୟ । ରାବଣ, ବ୍ରହ୍ମାଙ୍କ ବରରେ ଅପାରଶକ୍ତିର ଅଧିକାରୀ ହୋଇଥିବାରୁ ତାଙ୍କୁ ବଧ କରିବା ନିମନ୍ତେ ଦେବୀଙ୍କ କୃପା ଆବଶ୍ୟକ । ତେଣୁ ବ୍ରହ୍ମା ଶ୍ରୀରାମଚନ୍ଦ୍ରଙ୍କୁ ଶରତ କାଳରେ ଦେବୀଙ୍କ କଳ୍ପାରମ୍ଭ କରିବାକୁ ନିର୍ଦ୍ଦେଶ ଦେଲେ । ଶ୍ରୀରାମଚନ୍ଦ୍ର ଦ୍ୱନ୍ଦ୍ୱରେ ପଡ଼ିଲେ । ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କର ନିର୍ଦ୍ଦେଶ ଓ ଦେବଦେବୀଙ୍କର ଦକ୍ଷିଣାୟନ । ଦେବୀ ଜାଗ୍ରତ ନା ନିଦ୍ରିତ ? ଦେବୀ ଏବେ ଆବିର୍ଭୂତ ହେବେ ତ ? ତେଣୁ ସେ ଧ୍ୟାନମଗ୍ନ ହୋଇ ଜାଣିପାରିଲେ ଦେବୀ ତ୍ରିଶାଖା ବିଲ୍ୱଦଳରେ 'କୁମାରୀ' କନ୍ୟା ରୂପେ ଶାୟିତ । ଏହି ଦୃଶ୍ୟ ଅବଲୋକନ କରି ବିଭୋର ହେଲେ ଶ୍ରୀରାମଚନ୍ଦ୍ର । ଦେବୀଙ୍କୁ ଜାଗ୍ରତ କରାଇବେ । ବ୍ରହ୍ମାଙ୍କ ନିର୍ଦ୍ଦେଶରେ ଷଷ୍ଠୀଦିନ 'ବିଲ୍ୱାଧିବାସ' କଲେ ଶ୍ରୀରାମଚନ୍ଦ୍ର । ଷଷ୍ଠୀପରେ ସପ୍ତମୀରେ ଦେବୀଙ୍କୁ ଷୋଡ଼ଶ ଉପଚାରରେ ପୂଜା କଲେ ମଧ୍ୟ ଦେବୀଙ୍କର ନିଦ୍ରାଭଙ୍ଗ ହେଲାନି । ଅଷ୍ଟମୀରେ ଯୋଗିନୀମାନଙ୍କୁ ଡାକି ବିଶେଷ ପୂଜାକରିଲେ ଶ୍ରୀରାମ । ତେଣୁ ଅଷ୍ଟମୀର ଶେଷ ଦଣ୍ଡ ଓ ନବମୀର ପ୍ରଥମ ଦଣ୍ଡ (୨୪+୨୪=୪୮ ମିନିଟ) ସନ୍ଧିକ୍ଷଣରେ ପୂଜା କଲେ । ଏହାକୁ 'ସନ୍ଧିପୂଜା' କୁହାଯାଏ । ଚାମୁଣ୍ଡା ଦେବୀଙ୍କ ସହାୟତାରେ ଶ୍ରୀରାମଚନ୍ଦ୍ର ଏହି 'ସନ୍ଧିପୂଜା' କରିଥିଲେ । ଏହି ପୂଜା ପରେ ଅର୍ଥାତ୍? ନବମୀ ଦିନ ଦେବୀ ଜାଗ୍ରତ ହେଲେ ଏବଂ ପୁନର୍ବାର 'କୁମାରୀ' ରୂପରେ ଶ୍ରୀରାମଚନ୍ଦ୍ରଙ୍କୁ ଦର୍ଶନ ଦେଲେ । ତେଣୁ ନବମୀ ଦିନ କୁମାରୀ ପୂଜାର ପ୍ରଚଳନ ଅଛି । କୁମାରୀ ସାକ୍ଷାତ ଯୋଗିନୀ, ପରମାଦେବୀ ପୁଣି ପରମପ୍ରକୃତି । ଶ୍ରୀ ଶ୍ରୀ ଚଣ୍ଡୀରେ ଉଲ୍ଲେଖ ଅଛି 'ସ୍ତ୍ରୀୟା ସମସ୍ତା ସକଳ ଜଗତ ସୁ' ଅର୍ଥାତ୍? ସମସ୍ତ ସ୍ତ୍ରୀ ଜାତି ବ୍ରହ୍ମମୟୀ, ମହାମାୟା ଜଗଜ୍ଜନନୀଙ୍କର ଏକ ଅଂଶ ବିଶେଷ । ପ୍ରତି ନାରୀ ଭଗବତୀଙ୍କ ଅଂଶ ହେଲେ ମଧ୍ୟ କୁମାରୀଙ୍କ ମଧ୍ୟରେ ଭଗବତ୍? ସତ୍ତା ବିଶେଷ ଭାବରେ ପ୍ରକାଶିତ । ତନ୍ତ୍ରମତେ ଷୋହଳ ବର୍ଷ ପର୍ଯ୍ୟନ୍ତ ଅବିବାହିତା କନ୍ୟାଙ୍କୁ କୁମାରୀ କୁହାଯାଏ । ଯେତେଦିନ ପର୍ଯ୍ୟନ୍ତ କନ୍ୟା ଋତୁମତୀ ନ ହୁଅନ୍ତି ସେତେଦିନ ପର୍ଯ୍ୟନ୍ତ 'କୁମାରୀ' ତାହା କୁସୁମପରି ପବିତ୍ର । ତେଣୁ ସେତେଦିନ ପର୍ଯ୍ୟନ୍ତ କନ୍ୟା ଦେବସେବାରେ ନିବେଦିତ ହୋଇପାରିବେ । ତ୍ରେତୟା ଯୁଗରେ ଶ୍ରୀରାମଚନ୍ଦ୍ର ଦେବୀ ଦୁର୍ଗାଙ୍କୁ କୁମାରୀ ରୂପରେ ଦର୍ଶନ କରିଥିଲେ ଏବଂ ପୂଜା କରିଥିଲେ ମଧ୍ୟ ପରବର୍ତ୍ତୀକାଳରେ ଶ୍ରୀଶ୍ରୀ ରାମକୃଷ୍ଣ ଓ ତାଙ୍କର ଶିଷ୍ୟ ବିବେକାନନ୍ଦ ଏହାର ବହୁଳ ପ୍ରଚାର କରିଥିଲେ ଏବଂ ରାଣୀ ରାସମଣୀ ଦେବୀଙ୍କଦ୍ୱାରା କୁମାରୀ ପୂଜାକରାଇ ଏହାର ପ୍ରସାର ମଧ୍ୟ କରିଥିଲେ । କାରଣ କୁମାରୀଙ୍କ ମଧ୍ୟରେ ଭଗବତ୍? ସତ୍ତା ଅନୁଭବ କରିଥିଲେ । ଏଣୁ ଦୁର୍ଗାପୂଜାର ନବମୀ ରାତ୍ରିରେ କେତେକ ବ୍ରାହ୍ମଣ ବଂଶୀୟ ସାତରୁ ଆଠ ବର୍ଷର କନ୍ୟାଙ୍କୁ ପାଦରେ ଅଳତା, ଆଖିରେ କଜ୍ଜଳ ଓ କପାଳରେ ଚନ୍ଦନ ଟିପା ଦେଇ ସୁନ୍ଦର ଭାବରେ ସଜାଇ ନୂତନ ଶାଢ଼ି ପରିଧାନ କରାଇ ବିଭିନ୍ନ ଉପଢ଼ୌକନ ଦେଇ ପୂଜା କରାଯାଏ । ଏହାକୁ 'କୁଆଁରୀ ଲକ୍ଷ୍ମୀ' ପୂଜା କୁହାଯାଏ । ଓଡ଼ିଶାର ସବୁ ପୂଜାମଣ୍ଡପରେ ନବମୀ ଦିନ କୁମାରୀ ପୂଜା କରା ନ ଗଲେ ମଧ୍ୟ କଟକ ଜିଲ୍ଲାର ପୁନଙ୍ଗ ଗ୍ରାମର ଘୋଷଘର ପୂଜାମଣ୍ଡପରେ ଆବାହମାନକାଳରୁ କୁମାରୀ ପୂଜା ହୋଇଆସୁଛି । କଥିତ ଅଛି, ଯେଉଁମାନେ ଏହି ପୂଜା ଦର୍ଶନ କରନ୍ତି, ସେମାନେ ଚତୁର୍ବର୍ଗ ଫଳ ପାଆନ୍ତି । କୁମାରୀ ପୂଜା ହେଉଛି ନାରୀଜାତି ପ୍ରତି ସମ୍ମାନ ପ୍ରଦର୍ଶନର ଏକ ପ୍ରକ୍ରିୟା ମାତ୍ର ।

ଜନ୍ମାଷ୍ଟମୀ ଅବସରରେ ନଦୀରୁ ମାଟି ଉଦ୍ଧାର କରାଯାଏ,ଯାହା ଦଶହରାର ପ୍ରଥମ ବିଧି । ଏହା ପରେ କାରିଗରମାନେ ମୂର୍ତ୍ତି ଗଠନରେ ବ୍ୟସ୍ତ ରହନ୍ତି । ପବିତ୍ର ମହାଳୟା ଅବସରରେ ମା'ଙ୍କ ମୃଣ୍ମୟ ମୂର୍ତ୍ତିରେ ଖଡ଼ି ଚଢ଼ାଯାଏ । ମହାଳୟାଠାରୁ ପ୍ରକୃତ ଦୁର୍ଗାପୂଜା ଆରମ୍ଭ ହୁଏ । କାରଣ ଏହି ଦିନଠାରୁ ଦୁର୍ଗାପୂଜା ମଧ୍ୟରେ ୧୦ ଦିନ ସମୟ ରହିଥାଏ, ଯାହା ପୁରାଣ ଶାସ୍ତ୍ରରେ ଦଶହରା ବୋଲି କୁହାଯାଇଛି । ପ୍ରକୃତ ପୂଜାବିଧି ଷଷ୍ଠୀଠାରୁ ଦଶମୀ ପର୍ଯ୍ୟନ୍ତ ଦେଖିବାକୁ ମିଳେ । ଷଷ୍ଠ ଅଧିବାସ ରେ ବିଲ୍ୱବରଣ ତଥା ମା'ଙ୍କୁ ସ୍ୱାଗତ କରିବାକୁ ଯାଇ ଷଷ୍ଠୀ ପୂଜାରେ ବେଲବରଣୀ କରାଯାଏ । ବେଲଗଛ ପାଖରେ ଏହି ପୂଜା ସମ୍ପନ୍ନ କରାଯାଏ । ଶେଷରେ ରାତ୍ରୀ କାଳରେ ଦେବୀ ପ୍ରତିମାର ଚକ୍ଷୁରେ ରଙ୍ଗ ଦେଇ ଚକ୍ଷୁଦାନ ସମ୍ପନ୍ନ ହୁଏ ଓ ମନ୍ତ୍ରଦ୍ୱାରା ପ୍ରାଣ ପ୍ରତିଷ୍ଠା କରାଯାଏ । ସପ୍ତମୀରେ ନବପତ୍ରିକା ପୂଜା କରାଯାଏ, ଯେଉଁଥିରେ କଦଳୀ, ସାରୁ, ମାଣସାରୁ, ହଳଦୀ, ଅଶୋକ, ଡାଳିମ୍ବ, ବେଲ, ଜୟନ୍ତି ଓ ଧାନ ଏହି ନଅ ଜାତି ପତ୍ରଦ୍ୱାରା ଦୁର୍ଗାଙ୍କର ଗୋଟିଏ ମୂର୍ତ୍ତି ଗଠନ କରି ପୂଜା କରିବାର ବିଧି । ଏହା ପରେ ମହାସ୍ନାନ ବିଧି ସମ୍ପନ୍ନ ହୁଏ ଓ ଚଣ୍ଡିପାଠହୋମ: ଦେବୀମାହାତ୍ମ୍ୟ (ମାର୍କଣ୍ଡେୟ ପୁରାଣାନ୍ତର୍ଗତ ଦୁର୍ଗାଙ୍କ ବିଷୟ ବର୍ଣ୍ଣନାତ୍ମକ ଗ୍ରନ୍ଥ) ଗ୍ରନ୍ଥର ଆବୃତ୍ତି ସହ ହୋମ ଓ ପୁଷ୍ପାଞ୍ଜଳୀ ପ୍ରଦାନ କରାଯାଏ । ଅଷ୍ଟମୀରେ ହୁଏ ମା'ଙ୍କ ମୁଖ୍ୟ ସନ୍ଧିପୂଜା । ମହାଷ୍ଟମୀର ଶେଷ ଦଣ୍ଡ ଓ ମହାନବମୀର ଆଦ୍ୟ ଦଣ୍ଡର ମଧ୍ୟକାଳୀନ ସମୟକୁ ସନ୍ଧି ସମୟ କୁହାଯାଏ । ଶାସ୍ତ୍ର ବିଧି ଅନୁସାରେ ଶାରଦୀୟ ଓ ବାସନ୍ତୀ ଦୁର୍ଗାପୂଜାରେ ଏହି ସନ୍ଧି କାଳହିଁ ଦେବୀଙ୍କୁ ବଳି ଦେବର ପ୍ରଶସ୍ତ ସମୟ । ଏହି ସମୟରେ ମା'ଙ୍କ ପାଖରେ ବଳି ଦିଆଯାଏ । ପୂର୍ବରୁ ଜୀବମାନଙ୍କୁ ବଳି ଦିଆଯାଉଥିଲା, ଆଜିକାଲି ଲାଉ, ପାଣିକଖାରୁ ଓ ବୋଇତିକଖାରୁ ବଳି ଦିଆଯାଉଛି । ଓଡ଼ିଶାରେ ଏହିଦିନ ମହିଳାମାନେ ଶାଢ଼ୀ, ଫେଣୀ ଇତ୍ୟାଦି ଆଣି ମା'ଙ୍କ ପାଖରେ ଭୋଗ କରିସାରିବା ପରେ ନୂଆ ବସ୍ତ୍ର ପରିଧାନ କରିଥାନ୍ତି। ନବମୀ ପୂଜାରେ ମା'ଙ୍କ ପୀଠରେ ମାଛ ଭୋଗ ହେଇଥାଏ ।କଟକର ଅଲିଶାବଜାର, ଚାନ୍ଦିନୀ ଚୌକ ପ୍ରଭୃତି କେତେକ ପୂଜା କମିଟି ନବମୀ ପୂଜାରେ ବଡ଼ ଧରଣର ମାଛଭୋଗ କରିଥାନ୍ତି । ଦଶମୀ ରେ ଘଟ ବିସର୍ଜନ ଓ ଭସାଣି । ଦଶମୀ ପୂଜା ମା'ଙ୍କ ଅନ୍ତିମ ପୂଜାର୍ଚ୍ଚନା ଅପରାଜିତା ପୂଜା ଏହି ଦିବସର ସ୍ୱାତନ୍ତ୍ର । ଓଡ଼ିଶାର କେତେକ ଅଞ୍ଚଳରେ ଅପରାଜିତା ଫୁଲରେ ମା'ଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦେବାକୁ ଯାଇ ସାହିର ମହିଳାମାନେ ଝିଅ ବିଦାକଲା ଭଳି କାନ୍ଦବୋବାଳି କରିଥାନ୍ତି । ଏହା ସହିତ ମହିଳାମାନେ ସିନ୍ଦୁର ଖେଳ କରିଥାନ୍ତି । ଅନେକ ସ୍ଥାନରେ ସିନ୍ଦୁର ଖେଳ ପ୍ରତିଯୋଗିତା ହୁଏ । ଏହି ଦିବସର ପ୍ରମୁଖ ଭୋଗ ଦହି ପଖାଳ ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ
୯୯୩୮୯୦୬୦୭୦

# ମୋଦିଙ୍କ ଦାକ୍ଷିଣାତ୍ୟ ଅଭିଯାନ

**ସୌମେନ୍ଦ୍ର ଜେନା**

ଦିଲ୍ଲୀ ପ୍ରଦେଶର ନିର୍ବାଚନ ସରିଗଲା ପରେ ଏବେ ମୋଦିଙ୍କ ଲକ୍ଷ୍ୟ ଦାକ୍ଷିଣାତ୍ୟ ଦିଗରେ ରହିଛି । ଦକ୍ଷିଣ ଭାରତର କେରଳ, ତାମିଲନାଡୁ ଓ କର୍ଣ୍ଣାଟକ ପ୍ରଦେଶ ମଧ୍ୟରୁ କର୍ଣ୍ଣାଟକ ଓ କେରଳରେ ବିଜେପିର ଉପସ୍ଥିତି ସଂସଦରେ ରହିଥିବା ସ୍ଥଳେ କେବଳ ଗୋଟିଏ ପ୍ରଦେଶ ତାମିଲନାଡୁ ବିଜେପି ପାଇଁ କଷ୍ଟକର ସ୍ଥିତିରେ ନାହିଁ, ପ୍ରଚଣ୍ଡ ବିରୋଧୀ ସ୍ଥିତିରେ ରହିଛି । ବ□ମାନର ଶାସକଦଳ ଡିଏମ୍‌କେ ରାଜ୍ୟରେ ବିଜେପିର ପ୍ରଭାବ ଆଗାମୀ ଦିନରେ ବଢିବାର ସମ୍ଭାବନା ଲକ୍ଷ୍ୟ କରି ଏବେଠୁ ହିନ୍ଦୀ ବନାମ ତାମିଲ, ଉ□ର ବନାମ ଦକ୍ଷିଣ, ଆର୍ଯ୍ୟ ବନାମ ଦ୍ରାବିଡ ସଂଘର୍ଷକୁ ଓହ୍ଲାଇଛି । ମୁଖ୍ୟମନ୍ତ୍ରୀ ଷ୍ଟାଲିନ ଏବଂ ତାଙ୍କ ପୁତ୍ର ଉଦୟନିଧି ଉଭୟେ ହିନ୍ଦୁଧର୍ମ, ସନାତନ ବିଚାର, ଭାରତୀୟ ସଂସ୍କୃତିକୁ ଆଘାତ କଲାପରି ବିଷୟକୁ ବିରୋଧ କରି ଆସୁଛନ୍ତି । ଏହା ଯେ ଆକସ୍ମିକ ତା ନୁହେଁ । ଟଙ୍କାରୁ ହିନ୍ଦୀ ଲିପିକୁ ହଟାଇବା ଦାବି, ନୂତନ ଶିକ୍ଷାନୀତିକୁ ବିରୋଧ, ନିର୍ବାଚନ ମଣ୍ଡଳୀର ସୀମା ନିର୍ଦ୍ଧାରଣକୁ କେନ୍ଦ୍ରକରି ବାରମ୍ବାର ବିବାଦୀୟ ବୟାନବାଜୀ ଦୃଷ୍ଟିକୁ ଆସିବା ରାଜ୍ୟ ଶାସକଦଳର ହତାଶାର ପରିଣାମ । ଆସନ୍ତା ବର୍ଷ ୨୦୨୬ରେ ତାମିଲନାଡୁରେ ବିଧାନସଭା ନିର୍ବାଚନ ହେବାକୁ ଥିବା ହେତୁ ଡିଏମ୍‌କେ ଦଳ ପାଇଁ ଚିନ୍ତା ବଢିଛି । ତାମିଲନାଡୁର ରାଜନୀତି ୧୯୬୭ପରଠାରୁ ଆ□ଳିକଦଳର ହାତରେ ରହିଆସିଛି । କେବେ ଡିଏମ୍‌କେ,କେବେ ଅନ୍ନାଡିଏମକେ ମଧ୍ୟରେ କ୍ଷମତାର ଅଦଳ ବଦଳ ହୋଇଆସିଛି । ଏଆଇଡିଏମ୍‌କେ ନେତ୍ରୀ ଜୟଲଳିତାଙ୍କ ମୃତ୍ୟୁ ପରେ ଦଳୀୟ କନ୍ଦଳ ଯୋଗୁ ଏଆଇଡିଏମ୍‌କେ ଦଳ ବିଭାଜିତ ହୋଇଛି । ଗତ ବିଧାନସଭା ନିର୍ବାଚନ ପୂର୍ବରୁ ଏଆଇଡିଏମକେ ନେତୃବୃନ୍ଦଙ୍କ ମଧ୍ୟରେ ଏକତା ଆଣି ମିଳିମିଶି ଲଢିବା ପାଇଁ ମୋଦି ଯେଉଁ ପ୍ରୟାସ କରିଥିଲେ ତାହା ବିଭାଜିତ ଦୁଇଦଳର ନେତାମାନଙ୍କ ଅହଂକାର ପାଇଁ ସଫଳ ହୋଇନଥିଲା । ଫଳରେ ଜନତା ବିଭକ୍ତ ବିରୋଧୀଙ୍କ ସପକ୍ଷରେ ଯିବାକୁ ଚାହିଁଲେ ନାହିଁ । କିନ୍ତୁ ତାମିଲନାଡୁର ରାଜ୍ୟ ବିଜେପି ନେତା ଅନ୍ନାମଲାଇଙ୍କ କଠୋର ଉଦ୍ୟମ ଯୋଗୁ ଚେନ୍ନାଇ, କୋଏମ୍ବାଟୁର ସମେତ ରାଜ୍ୟର କେତେକ ଲୋକସଭା ଆସନରେ ଦଳ ନିଜ ସପକ୍ଷରେ ସମର୍ଥନ ବୃଦ୍ଧି କରିବାକୁ ସକ୍ଷମ ହୋଇଥିଲା । ଦଳ ସପକ୍ଷରେ ୧୧ପ୍ରତିଶତ ଲୋକେ ଭୋଟ ଦେଇଥିଲେ । ଚେନ୍ନାଇ ସହର ଏବଂ ନିକଟବର୍ତ୍ତୀ ଅଂଚଳ ଲୋକସଭା ଏବଂ ୨୨ଟି ବିଧାନସଭା ଅ□ଳରେ ଦଳ ୨୦ ପ୍ରତିଶତ ମତ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା ।

ତାମିଲନାଡୁର ରାଜନୀତିକୁ ଦେଖିଲେ ୧୯୫୭ରେ ଚେନ୍ନାଇ ମ୍ୟୁନିସପାଲ ନିର୍ବାଚନରେ ଡିଏମ୍‌କେ ପ୍ରଥମଥର ପାଇଁ ବିଜୟ ଲାଭକରି ୧୯୬୭ରେ ବିଧାନସଭାରେ ବିଜୟୀ ହୋଇଥିଲା । ଚେନ୍ନାଇର ଶିକ୍ଷିତବର୍ଗଙ୍କ ସଂପର୍କର ପ୍ରଭାବ ରାଜ୍ୟର ଅନ୍ୟାନ୍ୟ ଆସନ ଉପରେ ପଡିଥାଏ । ଯେଉଁ ଦଳ ଚେନ୍ନାଇ ସହରକୁ ଦଖଲ କରେ ପରବର୍ତ୍ତୀ କାଳରେ ବିଧାନସଭା ନିର୍ବାଚନରେ ମଧ୍ୟ ବିଜୟୀ ହୋଇଥାଏ । ସେ ଦୃଷ୍ଟିରୁ ଦେଖିଲେ ବିଜେପି ଚେନ୍ନାଇ ସହର ଭିତରେ ନିଜ ସ୍ଥିତିକୁ ମଜଭୁତ କରୁଥିବାରୁ ଷ୍ଟାଲିନ ଓ ଉଦୟନିଧିଙ୍କ ଚିନ୍ତା ବୃଦ୍ଧି ପାଇଛି । ତାମିଲନାଡୁ ମନ୍ତ୍ରୀ ମୁରୁଗାନ ହିନ୍ଦୀକୁ ଗାଳିଦେବାକୁ ଭୁଲିନାହାନ୍ତି । ସେମିତି ଅଭିନେତା ବିଜୟ ମଧ୍ୟ ନିଜେ ସିବିଏସ୍‌ଇ ସ୍କୁଲ ଚଳାଉଥିଲା ବେଳେ ନିଜ ପିଲାମାନଙ୍କୁ ତ୍ରିଭାଷୀ ବ୍ୟବସ୍ଥା ଥିବା ସିବିଏସ୍‌ଇ ସ୍କୁଲରେ ପଢାଉଥିଲା ସମୟରେ ହିନ୍ଦୀକୁ ବିରୋଧ କରୁଛନ୍ତି ନିଜେ ରାଜନୈତିକ ଅସ୍ତିତ୍ୱପାଇଁ ।

ସ୍ୱାଧୀନତା ପରେ କୃଷ୍ଣମେନନ ଦକ୍ଷିଣ ରାଜ୍ୟ (କେରଳ +ତାମିଲନାଡୁ) ଗଠନ ପାଇଁ ଯୁକ୍ତ ବାଢିଥିଲେ । ସେ ମାଡ୍ରାସ ପ୍ରେସିଡେନ୍‌ସୀର ବିଭାଜନ କରିବାକୁ ଚାହୁଁନଥିଲେ । କିନ୍ତୁ ପ୍ରତିରକ୍ଷା ମନ୍ତ୍ରୀ ଥିଲା ବେଳେ କୃଷ୍ଣମେନନ୍ ଚୀନ ବିପକ୍ଷ ଯୁଦ୍ଧରେ ଯେପରି ମୌନରହି ସଙ୍କଟ ବୃଦ୍ଧିର କାରଣ ହୋଇଥିଲେ, ସେମିତି ତାମିଲନାଡୁର ସଂକୀର୍ଣ୍ଣ ରାଜନୀତି ଦେଖି ଅଧିକ କିଛି କରିପାରି ନଥିଲେ । ଅଥଚ ମାଡ୍ରାସ ପ୍ରେସିଡେନ୍‌ସୀରେ ଥିବା କେରଳରେ ହିନ୍ଦୀର ବିରୋଧ ନଥିଲା । ଏବେ ବି କେରଳର ପ୍ରାଥମିକ ବିଦ୍ୟାଳୟରେ ଏବଂ ତିରୁଅନନ୍ତପୁରମ୍‌ଠାରେ ହିନ୍ଦୀ ସପକ୍ଷରେ ପ୍ରସ୍ତାବ ଗୃହୀତ ହୋଇଥିଲା । ହିନ୍ଦୀକୁ ରାଷ୍ଟ୍ରଭାଷା କରାଯିବା ସପକ୍ଷରେ କେରଳ ରହିଥିଲା । ଏପରିକି ଏକଦା ଇଣ୍ଡିଆନ ମୁସଲିମ ଲିଗର ଲୋକେ ହିନ୍ଦୀ ସପକ୍ଷରେ ପ୍ରସ୍ତାବ ଆଣିଥିଲେ । ୧୯୬୬ରେ କେନ୍ଦ୍ରୀୟ ହିନ୍ଦୀ ନିର୍ଦ୍ଦେଶାଳୟର ଅଧ୍ୟକ୍ଷ ଜଣେ କେରଳୀ ବ୍ୟକ୍ତି ହୋଇଥିଲେ । କେରଳରେ ହିନ୍ଦୀର ବ୍ୟାପକ ପ୍ରଚାର ଦୃଷ୍ଟିରୁ ସେଠାକାର ଲୋକେ ବାହାରେ ଚାକିରୀ ପାଇବା ଏବଂ କଥାବା□ା ପାଇଁ ହିନ୍ଦୀକୁ ବ୍ୟବହାର କରିବା ସହଜ ହେବାଯୋଗୁ ଏବେ ଆରବଜଗତରେ ସଂଖ୍ୟାଧିକ କେରଳୀ ଶ୍ରମିକ କାର୍ଯ୍ୟ କରିବାର ସୁଯୋଗ ପାଇଛନ୍ତି । କେରଳରେ ଆଦୌ ହିନ୍ଦୀ ଭାଷାକୁ ବିରୋଧ କରି ଆନ୍ଦୋଳନ ହୋଇନଥିଲା ଅଥଚ କେରଳ ସହ ମାଡ୍ରାସ ପ୍ରେସିଡେନ୍‌ସୀ ମଧ୍ୟରେ ରହିଥିବା ତାମିଲନାଡୁରେ ଇଭି ରାମସ୍ୱାମୀ ଉଭୟ ସଂସ୍କୃତ ଏବଂ ହିନ୍ଦୀକୁ ବିରୋଧ କରୁଥିଲେ । ୧୯୬୫ ସୁଦ୍ଧା ହିନ୍ଦୀକୁ କାର୍ଯ୍ୟକାରୀ ଭାଷାରେ ପରିଣତ କରିବାଲାଗି ଉଦ୍ୟମ ହେବା ସମୟରେ ଡିଏମ୍‌କେ ଦଳ ପକ୍ଷରୁ ହିନ୍ଦୀର ପ୍ରଚଳନ ସାଂସ୍କୃତିକ ସାମ୍ରାଜବାଦ ବୋଲି କହି ସମାଲୋଚନା କରାଗଲା । ତାମିଲନାଡୁରେ ଉର୍ଦ୍ଦୁ ଏବଂ ଇଂରାଜୀ ଭାଷାର ଶିକ୍ଷା ପାଇଁ ବିରୋଧ ନଥିବା ବେଳେ ହିନ୍ଦୀକୁ ପ୍ରାଦେଶିକତା ବିଚାରର ପ୍ରସାର ଦୃଷ୍ଟିରୁ କରାଗଲା । ଶ୍ରୀଲଙ୍କାରେ ତାମିଲ ସମସ୍ୟାବେଳେ ଏ ପ୍ରକାର ବିଚାର ଅତି ଚରମସୀମାରେ ପହ□ିଥିଲା । ତାମିଲନାଡୁରେ ସନ୍ତ୍ରାସବାଦ ମୁଣ୍ଡ ଟେକିବା ସହ ତାମିଲ ରାଷ୍ଟ୍ରବାଦ କଥା କୁହାଗଲା । ଏପରିକି ଶ୍ରୀଲଙ୍କା ଏବଂ ତାମିଲନାଡୁକୁ ମିଶାଇ ବୃହତ ତାମିଲରାଷ୍ଟ୍ର ନିର୍ମାଣ ପାଇଁ ସ୍ଲୋଗାନ ମଧ୍ୟ ଶୁଣାଗଲା ।

ଏକଥା ସତ ଯେ ତାମିଲନାଡୁର ଦୁଇ ପ୍ରମୁଖ ଦଳ ଡିଏମ୍‌କେ ଏବଂ ଅନ୍ନାଡିଏମ୍‌କେ କେନ୍ଦ୍ର ସରକାରଙ୍କୁ କୌଶଳଭି□କ ସମର୍ଥନ ପ୍ରଦାନ କରିଥିଲେ । କେବେ କଂଗ୍ରେସ, କେବେ ଜନତାଦଳ ଆଉ କେବେ ବିଜେପି ସହ ମନ୍ତ୍ରିମଣ୍ଡଳରେ ରହି ରାଜ୍ୟପାଇଁ ଅଧିକ ସୁବିଧା ମଧ୍ୟ ନେଇଥିଲେ । କିନ୍ତୁ ନିଜ ସ୍ଥିତି ପାଇଁ ରାଜ୍ୟରେ ହିନ୍ଦୀକୁ ବିରୋଧ କରିଥିଲେ । ଏହା ପଛରେ ଦକ୍ଷିଣର ମିସନାରୀଗୋଷ୍ଠୀଙ୍କ ପ୍ରୋତ୍ସାହନ ରହିଥିଲା । ଧର୍ମାନ୍ତରଣ ପାଇଁ ମିଶନାରୀ ଗୋଷ୍ଠୀ ମୂଳରୁ ବ୍ରିଟେନର ଯୋଜନାକୁ କାର୍ଯ୍ୟକାରୀ କରିଆସିଛନ୍ତି । କେଉଁଠି ଭାଷାକୁ, କେଉଁଠି ଜାତିକୁ, କେଉଁଠି ପରମ୍ପରାକୁ, କେଉଁଠି ଅ□ଳକୁ ଅସ୍ତ୍ର କରି ସେମାନେ ବିଭାଜନ ଆଣିଛନ୍ତି । ଉତ୍ତର ପୂର୍ବା□ଳର ଭାରତ ଏହାର ସ୍ପଷ୍ଟ ପ୍ରମାଣ । ଯେଉଁ କାରଣରୁ ଷ୍ଟାଲିନଙ୍କ ପରିବାର ସନାତନ ବିରୋଧୀ ମନ୍ତବ୍ୟ ଦେବାକୁ ପଛାଉନାହାନ୍ତି । ଦକ୍ଷିଣ ଭାରତର ବିଭାଜନ କଥା କହି ସେ ଏବେ ଗୋଟିଏ ପରେ ଗୋଟିଏ ବ୍ୟବସ୍ଥାକୁ ବିରୋଧ କରିବାରେ ଲାଗିଛନ୍ତି । ଜନସଂଖ୍ୟା ଅନୁସାରେ ନିର୍ବାଚନମଣ୍ଡଳୀ ଗଠନ ହେବା ଏକ ସ୍ୱାଭାବିକ ପ୍ରକ୍ରିୟା ହୋଇଥିଲାବେଳେ ତାମିଲନାଡୁ ସରକାର ଆଗାମୀ ବର୍ଷଗୁଡିକ ପାଇଁ ମଧ୍ୟ ଏହି ପ୍ରକ୍ରିୟାକୁ ବନ୍ଦ କରିବାକୁ ଚାହୁଁଛନ୍ତି ।

ଉତ୍ତର ଭାରତ ପରେ ଏବେ ମୋଦି ଦକ୍ଷିଣ ଭାରତରେ ନିଜ କାର୍ଯ୍ୟକ୍ରମକୁ ବୃଦ୍ଧି କରିବାକୁ ପ୍ରୟାସ କରିଚାଲିଛନ୍ତି । ପାର୍ଲିଆମେ□ ଭବନ ନିର୍ମାଣଠାରୁ ଆରମ୍ଭ କରି କାଶୀ ଓ ଅଯୋଧ୍ୟା ସହ ତାମିଲବାସୀଙ୍କୁ ଯୋଡିବା ପାଇଁ ଉଦ୍ୟମ କରିଛନ୍ତି । ଏସବୁର ପ୍ରଭାବ ମଧ୍ୟ ଦକ୍ଷିଣରେ ନପଡୁଛି ତା ନୁହେଁ । ତେଣୁ ଭାଷାକୁ କେନ୍ଦ୍ରକରି ହେଉଥିବା ବିରୋଧ ଯେ କେବଳ ରାଜନୈତିକ ବିଷୟ ତାହା ସମସ୍ତେ ବୁଝିପାରୁଛନ୍ତି । ତାମିଲବାସୀଙ୍କୁ ଦୀର୍ଘ ପଚାଶ ବର୍ଷରୁ ଅଧିକ କାଳ ଧରି ହିନ୍ଦୀ ବିରୋଧୀ ଓ ଉ□ର-ଭାରତର ବିରୋଧୀ କରି ଛିଡା କରିବା ପାଇଁ ଯେଉଁ ପ୍ରୟାସ ଆ□ଳିକ ଦଳଗୁଡିକ କରି ଆସିଛନ୍ତି ତାକୁ ସାମ୍ନା କରିବାକୁ ମୋଦି ସନାତନ ଧର୍ମକୁ ଅସ୍ତ୍ର କରିଛନ୍ତି । ମଠ-ମନ୍ଦିର, ପର୍ବପର୍ବାଣୀ, ହସ୍ତଶିଳ୍ପ, ପ୍ରାଚୀନ ଗ୍ରନ୍ଥ, ମହାତ୍ମାମାନଙ୍କୁ ଆଧାର କରି ଚାଲିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଏହି ଅଭିଯାନ ତାମିଲନାଡୁର ବିଷାକ୍ତ ପ୍ରଚାରକୁ ପ୍ରତିହତ କରିପାରିବ ବୋଲି ସେ ଆଶା ରଖିଛନ୍ତି । କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଏସ୍.ଜୟଶଙ୍କର ଏବଂ ନିର୍ମଳା ସୀତାରମଣଙ୍କ ପରି ଦୁଇ ତାମିଲମନ୍ତ୍ରୀ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ରହିଛନ୍ତି,ଯଦିଓ ତାମିଲନାଡୁର ଜଣେ ହେଲେ ବି ସାଂସଦ ନିର୍ବାଚନରେ ବିଜେପି ଦଳ ପକ୍ଷରୁ ବିଜୟୀ ହୋଇନାହାନ୍ତି । ଯୋଗ୍ୟତା ଏବଂ ଆ□ଳିକ ଗୁରୁତ୍ୱକୁ ମୋଦି ଛୋଟ ହେବାକୁ ଦେଇନାହାନ୍ତି । ନିଜ ମନ୍ତ୍ରିମଣ୍ଡଳର ତାମିଲ ସଦସ୍ୟ ସଦସ୍ୟାଙ୍କୁ ଅନ୍ୟ ରାଜ୍ୟରୁ ରାଜ୍ୟସଭାକୁ ଆଣି ମନ୍ତ୍ରୀତ୍ୱ ପ୍ରଦାନ କରିଛନ୍ତି ।

ଏବେ କିନ୍ତୁ ମୋଦିଙ୍କୁ ବିରୋଧ କରିବାକୁ ନୂଆ ନୂଆ ପେଖାନା ବାହାର କରୁଛନ୍ତି ଷ୍ଟାଲିନ । ନିର୍ବାଚନ ମଣ୍ଡଳୀର ସୀମା ନିର୍ଦ୍ଧାରଣ କିମ୍ବା ବିଦ୍ୟାଳୟରେ ହିନ୍ଦୀ ଭାଷା ଶିକ୍ଷାକୁ ହେଉଥିବା ବିରୋଧ ମଧ୍ୟରେ ସୀମିତ ନରହି କେନ୍ଦ୍ର-ରାଜ୍ୟ ସଂପର୍କକୁ ମଧ୍ୟ ଅସ୍ତ୍ର କରିବେ ବୋଲି ଘୋଷଣା କରିଛନ୍ତି । କହିବାକୁଗଲେ ଏତିକିରେ ଷ୍ଟାଲିନ ସୀମିତ ନରହି ତାମିଲସ୍ଥାନ ଗଠନ ଆଡକୁ ଯାଉଛନ୍ତି ବୋଲି ସମୀକ୍ଷକମାନେ କହୁଛନ୍ତି । କାରଣ ଏ ପ୍ରକାର ବିଚ୍ଛିନ୍ନତାବାଦୀ ବିଚାର ତାମିଲନାଡୁର ରାଜନେତାଙ୍କ ପାଇଁ କିଛି ନୂଆ ନୁହେଁ । ଏପରିକି ଅତୀତରେ ରାଜ୍ୟନେତାମାନଙ୍କ ପ୍ରୋତ୍ସାହନ କ୍ରମେ ଶ୍ରୀଲଙ୍କାରେ ତାମିଲସନ୍ତ୍ରାସୀଙ୍କୁ ସୃଷ୍ଟି କରିବାକୁ ଆର୍ଥିକ ଓ ରାଜନୈତିକ ସହଯୋଗ ପ୍ରଦାନ କରାଯାଇଥିଲା, ଯାହାକି ଆଜିଯାଏଁ ଦ୍ୱିପାକ୍ଷିକ ସଂପର୍କକୁ ପ୍ରଭାବିତ କରିଆସିଛି । ତାମିଲ ନେତାମାନଙ୍କ ମାନସିକତା ଯୋଗୁ ଶ୍ରୀଲଙ୍କାର ସିଂହଳୀ ଲୋକେ ଆଜି ମଧ୍ୟ ଭାରତୀୟଙ୍କୁ ବିଶ୍ୱାସକୁ ନେଇପାରୁନାହାନ୍ତି । ଦୀର୍ଘଦିନର ହିଂସା, ରକ୍ତପାତ, ବୋମା ବିସ୍ଫୋରଣ, ସନ୍ତ୍ରାସୀ ଆକ୍ରମଣକୁ ନିଜ ଆଖିରେ ଦେଖିଥିବା ସିଂହଳୀଲୋକେ ଏବେ ମଧ୍ୟ ଭାରତୀୟମାନଙ୍କୁ ସନ୍ଦେହପୂର୍ଣ୍ଣ ଦୃଷ୍ଟିରେ ଦେଖି ଆସୁଛନ୍ତି । କହିବାକୁ ଗଲେ ବ୍ରିଟିଶମାନେ ସେମାନଙ୍କ ରାଜକୀୟ ସ୍ୱାର୍ଥପାଇଁ ଯେଉଁ ବିଭାଜନର ମଞ୍ଜି ଶିକ୍ଷା, ସମାଜ, ବ୍ୟବସ୍ଥା ମଧ୍ୟରେ ରୋପଣ କରିଥିଲେ ତାହା ଆଜି ବଟବୃକ୍ଷ ସଦୃଶ ହୋଇଛି । ବର୍ଣ୍ଣ, ଜାତି, ପ୍ରଦେଶ, ଭାଷାକୁ କେନ୍ଦ୍ରକରି ସ୍ଥାନୀୟ ଲୋକଙ୍କ ମଧ୍ୟରେ ସଂଘର୍ଷ ସୃଷ୍ଟିକରି ସେମାନେ ଧର୍ମାନ୍ତରଣକୁ ଦକ୍ଷିଣ ଭାରତରେ ବ୍ୟାପକ କରିଥିରେ,ତାର ପ୍ରଭାବ ଏବେ ଦେଖିବାକୁ ମିଳୁଛି । ମୋଦି ଦକ୍ଷିଣ ଭାରତରେ ନିଜ ଦଳକୁ ସଶକ୍ତ କରିବାକୁ ଉଦ୍ୟମ କଲାବେଳେ ଆ□ଳିକ ଦଳଗୁଡିକର ନେତାମାନେ ନିଜକୁ ଅସୁରକ୍ଷିତ ମନେକରୁଛନ୍ତି,ଏହା ହେବା ସ୍ୱାଭାବିକ । କିନ୍ତୁ ଲୋକଙ୍କ ମତକୁ ଗୁରୁତ୍ୱ ଦେଇ କାର୍ଯ୍ୟକରିବା ବଦଳରେ ଦେଶ ଓ ସମାଜର ବିଭାଜନ କରିବା ପାଇଁ ହେଉଥିବା ଷଡଯନ୍ତ୍ରକୁ ନୀରବରେ ଗ୍ରହଣ କରାଯିବା ଅନୁଚିତ୍ ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩



# ବଶିଷ୍ଠଙ୍କ ଉଦାରତା

ଋଷି ବିଶ୍ୱାମିତ୍ର ପ୍ରଥମେ ଜଣେ ରାଜା ଥିଲେ ଏବଂ ପରେ ସେ ବ୍ରହ୍ମର୍ଷି ପଦ ପ୍ରାପ୍ତି କରିବା ଲାଗି ତପସ୍ୟା କରିଥିଲେ। କିନ୍ତୁ ଏହି ପଦ ପାଇଁ ଆବଶ୍ୟକ ମାନଦଣ୍ଡ ପୂରଣ କରୁନଥିବାରୁ ବିଶ୍ୱାମିତ୍ରଙ୍କୁ ଋଷି ବଶିଷ୍ଠ ବ୍ରହ୍ମର୍ଷି ପଦ ଦେଇନଥିଲେ। ଏଥିଯୋଗୁ କ୍ରୋଧିତ ଋଷି ବିଶ୍ୱାମିତ୍ର ବଶିଷ୍ଠଙ୍କ ୧୦୦ ପୁତ୍ରଙ୍କୁ ହତ୍ୟା କରିଥିଲେ । ଏହି ଘଟଣାର ଅନେକ ଦିନ ପରେ ଦିନେ ବ୍ରହ୍ମର୍ଷି ବଶିଷ୍ଠ ପତ୍ନୀ ଅରୁନ୍ଧତୀଙ୍କୁ କହିଲେ, ଦେବୀ ! ଋଷି ବିଶ୍ୱାମିତ୍ରଙ୍କ ଆଶ୍ରମରୁ ଲୁଣ ମାଗି ଆଣ। ଅରୁନ୍ଧତୀ କହିଲେ, ଆପଣ କିଭଳି ଏପରି ଆଜ୍ଞା ଦେଉଛନ୍ତି ସ୍ୱାମୀ ? ଯିଏ ମୋର ଶହେ ପୁତ୍ରଙ୍କ ବଧ କରିଛି, ତାଙ୍କରି ଆଶ୍ରମରୁ ଲୁଣ ଆଣିବା ଲାଗି କହୁଛନ୍ତି ? ଋଷି ବଶିଷ୍ଠ କହିଲେ ଦେବୀ, ବିଶ୍ୱାମିତ୍ର ଅତ୍ୟନ୍ତ ଉଦାର ଋଷି । ଅରୁନ୍ଧତୀ କହିଲେ, ଯଦି ତୁମେ ଋଷି ବିଶ୍ୱାମିତ୍ରଙ୍କୁ ଏତେ ଭଲ ପାଉଛ, ତା'ହେଲେ ଥରେ ତାଙ୍କୁ 'ବ୍ରହ୍ମର୍ଷି' କହି ଦେଇଥିଲେ ଆମକୁ ଶତପୁତ୍ରଙ୍କୁ ହରାଇବାକୁ ପଡ଼ିନଥାନ୍ତା। ଅନ୍ୟପଟେ ଋଷି ବିଶ୍ୱାମିତ୍ର, ବଶିଷ୍ଠଙ୍କ କୁଡ଼ିଆ ପାଖରେ ଛିଡ଼ା ହୋଇ ଏହି କଥୋପକଥନ ଶୁଣୁଥିଲେ । ସେ ତୁରନ୍ତ ଚାଲି ଆସି ବଶିଷ୍ଠଙ୍କ ପାଦ ତଳେ ପଡ଼ିଗଲେ । ସେ ବିଶ୍ୱାମିତ୍ରଙ୍କୁ କ୍ଷମା ପ୍ରାର୍ଥନା କଲେ। ବଶିଷ୍ଠ କହିଲେ, ଉଠ ବ୍ରହ୍ମର୍ଷି, ଉଠ । ଆଜି ତୁମେ ବ୍ରହ୍ମର୍ଷି ପଦ ପ୍ରାପ୍ତ କରି ସାରିଛ । ତୁମ ମନର ସମସ୍ତ କଳୁଷତା ଦୂର ହୋଇ ସାରିଛି । କୁହ କ'ଣ ଚାହୁଁଛ । ବିଶ୍ୱାମିତ୍ର ବ୍ରହ୍ମବିଦ୍ୟାର ଉପଦେଶ ମାଗିଲେ । ବଶିଷ୍ଠ ଏଥିପାଇଁ ଶେଷନାଗଙ୍କ ନିକଟକୁ ଯିବା ଲାଗି ବିଶ୍ୱାମିତ୍ରଙ୍କୁ ପରାମର୍ଶ ଦେଲେ । ବିଶ୍ୱାମିତ୍ର ଅନନ୍ତଦେବ ଶେଷନାଗଙ୍କ ନିକଟରେ ପହଞ୍ଚିଲେ । ଶେଷ ନାଗ ସର୍ତ୍ତ ରଖିଲେ ଯେ ପୃଥିବୀର ଭାର ଉଠାଇବା ଲାଗି । ବିଶ୍ୱାମିତ୍ର ନିଜ ତପଶକ୍ତି ବଳରେ ପୃଥିବୀର ଭାର ଉଠାଇବାକୁ ଚାହିଁଲେ । ମାତ୍ର ପାରିଲେ ନାହିଁ । ଶେଷନାଗ କହିଲେ, ତପସ୍ୟାର ଶକ୍ତି ଯଥେଷ୍ଟ ନୁହେଁ । କେବେ ସାଧୁ ସଙ୍ଗ କରିଛ ? ବିଶ୍ୱାମିତ୍ର ଋଷି ବଶିଷ୍ଠଙ୍କ ସହ ସଂଗତିର ପୁଣ୍ୟଫଳ ଦେବାକୁ ପ୍ରସ୍ତୁତ ହୋଇଗଲେ । ଏଥର ସେ ପୃଥିବୀର ଭାର ଉଠାଇବାକୁ ସକ୍ଷମ ହେଲେ । ଶେଷନାଗ କହିଲେ ଯେଉଁ ବ୍ୟକ୍ତିର ମାତ୍ର କିଛି କ୍ଷଣ ସଂଗତି ଦ୍ୱାରା ତୁମେ ପୃଥିବୀକୁ ଧାରଣ କରିବା ଲାଗି ସକ୍ଷମ ହୋଇପାରିଲ, ସେ ତୁମକୁ ବ୍ରହ୍ମଜ୍ଞାନ ପ୍ରଦାନ କରି ସାରିଛନ୍ତି । ଏଥର ତୁମକୁ ନିଜ ବିନମ୍ରତା ସ ି ଦ୍ଧ କରିବାକୁ ହେବ ।



# ଗାଁ ସାରା ମନ୍ଦିର

ଝାଡ଼ଖଣ୍ଡର ଦୁମକା ଜିଲ୍ଲା ଅଧୀନରେ ଶିକାରୀପଡ଼ା ନାମରେ ଏକ ସ୍ଥାନ ରହିଛି । ଏହି ଅଞ୍ଚଳରେ ମଲୁଟି ନାମକ ଏକ ଗ୍ରାମ ଅବସ୍ଥିତ। ଏ ଗ୍ରାମର ବିଶେଷତ୍ୱ ହେଉଛି ଏଠାରେ ସଂଖ୍ୟାଧିକ ପ୍ରାଚୀନ ମନ୍ଦିର ଦେଖିବାକୁ ମିଳିଥାଏ। ଅଧିକ ସଂଖ୍ୟାରେ ମନ୍ଦିର ଥିବାରୁ ଏହି ଗ୍ରାମ 'ଗୁପ୍ତ କାଶୀ' ଏବଂ 'ମନ୍ଦିର ଗାଁ' ନାମରେ ମଧ୍ୟ ପ୍ରସିଦ୍ଧି ଲାଭ କରିଛି । ଲୋକ ମାନ୍ୟତା ଅନୁଯାୟୀ, ପ୍ରାଚୀନ କାଳରେ ଜଣେ କୃଷକ ଏହି ଗ୍ରାମର ରାଜା ଥିଲା। ତାଙ୍କରି ବଂଶଜମାନେ ହିଁ ଏଠାରେ ୧୦୮ ବିହଙ୍ଗମୟ ମନ୍ଦିର ନିର୍ମାଣ କରାଇଥିଲେ। ଆରମ୍ଭରୁ ଏଠାରେ ୧୦୮ଟି ମନ୍ଦିର ଥିଲା, କିନ୍ତୁ ଏବେ ମାତ୍ର ୭୨ଟି ରହିଛି ।




ହୃଷିକେଶ ଠାରୁ ୭୦ କିଲୋମିଟର ଦୂରରେ ପ୍ରଥମ ପ୍ରୟାଗ ପଡ଼ିଥାଏ । ଏହାକୁ ଦେବ ପ୍ରୟାଗ କୁହାଯାଇଥାଏ। ରାବଣକୁ ବଧ କରିବା ପରେ ବ୍ରହ୍ମହତ୍ୟା ଦୋଷରୁ ମୁକୁଳିବା ପାଇଁ ଭଗବାନ ରାମଚନ୍ଦ୍ର, ମାତା ସୀତା ଓ ଲକ୍ଷ୍ମଣଙ୍କ ସହ ଏହି ସ୍ଥାନରେ ଆସି ତପସ୍ୟା କରିଥିଲେ । ଏହାଛଡ଼ା ଭଗୀରଥ ସ୍ୱର୍ଗରୁ ଗଙ୍ଗା ମାତାଙ୍କୁ ନେଇ ଆସିବା ସମୟରେ ସେ ଏହି ଠାରେ ପ୍ରଥମେ ପଦାର୍ପଣ କରିଥିଲେ । ଏଠାରେ ଗଙ୍ଗାମାତାଙ୍କ ଦର୍ଶନ ପାଇଁ ୩୩ କୋଟି ଦେବାଦେବୀ ଏକତ୍ର ହୋଇଥିଲେ। ଏଠାରେ ଭଗୀରଥୀ ଏବଂ ଗଙ୍ଗା ନଦୀର ସଂଗମ ହୋଇଛି । ଏହି ସଂଗମରେ ସ୍ନାନ କଲେ ପ୍ରୟାଗ ସ୍ନାନର ପୁଣ୍ୟ ପ୍ରାପ୍ତି ହୋଇଥାଏ । ଦ୍ୱିତୀୟ ପ୍ରୟାଗ ହେଉଛି ରୁଦ୍ର ପ୍ରୟାଗ । ଏହାକୁ ଦେବର୍ଷି ନାରଦଙ୍କ ତପସ୍ଥଳୀ ବୋଲି କୁହାଯାଏ । ଏଠାରେ ଅଳକାନନ୍ଦା ଭଗବାନ ଶିବଙ୍କ ଚରଣଧୂଳି ସଂଗ୍ରହ କରି ଗଙ୍ଗା ନଦୀ ସହ ମିଶିଥିଲେ । ଏହି ସ୍ଥାନକୁ ବିଷ୍ଣୁ ଏବଂ ଶିବଙ୍କ ସଂଗମସ୍ଥଳୀ ବୋଲି କୁହାଯାଏ । ତୃତୀୟ ପ୍ରୟାଗ ହେଉଛି କର୍ଣ୍ଣ ପ୍ରୟାଗ । ଏହି ସ୍ଥାନରେ ଶକୁନ୍ତଳା ଏବଂ ରାଜ ଦୁଷ୍ୟନ୍ତଙ୍କ ମିଳନସ୍ଥଳୀ । ଏହି ସ୍ଥାନରେ ପବିତ୍ର ଅଳକାନନ୍ଦା ସହ ପିଣ୍ଡାରୀ ନଦୀ ମିଶିଛି । କର୍ଣ୍ଣ ପ୍ରୟାଗ ଠାରୁ ମାତ୍ର ୨୨ କିଲୋମିଟର ଦୂରରେ ରହିଛି ଅଳକାନନ୍ଦା ଓ ମନ୍ଦାକିନୀର ସଂଗମ । ଏଠାରେ ରାଜା ନନ୍ଦ ତପସ୍ୟା କରିଥିଲେ । ସେଥିପାଇଁ ଏହାକୁ ନନ୍ଦ ପ୍ରୟାଗ କୁହାଯାଇଥାଏ । ଏହା ଉତ୍ତରାଖଣ୍ଡର ଚତୁର୍ଥ ପ୍ରୟାଗ । ଏଠାରୁ ପାଦରେ ଚାଲି ଚାଲି ରୁଦ୍ର କୁଣ୍ଡ ପର୍ଯ୍ୟନ୍ତ ଯାତ୍ରା କରିହେବ । ଉତ୍ତରାଖଣ୍ଡର ଶେଷ ପ୍ରୟାଗ ହେଉଛି ବିଷ୍ଣୁ ପ୍ରୟାଗ । ଏଠାରେ ବିଷ୍ଣୁ କୁଣ୍ଡର ବିଶେଷ ମହତ୍ତ୍ୱ ରହିଛି । ଏଠାରେ ଧଉଳି ଗଙ୍ଗା ତଥା ବିଷ୍ଣୁ ଗଙ୍ଗାର ସଂଗମ ହୋଇଛି । ଶ୍ରଦ୍ଧାଳୁ ଏହି ପ୍ରୟାଗର ଦର୍ଶନ କରି ବଦ୍ରିନାଥ



*କର୍ଣ୍ଣ ପ୍ରୟାଗ ଠାରୁ ମାତ୍ର ୨୨ କିଲୋମିଟର ଦୂରରେ ରହିଛି ଅଳକାନନ୍ଦା ଓ ମନ୍ଦାକିନୀର ସଂଗମ । ଏଠାରେ ରାଜା ନନ୍ଦ ତପସ୍ୟା କରିଥିଲେ । ସେଥିପାଇଁ ଏହାକୁ ନନ୍ଦ ପ୍ରୟାଗ କୁହାଯାଇଥାଏ ।*



*ହିନ୍ଦୁ ଧର୍ମରେ ଜନ୍ମାଷ୍ଟମୀ ପର୍ବ ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ ରୂପେ ପାଳନ କରାଯାଏ। ଏହି ପର୍ବ ବଡ ଧୂମଧାମର ସହ ପାଳନ କରାଯାଇଥାଏ। ଭଗବାନ ଶ୍ରୀକୃଷ୍ଣଙ୍କ ଭାଦ୍ରପଦ ମାସରେ କୃଷ୍ଣ ପକ୍ଷର ଅଷ୍ଟମୀ ତିଥି ରୋହିଣୀ ନକ୍ଷତ୍ରରେ ଜନ୍ମ ଗ୍ରହଣ କରିଥିଲେ। ଏହି ଦିନ ଭଗବାନ କୃଷ୍ଣଙ୍କ ଭକ୍ତମାନେ ଉପବାସ ମଧ୍ୟ ରଖିଥାନ୍ତି। ଘରେ ଘରେ ବାଳ ଗୋପାଳଙ୍କ ପୂଜା କରାଯାଇଥାଏ। ଏଥିସହ ବାଳ ଗୋପାଳଙ୍କ ପାଇଁ ଝୁଲା ମଧ୍ୟ ପ୍ରସ୍ତୁତ କରାଯାଇଥାଏ।*

# ଜନ୍ମାଷ୍ଟମୀର ବିଧି

ସକାଳୁ ଜଲଦି ଉଠିବା ପରେ ସର୍ବ ପ୍ରଥମେ ବାଳ ଗୋପାଳଙ୍କ ପୂଜା କରି ଭୋଗ ଲଗାନ୍ତୁ। ବାଳ ଗୋପାଳଙ୍କ ପୂଜାରେ ବ୍ୟବହାର କରାଯାଉଥିବା ସମସ୍ତ ଜିନିଷ ଶୁଦ୍ଧ ହୋଇଥିବା ଆବଶ୍ୟକ। ପ୍ରତିଦିନ ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରତିମାକୁ ଗଙ୍ଗାଜଳରେ ସ୍ନାନ କରାଇବା ଉଚିତ। ସ୍ନାନ କରାଇବା ପରେ ଚନ୍ଦନ ଟିକା ଲଗାନ୍ତୁ। ବାଳ ଗୋପାଳଙ୍କ ବସ୍ତ୍ର ପ୍ରତ୍ୟେକ ଦିନ ପରିବର୍ତ୍ତନ କରନ୍ତୁ। ଏହା ବ୍ୟତୀତ ପ୍ରତ୍ୟେକ ଦିନ ଅନୁଯାୟୀ ସୋମବାର ଦିନ ଧଳା, ମଙ୍ଗଳବାର ନାଲି, ବୁଧବାର ସବୁଜ, ଗୁରୁବାର ହଳଦିଆ, ଶୁକ୍ରବାର ନାରଙ୍ଗୀ, ଶନିବାର ନୀଳ ଏବଂ ରବିବାର ଦିନ ନାଲି ରଙ୍ଗର ବସ୍ତ୍ର ପିନ୍ଧାନ୍ତୁ। ଲଡୁ ଗୋପାଳଙ୍କର ମାଖନ, ମିଶ୍ରି ଏବଂ ତୁଳସୀ ପତ୍ର ଅତ୍ୟନ୍ତ ପ୍ରିୟ। ଏହି କାରଣରୁ ପ୍ରତ୍ୟେକ ଦିନ ଭାଗରେ ନିଶ୍ଚୟ ଏହିସବୁ ଜିନିଷ ସାମିଲ କରନ୍ତୁ। ବାଳ ଗୋପାଳଙ୍କ ପୂଜା ଏବଂ ତାଙ୍କୁ ଭୋଗ ନ ଲଗାଇ ଖାଦ୍ୟ ଗ୍ରହଣ କରିବା ଅନୁଚିତ। ଭୋଗ କରିବା ପରେ ହିଁ ଖାଦ୍ୟ ଗ୍ରହଣ କରନ୍ତୁ। ବିଶେଷ ରୂପେ ଘରେ ବାଳ ଗୋପାଳଙ୍କ ମୂର୍ତ୍ତି ଥିଲେ ମଦ-ମାଂସ ଏବଂ ଅଧର୍ମ କାର୍ଯ୍ୟର ଦୂରେଇ ରୁହନ୍ତୁ। ଏସବୁ ବ୍ୟତୀତ ରାତିରେ ଶୋଇବା ପୂର୍ବରୁ ପ୍ରଥମେ ବାଳ ଗୋପାଳଙ୍କୁ ଶୁଆଇବା ପରେ ନିଜେ ଶୁଅନ୍ତୁ।

# ଜନ୍ମାଷ୍ଟମୀ



ଦ୍ୱାପର ଯୁଗରେ ସମଗ୍ର ବିଶ୍ୱରେ ଅଧର୍ମ ରାଜୁତି କରୁଥିଲା। କରୁଣାର ବିନାଶ ହୋଇ ସାରିଥିଲା ଏବଂ ଧର୍ମ ଅସ୍ତିତ୍ୱ ହରାଇବାକୁ ବସିଥିଲା। ପ୍ରବଳ ପ୍ରତାପୀ କଂସର ଅତ୍ୟାଚାରରେ ଅତିଷ୍ଠ ମାନବ ସମାଜକୁ ଉଦ୍ଧାର କରିବା ନିମନ୍ତେ ଆଜକୁ ପ୍ରାୟ ୫ ହଜାର ବର୍ଷ ପୂର୍ବେ ଭାଦ୍ରବ ମାସ କୃଷ୍ଣପକ୍ଷର ପରମ ପବିତ୍ର ଅଷ୍ଟମୀ ତିଥି ରୋହିଣୀ ନକ୍ଷତ୍ରରେ ଜଗତ୍‌ପିତା, ସାକ୍ଷାତ୍ ପରବ୍ରହ୍ମ, ସଚରାଚର ଜଗତର ସ୍ୱାମୀ ଭଗବାନ ବିଷ୍ଣୁ ନିଜର ୧୬ କଳାରେ ପରିପୂର୍ଣ୍ଣ ଶ୍ରୀକୃଷ୍ଣ ଅବତାରରେ ଧରାବତରଣ କରିଥିଲେ। ସେ ମାତା ଦେବକୀଙ୍କ ଗର୍ଭରୁ ମଥୁରାରେ ଥିବା କଂସର କାରାଗାରରେ ଜନ୍ମ ନେଇଥିଲେ। ଜନ୍ମ ନେବା ପୂର୍ବରୁ ଭଗବାନ ନିଜର ପୂର୍ଣ୍ଣ ସ୍ୱରୂପରେ ଶ୍ରୀବସୁଦେବ ଏବଂ ଦେବକୀଙ୍କୁ ଦର୍ଶନ ଦେଇଥିଲେ । ଭଗବାନଙ୍କ ନେତ୍ର ଯୁଗଳ ଶ୍ୱେତ ଶ୍ୟାମ ବର୍ଣ୍ଣ ତଥା ତାଙ୍କ ଶରୀର ନୀଳ ଆଭା ଭଳି ଚମକୁଥିଲା । ଚାରି ଭୁଜରେ ଶଙ୍ଖ, ଚକ୍ର, ଗଦା, ପଦ୍ମଧାରୀ ବିଷ୍ଣୁଙ୍କ ଦିବ୍ୟ ରୂପ ଦର୍ଶନ କରି ମାତା ଦେବକୀ ଓ ଯାଦବ ଶ୍ରେଷ୍ଠ ବସୁଦେବ ଧନ୍ୟ ହୋଇଥିଲେ। ଦେବକୀ ଏବଂ ବସୁଦେବଙ୍କୁ ଆଶ୍ୱାସନା ଦେଇ ଭଗବାନ କହିଲେ, ଭୟ ଧାରଣ କରିବାର କୌଣସି ଆବଶ୍ୟକତା ନାହିଁ। ମୁଁ ଆଜି ଆପଣ ଦୁହିଁଙ୍କ ପୁତ୍ର ଭାବେ ଶ୍ରୀକୃଷ୍ଣ ଅବତାରରେ ଜନ୍ମ ନେବାକୁ ଯାଉଛି। ଆପଣ ମୋତେ ନେଇ ଗୋପପୁରରେ ନନ୍ଦରାଜାଙ୍କ ଘରେ ଛାଡ଼ି ଆସିବେ। ତାହାହିଁ ହେଲା । ମଥୁରା ନଗରୀରେ ସମସ୍ତେ କାଳନିଦ୍ରାରେ ଶୋଇଥିବା ବେଳେ ଭରା ଯମୁନା ପାରି ହୋଇ ବସୁଦେବ ନନ୍ଦପୁରରେ ପହଞ୍ଚିଲେ । ସେ ସମୟରେ ନନ୍ଦରାଜା ଓ କରୁଣାମୟୀ ମାତା ଯଶୋଦା ଅଚେତ ପ୍ରାୟ ଶୋଇଥାନ୍ତି। ଶ୍ରୀକୃଷ୍ଣଙ୍କୁ ଛାଡ଼ିବା ପରେ ଦେବୀ ଯଶୋଦାଙ୍କ ଠାରୁ ଜନ୍ମିତ କନ୍ୟାକୁ ନେଇ ବସୁଦେବ ପୁଣି ଥରେ କଂସର କାରାଗାରକୁ ଫେରି ଆସିଲେ। ସାରା ଗୋକୁଳରେ କୃଷ୍ଣ ଜନ୍ମର ଉତ୍ସବ ପାଳିତ ହେଉଥିଲା। ଦୀର୍ଘ ୧୨ ଦିନ ପର୍ଯ୍ୟନ୍ତ ପୁତ୍ର ଜନ୍ମୋତ୍ସବ ପାଳିତ ହେଲା। ଦ୍ୱାଦଶ ଦିନ, ଅର୍ଥାତ୍ ପୁତ୍ର ଜନ୍ମୋତ୍ସବର ଶେଷ ଦିନରେ ନାମକରଣ ଉତ୍ସବ ଅନୁଷ୍ଠିତ ହେଲା । ସେହି ଦିନ ବାଳକର ନାମ ରଖାଗଲା କାହ୍ନା । ଦିବ୍ୟଗୁଣ ସମ୍ପନ୍ନ ସେହି ବାଳକ ସାରା ବିଶ୍ୱକୁ ଯେଉଁ ଦିଗ୍‌ଦର୍ଶନ ଦେଇଯାଇଛନ୍ତି, ତା'କୁ ଆଖି ଆଗରେ ରଖି ସାରା ଜଗତରେ ଆଜି ମଧ୍ୟ ତାଙ୍କର ଜନ୍ମୋତ୍ସବ ପାଳିତ ହେଉଛି ।

# ବନ୍ଦ କରାଯିବ ନରକର ଦ୍ୱାର

ତୁର୍କମେନିସ୍ତାନରେ ପ୍ରାୟ ୫୦ ବର୍ଷରୁ ଜଳୁଥିବା ନର୍କ ଦ୍ୱାର ବା ଗେଟ୍ ଓ୍ୱେ ଅଫ୍ ହେଲ ବନ୍ଦ ହେବାକୁ ଯାଉଛି । କାରଣ ଏହି ଗାତରୁ ନିଆଁ ବାହାରୁଥିବାରୁ ଏହା ପର୍ଯ୍ୟଟକମାନଙ୍କ ପାଇଁ ଅସୁବିଧା କରାଉଥିବାରୁ ଏହି ନିଆଁ ଗାତ ବା ନର୍କର ଦ୍ୱାର କୁହାଯାଉଥିବା ଏହି ନିଆଁ ଗାତକୁ ବର୍ତ୍ତମାନ ସମ୍ପୂର୍ଣ୍ଣ ରୂପେ ବନ୍ଦ କରାଯିବା କଥା ତୁର୍କମେନିସ୍ତାନ ସରକାର ନିର୍ଦ୍ଦେଶ ଦେଇଛନ୍ତି । ତେବେ ତୁର୍କମେନିସ୍ତାନର କାରାକୁମ୍ ମରୁଭୂମିରେ ଅବସ୍ଥିତ ଏହି ସ୍ଥାନକୁ ନର୍କର ଦ୍ୱାର ବୋଲି କୁହାଯାଏ । କାରଣ ଏଠାରେ ଏମିତି କିଛି ଜିନିଷ ରହିଛି ଓ ଦେଖିବାକୁ ମିଳିଛି ଯାହାକୁ ଦେଖି ଲୋକେ ଏହାକୁ ନରକ ବୋଲି ବିବେଚିତ କରିଛନ୍ତି । ଯେଉଁଠାରେ ଏହି ସ୍ଥାନଟି ଅବସ୍ଥିତ, ସେଠାରେ ଏକ ବଡ଼ ଗାତ ରହିଛି ଯେଉଁଠାରୁ ଲଗାତାର ଭାବେ ନିଆଁ ବାହାରୁଛି । ପୁଣି ଏହା ବଡ ଅଜବ ଯେ ଅନେକ ଚେଷ୍ଟା କରିବା ପରେ ବି ଏହି ନିଆଁକୁ ଆଜି ପର୍ଯ୍ୟନ୍ତ କେହି ଲିଭାଇବାକୁ ସକ୍ଷମ ହୋଇନାହାଁନ୍ତି। କୁହାଯାଏ ଯେ ୧୯୭୧ ମସିହାରେ ପ୍ରାକୃତିକ ଗ୍ୟାସ ଆବିଷ୍କାର କରିବା ପାଇଁ ଏଠାରେ ଏକ ଛୋଟ ଗାତ ଖୋଳା ଯାଇଥିଲା। କିନ୍ତୁ ଭୂମିର ଏକ ଅଂଶ ଭୁଶୁଡ଼ି ପଡିଲା ଏବଂ ଏଠାରେ ସେହି ସମୟରେ ୧୩୦ ଫୁଟ ଚଉଡା ଏବଂ ୬୦ଫୁଟ ଗଭୀରର ଏକ ବୃହତ୍ ଗାତ ସୃଷ୍ଟି ହୋଇଗଲା ।



ଏହା ପରେ ଏଠାରୁ ଅଧିକ ମିଥେନ ଗ୍ୟାସ ଏଠାରୁ ବାହାରିବା ଆରମ୍ଭ ହୋଇଗଲା, ପରେ ଏଠାରେ ଥିବା ଖନନକାରୀ ଦଳ ଏହାକୁ ପୋଡି ଦେଲେ । ସେମାନେ ମିଥେନ ଗ୍ୟାସରେ ନିଆଁ ଲଗାଇବାର କାରଣ ଥିଲା ଯେ ମିଥେନ ଗ୍ୟାସ କିଛି ଦିନ ମଧ୍ୟରେ ଜଳିଯିବ, ଯାହା ପରେ ଗାତ ଖୋଳିବାରେ କୌଣସି ଅସୁବିଧା ହେବ ନାହିଁ କିନ୍ତୁ ସେମାନେ ଏପରି କରିବା ପରେ ମଧ୍ୟ ସଫଳ ହୋଇନଥିଲେ । ମିଥେନ ଗ୍ୟାସ ଲିଭି ନଥିଲା ଓ ଆଜି ପର୍ଯ୍ୟନ୍ତ ବି ଏହି ନିଆଁ ଜଳୁଛି ।

ଏହି ବଡ଼ ଗାତରୁ ଏମିତି ନିଆଁ ବାହାରୁଛି ଯେ , ଯାହାକୁ ଦେଖି ଲୋକମାନେ ଭୟଭୀତ ହେଇଯାଉଛନ୍ତି । ଏହି ଗାତ ପାଖକୁ ଯିବାକୁ କେହି ସାହସ ମଧ୍ୟ କରନ୍ତି ନାହିଁ । ଏହି କାରଣରୁ, ସ୍ଥାନୀୟ ଲୋକମାନେ ଏହି ଗାତକୁ ନରକର ଦ୍ୱାର ବୋଲି କହୁଛନ୍ତି । ଲୋକମାନେ ଏହି ଗାତକୁ ନରକର ଦ୍ୱାର କହିବା ପଛରେ କାରଣ ମଧ୍ୟ କହିଛନ୍ତି । ସେମାନେ କହିଛନ୍ତି ଯେ ନର୍କରୁ ମଧ୍ୟ ଏମିତି ନିଆଁ ବାହାରୁଥିବ । ଯେଉଁଠି ଗଲେ ମଣିଷ କଷ୍ଟ ହିଁ କଷ୍ଟ ପାଇବ ।

# ମାନସିକ ଚାପ କମ୍ କରେ ନୀଳ ରଙ୍ଗ



ପ୍ରତି ୧୫ଜଣରେ ୫ଜଣ ଲୋକ ମାନସିକଚାପରେ ଆକ୍ରାନ୍ତ। ଆଜିର ସମୟରେ ସ୍ମାର୍ଟଫୋନ୍‌ରେ କିଛି ସମୟ ଅତିବାହିତ କରି ଲୋକେ ନିଜ ଚାପକୁ କମ୍ କରୁଥିବାର ମତ ଦେଇଛନ୍ତି। ବିଭିନ୍ନ ଆପ୍ଲିକେସନରେ ସମୟ କାଟିବା ସହ ଗେମ୍ ଖେଳିଲେ କେତେଜଣଙ୍କୁ ମଜା ଲାଗେ। ଦୈନନ୍ଦିନ ବ୍ୟବହାରରେ ଆସୁଥିବା ସୋସିଆଲ୍ ସାଇଟ୍ ମଧ୍ୟ ମାନସିକ ଚାପକୁ କମ୍ କରୁଥିବାର ବିଶେଷଜ୍ଞ ମତ ଦେଇଛନ୍ତି। ଫେସବୁକ୍, ଟ୍ୱିଟର୍ ଆଦି ସୋସିଆଲ୍ ସାଇଟ୍ ନୀଳ ରଙ୍ଗରେ ଡିଜାଇନ୍ କରାଯାଇଛି, ଏହା ପଛରେ ମଧ୍ୟ ଯଥାର୍ଥ କାରଣ ରହିଛି। ନୀଳ ରଙ୍ଗ ମାନସିକଚାପକୁ କମ୍ କରିବା ସହ ଏଇ ରଙ୍ଗକୁ ଦେଖିଲେ ମନ ଫୁର୍ତ୍ତି ଲାଗୁଥିବାର ବିଶେଷଜ୍ଞଙ୍କ ମତ। ଏହା ଉପରେ ପରୀକ୍ଷା କରି ସଫଳତା ପାଇବା ପରେ ସୋସିଆଲ୍ ସାଇଟ୍ ଫେସବୁକ୍, ଟ୍ୱିଟର୍‌କୁ ମଧ୍ୟ ନୀଳ ରଙ୍ଗରେ ହିଁ ଡିଜାଇନ୍ କରାଯାଇଥିଲା। ପରବର୍ତ୍ତୀ ସମୟରେ ଅନୁଧ୍ୟାନରୁ ଜଣାପଡ଼ିଥିଲା, ଲୋକେ ଏସବୁ ସାଇଟ୍‌ରେ ସମୟ ଅତିବାହିତ କରି ମାନସିକ ଶାନ୍ତି ପାଉଥିବାର ମତ ଦେଇଛନ୍ତି। ସମୁଦ୍ରର ନୀଳ ରଙ୍ଗ ସହ ନୀଳ ଆକାଶକୁ କିଛି ସମୟ ଚାହିଁ ବସିଲେ ମଧ୍ୟ ମଣିଷ ଚିନ୍ତା ମୁକ୍ତ ହୋଇଯାଏ। ଈଷତ୍ ନୀଳ ରଙ୍ଗ ଆଖିକୁ ମଧ୍ୟ ବିଶ୍ରାମ ଦେଉଥିବାର ବିଶେଷଜ୍ଞ କହିଛନ୍ତି। ନିଦ୍ରାହୀନତାରେ ଆକ୍ରାନ୍ତ ଲୋକଙ୍କୁ ଡାକ୍ତର ପରାମର୍ଶ ଦିଅନ୍ତି ନୀଳ ରଙ୍ଗର ବିଛଣାରେ ଶୋଇବାକୁ ନଚେତ୍ ଯେଉଁ କକ୍ଷର କାନ୍ଥ ନୀଳ ରଙ୍ଗ ହୋଇଥିବ, ସେଇ କକ୍ଷରେ ଶୋଇବା ଭଲ।

# ମହାଦେବଙ୍କ ବରଦାନ

ଥରେ ଭଗବାନ ଶ୍ରୀକୃଷ୍ଣ ପୁତ୍ର ପ୍ରାପ୍ତି ନିମନ୍ତେ ଇଚ୍ଛା କଲେ । ସେ ଜଣେ ମୁନିଙ୍କ ଆଶ୍ରମକୁ ଗଲେ । ମୁନି ତାଙ୍କୁ ସାଦରେ ସ୍ୱାଗତ ଜଣାଇବା ସହ ଆସିବାର କାରଣ ପଚାରିଲେ । ଶ୍ରୀକୃଷ୍ଣ ଏକ ପୁତ୍ର ଚାହୁଁଥିବା କହିଲେ । ଭଗବାନ ଶିବଙ୍କୁ ତପସ୍ୟା କରି ପୁତ୍ର ଲାଭ କରିବା ଲାଗି ମୁନିବର ଶ୍ରୀକୃଷ୍ଣଙ୍କୁ ପରାମର୍ଶ ଦେଲେ । ଶ୍ରୀକୃଷ୍ଣ ଜଙ୍ଗଲକୁ ଯାଇ ଘୋର ତପସ୍ୟା ଆରମ୍ଭ କଲେ । ବର୍ଷ ବର୍ଷ ଧରି ତାଙ୍କ ତପସ୍ୟା ଜାରି ରହିଲା । ମାତ୍ର ଶିବ ପ୍ରସନ୍ନ ହେଲେ ନାହିଁ ।



ଦେବୀ ପାର୍ବତୀ ଏହା ଜାଣିପାରି ମହାଦେବଙ୍କୁ କହିଲେ, ବହୁ ବର୍ଷ ଧରି ଶ୍ରୀକୃଷ୍ଣ ଆପଣଙ୍କ ଆରାଧନା କରୁଛନ୍ତି । ଆପଣ କାହିଁକି ତାଙ୍କୁ ଦର୍ଶନ ଦେଉନାହାନ୍ତି । ଏହାପରେ ଶିବ ଏବଂ ପାର୍ବତୀ ଭଗବାନ କୃଷ୍ଣଙ୍କ ସମ୍ମୁଖରେ ଉପସ୍ଥିତ ହେଲେ । ଶ୍ରୀକୃଷ୍ଣଙ୍କୁ ତପସ୍ୟାର କାରଣ ପଚାରିଲେ ମହାଦେବ । ମହାଦେବ କହିଲେ, ତୁମେ ସ୍ୱୟଂ ଏ ସଂସାରର ପାଳନକର୍ତ୍ତା । ବ୍ରହ୍ମସ୍ୱରୂପ ଭଗବାନ ବିଷ୍ଣୁ । ତୁମେ ପୁଣି କେଉଁ ଇଚ୍ଛା ନେଇ ମୋର ତପସ୍ୟା କରୁଛ । ଉତ୍ତରରେ ଶ୍ରୀକୃଷ୍ଣ କହିଲେ, ମହାଦେବ ମୁଁ ଆପଣଙ୍କ ଭଳି ଜଣେ ପୁତ୍ରର ପିତା ହେବାକୁ ଚାହୁଁଛି । ଏହାପରେ ମହାଦେବ ତଥାସ୍ତୁ କହି କୈଳାସ ଅଭିମୁଖେ ପ୍ରସ୍ଥାନ କଲେ । ଶ୍ରୀକୃଷ୍ଣ ଦ୍ୱାରିକା ଫେରିଲେ । କିଛିଦିନ ପରେ ତାଙ୍କ ପତ୍ନୀ ଜାମ୍ବବତୀଙ୍କ ଔରସରୁ ଶାମ୍ବ ଜନ୍ମ ନେଲେ । ଶାମ୍ବ ଥିଲେ ଭଗବାନ ମହାଦେବଙ୍କ ବରଦାନ ଫଳ । ମହାଦେବଙ୍କ ଭଳି ଜଣେ ପୁତ୍ର ଲାଭ କରିବା ପାଇଁ ଶ୍ରୀକୃଷ୍ଣ କାହିଁକି ଚାହିଁଥିଲେ ? କାରଣ, ଶ୍ରୀକୃଷ୍ଣ ଜାଣିଥିଲେ ଯେ ଶିବ ହେଉଛନ୍ତି ସଂହାରର ଦେବତା । ବିନା ସଂହାର ବା ଧ୍ୱଂସରେ ନୂତନ ସୃଷ୍ଟି ଆରମ୍ଭ ହେବା ସମ୍ଭବପର ନୁହେଁ । ଏଣୁ ସେ ଶିବଙ୍କ ଭଳି ଏକ ପୁତ୍ର ଚାହୁଁଥିଲେ । ଶେଷରେ ତାହା ହିଁ ହେଲା । ଶାମ୍ବଙ୍କ କାରଣରୁ ହିଁ ଯଦୁବଂଶର ଧ୍ୱଂସ ହୋଇଥିଲା । ଯାହା ଏକ ନୂଆ ଆରମ୍ଭ, ନୂଆ ଯୁଗର ସୃଷ୍ଟି ପାଇଁ ବାଟ ଫିଟାଇଥିଲା ।



## ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ



ହିଞ୍ଜିଳିକାଟୁ **୩/୪(ନି.ପ୍ର):** ହିଞ୍ଜିଳିକାଟୁ ପୌରାଞ୍ଚଳ ପି.ଏମ ଶ୍ରୀ ବୃନ୍ଦାବନ ଉଚ୍ଚ ବିଦ୍ୟାଳୟରେ ବୁଧବାର ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ପାଳିତ ହେବା ସହ ଶିଶୁବାଟିକାର ଶୁଭାରମ୍ଭ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ମୁନିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ପୌରାଧକ୍ଷ ସୁବାଷ ଚନ୍ଦ୍ର ପୋଲେଇ, ସମ୍ମାନିତ ଅତିଥି ଭାବେ ଉପାଧକ୍ଷା ସୁଚିତ୍ରା ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଭୁପ୍ରସାଦ ପଣ୍ଡା, ଭାରପ୍ରାପ୍ତ ତହସିଲଦାର ସୁରଜ ନାୟକ ବେହେରା, ଭାରପ୍ରାପ୍ତ ବିଡ଼ିଓ ଅରୁଣ କୁମାର ପ୍ରଧାନ, ସିଡିପିଓ ଗାଙ୍ଗୀ ସୁବୁଦ୍ଧି, ବିଇଓ ଏସ. ଗିରିଧର ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଅତିଥି ମାନେ ଶିକ୍ଷାର ମାନଦଣ୍ଡ ସମୃଦ୍ଧିରେ ସରକାରଙ୍କ ଏହି ଅଭିନବ ପ୍ରୟାସ ନିଶ୍ଚିତ ଭାବେ ସହାୟକ ହେବ ବୋଲି ଦୃଢ଼ ମତ ପୋଷଣ କରିଥିଲେ । ନୂତନ ଭାବେ ଶିକ୍ଷା ଅଧ୍ୟୟନ କରିବାକୁ ଆସିଥିବା ଶିକ୍ଷାର୍ଥୀ ମାନଙ୍କୁ ଫୁଲ, ଚନ୍ଦନ ଲଗାଇ ଏକ ସ୍ୱତନ୍ତ୍ର ଉତ୍ସବରେ ସ୍ୱାଗତ କରାଯାଇଥିଲା । ସାକ୍ଷରତା, ସଂଖ୍ୟା ଜ୍ଞାନ ଓ ସୃଜନାତ୍ମକ ଷ୍ଟଲ ଗୁଡିକ ଶିକ୍ଷାର୍ଥୀ ମାନଙ୍କୁ ବୁଲି ଦେଖାଇବା ସହ ବିଦ୍ୟାଳୟ ପରିସରସ୍ଥ ଭୌଗୋଳିକ ପରିବେଶ ଯଥା ଶ୍ରେଣୀ ଗୃହ, ଶିକ୍ଷଣ ସାମଗ୍ରୀ, କାର୍ଯ୍ୟାଳୟ, ରୋଷେଇଘର, ପାଣିକଳ, ବଗିଚା, ଖେଳପଡିଆ, ଶୌଚାଳୟ, ପାନୀୟ ଜଳ ସ୍ଥାନ ଗୁଡିକୁ ବୁଲି ଦେଖାଯାଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ପରିଚାଳନା କମିଟି ବୃନ୍ଦ,ଅଭିଭାବକ, ଅଭିଭାବିକା ପ୍ରମୁଖ ଉପସ୍ଥିତ ଥିଲେ ।

## ଡଙ୍ଗରଭେଜା ଠାରେ ପେଟ୍ରୋଲ ପମ୍ପର ଶୁଭାରମ୍ଭ



ନନ୍ଦାହାଣ୍ଡି **୩/୪(ନି.ପ୍ର):** ନବରଂଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ମୁଖ୍ୟାଳୟ, ଡ଼ଙ୍ଗରଭେଜା ଗ୍ରାମ ରେ ଇଣ୍ଡିଆନ ଓଇଲ ର ଏକ ନୂଆ ପେଟ୍ରୋଲ ପମ୍ପ ଉଦ୍ଘାଟିତ ହୋଇଛି । ଜିଲ୍ଲା ମୁଖ୍ୟାଳୟ ର ସୀମାବର୍ତ୍ତୀ ବ୍ଲକ ହୋଇଥିବାରୁ ପୂର୍ବରୁ ନନ୍ଦାହାଣ୍ଡି ବ୍ଲକ ପାଇଁ ସୀମାବର୍ତ୍ତୀ ଅଂଚଳ ରେ ପେଟ୍ରୋଲ ପମ୍ପ ଥିଲା ଯାହା ନନ୍ଦାହାଣ୍ଡି ବ୍ଲକ ରେ ଥିବା ଅନ୍ୟ ଗ୍ରାମ ଗୁଡିକ ଠାରୁ ଦୂରରେ । ଯାହା ଫଳ ରେ ଦୋକାନ ଗୁଡିକରେ ବୋତଲ ରେ ପେଟ୍ରୋଲ ବିକ୍ରି ହେଉଥିଲା ଏବଂ ତାହାର ଦର ମଧ ଅଧିକ ରହୁଥିଲା । ବୁଧବାର ବ୍ଲକ ମୁଖ୍ୟାଳୟ ରେ ଓମ ଶୁଭମ ଫୁଏଲ ଷ୍ଟେସନ ନାମ ରେ ଏକ ପେଟ୍ରୋଲ ପମ୍ପ ଖୋଲିବା ଦ୍ୱାରା ଅଞ୍ଚଳବାସୀ ସଠିକ ମୁଲ୍ୟ ରେ ପେଟ୍ରୋଲ ପାଇ ପାରିବେ ବୋଲି ପେଟ୍ରୋଲ ପମ୍ପ ମାଲିକାଣୀ ପରୀ ପଦ୍ମା କହିଛନ୍ତି । ପେଟ୍ରୋଲ ପମ୍ପ ର ଉଦଘାଟନ ପରୀ ପଦ୍ମା ଙ୍କର ଶଶୁର ସୁଧାଂଶୁ ଶେଖର ତ୍ରିପାଠୀ ଓ ଶାଶୁ ଶୈଳବାଳା ତ୍ରିପାଠୀ କରିଥିବା ବେଳେ ଇଣ୍ଡିଆନ ଓଇଲ ର ସହାୟକ ପ୍ରବନ୍ଧକ ରାଜେନ୍ଦ୍ର ରାଉଳ, ପରୀ ପଦ୍ମା ଙ୍କର ସ୍ୱାମୀ ସପନ ତ୍ରିପାଠୀ ଏବଂ ଅନ୍ୟ ପରିବାର ବର୍ଗ ଉପସ୍ଥିତ ଥିଲେ । ଆଦିବାସୀ ଅଧ୍ୟୁଷିତ ପଲ୍ଲୀ ଅଂଚଳ ରେ ପ୍ରଥମ ଥର ପାଇଁ ପେଟ୍ରଲ ପମ୍ପ ଖୋଲିଥିବାରୁ ଚାଷୀ ବର୍ଗ ଏବଂ ସାଧାରଣ ଉପଭୋକ୍ତା ଉପକୃତ ହେବେ ବୋଲି କହିଛନ୍ତି ସ୍ଥାନୀୟ ଲୋକେ !

# ହରିଲାବେଡ଼ା ମଝି ସାହିକୁ ଆବଡ଼ାଖାବଡ଼ା ରାସ୍ତା ଭରସା, କଂକ୍ରିଟ୍ ହେବ କେବେ ?



ମୟୂରଭଞ୍ଜ **୩/୪(ନି.ପ୍ର):** ମୟୂରଭଂଜ ଜିଲ୍ଲା ଜାମଦା ବ୍ଲକ ହରିଲାବେଡ଼ା ଗାଁ ଟି ଆଦିବାସୀ ବହୁଳ ଗାଁ ।ଏହି ଗାଁ ରେ ହରିଲାବେଡ଼ା ଆଶ୍ରମ ସ୍କୁଲ ରହିଛି ।ଆଶ୍ରମ ସ୍କୁଲରେ ଦୂରଦୂରାନ୍ତରୁ ଆସି ବିଦ୍ୟାର୍ଥୀମାନେ ରହି ପାଠ ପଢୁଛନ୍ତି ।ପ୍ରାୟତଃ ଅଭିଭାବକମାନଙ୍କର ଯାଆସ ନିତି ଦିନ ଚାଲିଥାଏ ।ପୁଣି ଗାଁ ରେ ମଙ୍ଗଳବାର ହାଟ ବସେ ।ଏହି ହାଟ ଉପରେ ବ୍ଲକବାସୀ ନିର୍ଭରଶୀଳ ।ଗାଁର ଆଶ୍ରମ ସ୍କୁଲ ପାଖରୁ ଶିବ ମନ୍ଦିର ଦେଇ ଯାଇଥିବା ଗୋଷାଣୀ ପର୍ଯ୍ୟନ୍ତ ପଥର ରାସ୍ତା,ବାଲି ରାସ୍ତା,ଆବଡ଼ାଖାବଡ଼ା ରାସ୍ତା(ମଝି ସାହି ରାସ୍ତା)ରେ ପରିପୂର୍ଣ୍ଣ ।ସାମନ୍ୟ ବର୍ଷା ହେଲେ ରାସ୍ତାଟି ପାଣିରେ ଭର୍ତ୍ତି ହୋଇଯାଉଥିବା ବରିଷ୍ଠ ବ୍ୟକ୍ତିମାନେ ପଚାରି ବୁଝିବାରୁ ଜଣାପଡ଼ିଛି ।ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟର ସମସ୍ତ ଗାଁ ଗୁଡ଼ିକର ରାସ୍ତାକୁ କଂକ୍ରିଟ୍ ଓ ପିଚୁ କରାଯାଉଥିବାବେଳେ ହରିଲାବେଡ଼ାର ମଝି ସାହି ବାସିନ୍ଦା ଏଥିରୁ ବଂଚିତ ହୋଇଥିବା ଦେଖିବାକୁ ମିଳିଛି ।ଏଠାରେ ୧୦୦ରୁ ଅଧିକ ଘର ରହିଥିଲାବେଳେ ୧୦୦୦ରୁ ଅଧିକ ଲୋକସଂଖ୍ୟା ରହିଥିବା ଜାଣିବାକୁ ମିଳୁଛି ।ବର୍ଷା କାଳରେ ଗାଁ ର ମଝି ସାହି ରାସ୍ତା ଉପରେ ଜଳ ବୋହିଚାଲିଥାଏ ।କୃତ୍ରିମ ଝରଣାରେ ରାସ୍ତାଟି ପରିଣତ ହୋଇଥାଏ ।ତେବେ ଉକ୍ତ ରାସ୍ତାଟିକୁ କଂକ୍ରିଟ୍ କିମ୍ବା ପିଚୁ କରାଯାଏ ତେବେ ଗାଁ ର ଜନସାଧାରଣ ଉପକୃତ ହେବା ସହ ହାଟ ଓ ଆଶ୍ରମ ସ୍କୁଲ କୁ ଆସୁଥିବା ବ୍ୟକ୍ତିବିଶେଷ ଉପକୃତ ହୋଇପାରିବେ ବୋଲି ୟୁଏସ୍ଆଇ ସଂଗଠକ ପ୍ରଶ୍ନ କୁମାର ଶତପଥୀ ଖବରକାଗଜ ମାଧ୍ୟମରେ ପ୍ରଶାସନଙ୍କୁ ଦୃଷ୍ଟି ଆକର୍ଷଣ କରିଛନ୍ତି ।

## ବାଇକ ଦୁର୍ଘଟଣାରେ ନବମ ଶ୍ରେଣୀ ଛାତ୍ର ମୃତ୍ୟୁ, ଦୁଇ ଆହତ

ନନ୍ଦାହାଣ୍ଡି ୦୨/୦୪/୨୦୨୫ କଳିଙ୍ଗ ଜ୍ୟୋତି : ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଜଗନ୍ନାଥ ପୁର ଗ୍ରାମପଞ୍ଚାୟତ ର ସଦର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି !ଜଗନ୍ନାଥ ପୁର ସରକାରୀ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ରାଜକୁମାର ଅମନାତ୍ୟ ବାଇକ ଦୁର୍ଘଟଣା ରେ ମୃତ୍ୟୁ ହୋଇଅଛି ।ସୂଚନା ଅନୁଯାଇ ମୃତ ଛାତ୍ର ଜଗନ୍ନାଥପୁର ସରକାରୀ ଉଚ୍ଚ ବିଦ୍ୟାଳୟ ର ନବମ ଶ୍ରେଣୀର ରାଜକୁମାର ଅମାନତ୍ୟ ସକାଳ ସ୍କୁଲ ହେତୁ ସ୍କୁଲ କୁ ଯାଇ ଥିଲେ ପରେ ପ୍ରାୟ ୮ ରୁ ୮:୩୦ ମଧ୍ୟରେ ଦୁର୍ଘଟଣା ଖବର ପାଇଥିଲେ । ଗ୍ରାମ ଠାରୁ ପ୍ରାୟ ଦୁଇ କିଲୋମିଟର ଦୂରରେ ରାଜକୁମାର ଗୁରୁତର ହୋଇଥିବା ବେଳେ ତାଙ୍କ ଅନ୍ୟ ଦୁଇ ସାଙ୍ଗ ସାମାନ୍ୟ ଆଘାତ ପ୍ରାପ୍ତ ହୋଇଥିବା ଦେଖିବାକୁ ପାଇଥିଲେ । ତେବେ ଗୁରୁତର ଅବସ୍ଥାରେ ରାଜକୁମାରଙ୍କୁ ପ୍ରଥମେ ଜଗନ୍ନାଥପୁର ଚଂଶିଉ ରେ ପ୍ରାଥମିକ ଚିକିତ୍ସା କରି ନବରଙ୍ଗପୁର ଜିଲ୍ଲା ମୂଖ୍ୟ ଚିକିତ୍ସାଳୟ ରେ ଭର୍ତି କରିଥିବା ବେଳେ ଡକ୍ଟର ତାଙ୍କୁ ମୃତ ଘୋଷଣା କରିଥିଲେ । କିନ୍ତୁ ସ୍କୁଲ କୁ ଯାଇଥିବା ବେଳେ ସ୍କୁଲ ଚାଲିଥିବା ସମୟ ରେ ବାହାରକୁ ଯିବା ପାଇଁ ତାଙ୍କୁ କିଏ ଅନୁମତି ଦେଇଥିଲେ ତାହାକୁ ନେଇ ପରିବାର ଲୋକେ ସ୍କୁଲ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କ ଦାୟିତ୍ୱହୀନତା କୁ ନେଇ ପ୍ରଶ୍ନ ଉଠାଇଛନ୍ତି । ଦୁର୍ଘଟଣା ସ୍ଥଳ ରେ ଥିବା ମୋଟର ସାଇକେଲ ରେ କୌଣସି କ୍ଷତ ଚିହ୍ନ ନ ଥିବା ପ୍ରକାଶ କରିଥିବା ବେଳେ ମୃତ୍ୟୁ କାରଣ ଦୁର୍ଘଟଣା ହୋଇନପାରେ ବୋଲି ସନ୍ଦେହ କରିଛନ୍ତି । ଅପରପକ୍ଷରେ ପ୍ରଧାନଶିକ୍ଷକ ଙ୍କ ଠାରୁ ହସ୍ତଗସ୍ତ ହୋଇଥିବା ସୂଚନା ଅନୁସାରେ ସ୍କୁଲ ପ୍ରାର୍ଥନା ସମୟ ରେ ଓ ସ୍କୁଲ ଉପସ୍ଥାନ ରେ ସେମାନଙ୍କ ଅନୁପସ୍ଥିତ ଥିବା ଦର୍ଶା ଯାଇଥିବା ସ୍କୁଲ ପ୍ରଧାନଶିକ୍ଷକ ତାଙ୍କୁ ଜଣାଇଥିବା ନନ୍ଦାହାଣ୍ଡି ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରକାଶ କରିଛନ୍ତି ।

## ଗୁରୁକୁଳ ପବ୍ଲିକ ସ୍କୁଲ ସମ୍ମୁଖରେ ଅଭିଭାବକ ଙ୍କ ଧାରଣା

ଯାଜପୁର **୩/୪(ନି.ପ୍ର):** ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ହରିଦାସପୁର ଠାରେ ଥିବା ଗୁରୁକୁଳ ପବ୍ଲିକ ସ୍କୁଲ ସମ୍ମୁଖରେ ଆଜି ଅଭିଭାବକ ମାନେ ଧାରଣା ରେ ବସିଥିବା ର ଦେଖିବାକୁ ମିଳିଛି । ଏଏଠାରେ ଉତ୍ତମ ଶିକ୍ଷାଦାନ,ସ୍କୁଲ ଫିସ ହ୍ରାସ ଓ ତାଲିମ ପ୍ରାପ୍ତ ଶିକ୍ଷକ ଶିକ୍ଷୟତ୍ରୀ ନିଯୁକ୍ତି ପ୍ରଭୃତି ଦାବିକୁ ନେଇ ଆଜି ଅଭିଭାବକ ମାନେ ସ୍କୁଲ ସମ୍ମୁଖରେ ଧାରଣା ରେ ବସିଛନ୍ତି ।ଏତତ ବ୍ୟତୀତ ସ୍କୁଲ ର ଶିକ୍ଷକ ମାନେ ଶିକ୍ଷା ନାମରେ ବାର୍ଷିକ ଲକ୍ଷାଧିକ ଟଙ୍କା ହେରଫେର କରୁଥିବାର ଅଭିଯୋଗ ମଧ ଆସୁଚି ।ଘଟଣା ସ୍ଥଳରେ ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ଧର୍ମଶାଳା ପୋଲିସ ପହଞ୍ଚି ଘଟଣା ଉପରେ ନଜର ରଖିଛି । ତେବେ ଏ ନେଇ ସ୍କୁଲ କର୍ତ୍ତୃପକ୍ଷ ଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ ।

## ନୂଆପଡା ମାରାଗୁଡା ଲୋକମହୋତ୍ସବ ଅବସରରେ ଦ୍ୱିତୀୟ ଦିବସ ବୌଦ୍ଧିକ ଚର୍ଚ୍ଚା

ନୂଆପଡା **୩/୪(ନି.ପ୍ର):** ମାରାଗୁଡା ଲୋକମହୋତ୍ସବ ଅବସରରେ ଜିଲ୍ଲା ସଂସ୍କୃତି ପରିଷଦ ଓ ଜିଲ୍ଲା ପ୍ରଶାସନ, ନୂଆପଡାଙ୍କ ପକ୍ଷରୁ ସ୍ଥାନୀୟ ନେସନାଲ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆଜି ଦ୍ୱିତୀୟ ଦିବସରେ 'ଓଡ଼ିଆ ସାହିତ୍ୟକୁ ନୂଆପଡ଼ାର ଅବଦାନ' ବିଷୟରେ ବୌଦ୍ଧିକ ଚର୍ଚ୍ଚା ଅନୁଷ୍ଠିତ ହୋଇ ଯାଇଛି । ପ୍ରଥମ ପର୍ଯ୍ୟାୟରେ ଅବସର ପ୍ରାପ୍ତ ଅଧକ୍ଷ ମେଜର ଡକ୍ଟର ରାମଚନ୍ଦ୍ର ମିଶ୍ର ଅଧକ୍ଷତା କରିଥିବା ବେଳେ ସମ୍ମାନୀତ ଅତିଥି ଭାବରେ କବି ଶିଶିର ନାୟକ ଓ ବିଷୟ ଆଲୋଚକ ଭାବରେ ଡକ୍ଟର ଶୁଶାନ୍ତ ବିଶି,ପ୍ରବୋଧ କୁମାର ହୋତା ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ । ଦିତୀୟ ପର୍ଯ୍ୟାୟରେ ଅବସର ପ୍ରାପ୍ତ ଅଧକ୍ଷ ଡକ୍ଟର ଅଶୋକ କୁମାର ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ମଧୁସୂଦନ ଦାଶ , ସମ୍ମାନୀତ ଅତିଥି ରୂପେ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଭାଷାବିଦ ଡକ୍ଟର ମହେନ୍ଦ୍ର କୁମାର ମିଶ୍ର ଯୋଗ ଦେଇଥିବା ବେଳେ ଆଲୋଚକ ଭାବରେ ନେସନାଲ ମହାବିଦ୍ୟାଳୟର ଓଡ଼ିଆ ଅଧାପକ ଶିବପ୍ରସାଦ ସା ଓ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଗୋପୀଗୋପାଳ ସୁନା ଅଂଶଗ୍ରହଣ କରି ଓଡ଼ିଆ ସାହିତ୍ୟ ଜଗତକୁ ନୂଆପଡ଼ାର ଅବଦାନ ଉପରେ ନିଜର ପ୍ରବନ୍ଧ ଉପସ୍ଥାପନ କରିଥିଲେ । ଡଃ. ବାସୁଦେବ ସୁନାନୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନେକ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ବୁଦ୍ଧିଜୀବୀ ଅଂଶ ଗ୍ରହଣ କରିଥିଲେ । କିଶୋର ଚନ୍ଦ୍ର ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗୋଡାଳ ରେ ନନୀ ମା ଙ୍କ ଚୈତ୍ର ପର୍ବ, ରକ୍ତରଞ୍ଜିତ ହେଲା ଦେବୀ ପୀଠ



ସିନାପାଲି **୩/୪(ନି.ପ୍ର):** ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଗୋଡାଳ ଅଞ୍ଚଳ ର ଆରାଧ୍ୟା ଦେବୀ ନନୀ ମା ଙ୍କ ଚୈତ୍ର ପର୍ବ ବୁଧବାର ଦିନ ପାଳିତ ହୋଇ ଯାଇଛି । ଏହି ପର୍ବ ପାଇଁ ଗୋଡାଳ ଚଳ ଚଞ୍ଚଳ ହୋଇ ପଡ଼ିଥିଲା । ଗ୍ରାମର ଜନସାଧାରଣ ମା ଙ୍କ ଆଶିଷ ପାଇଁ ଦେବୀ ପୀଠ ରେ ପ୍ରବଳ ଭିଡ଼ ରହିଥିଲା । ଅପରାହ୍ନ ସମୟରେ ଗ୍ରାମ ରେ ଥିବା ପୀଠ ରେ ପୂଜକ ପାରମ୍ପରିକ ରୀତି ନୀତି ଅନୁସାରେ ପୂଜା ସମାପନ ପରେ ମା ଙ୍କ କଳସ ଗ୍ରାମ ପରିକ୍ରମା କରିଥିଲା । ଏଥିରେ ଗ୍ରାମର ହଜାର ହଜାର ଜନସାଧାରଣ, ଶ୍ରଦ୍ଧାଳୁ ଓ ଭକ୍ତ ମାନେ ସାମିଲ ରହି ଆଶିଷ ଭିକ୍ଷା କରିଥିଲେ । ପ୍ରତ୍ୟେକ ଘରେ କୁଣିଆ ଙ୍କ ଭିଡ ଜମିଥାଏ । ଗାଁ ରୁ ବିବାହିତ ହୋଇ ଯାଇଥିବା ଝିଅ ମଧ୍ୟ ଏହି ପର୍ବ ଦିନ ଗାଁ ରେ ରହି ମା ଙ୍କ କୃପା ଲାଭ କରିଥାନ୍ତି । ଏହି ଦିନ ଗାଁ ରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ ର ମିଳନ ଦେଖିବାକୁ ମିଳିଛି । ଗ୍ରାମ ପରିକ୍ରମା ସମୟରେ ପ୍ରତ୍ୟେକ ଘରେ ଝୋଟି ଆଙ୍କି ବନ୍ଧା ପନା ଦେଇ ମା ଙ୍କ ଘଟ ପରିକ୍ରମା ରେ ସାମିଲ ହୋଇଥିଲେ । ହୁଳ ହୁଳି ଘଣ୍ଟ ଓ ଦେବୀ ବାଦ୍ୟ ରେ ଗାଁ ପ୍ରକମ୍ପିତ ହୋଇଥିଲା । ଗାଁ ପରିକ୍ରମା ସରିବା ପରେ ସନ୍ଧ୍ୟା ରେ ମା ଙ୍କ ଆବିର୍ଭାବ ପୀଠ ବାହାଲ ଗୁଡ଼ି ରେ ବଳି ପଡ଼ିଥିଲା । ଏଥିରେ ବିଭିନ୍ନ ଅଞ୍ଚଳ ରୁ ଆସିଥିବା ଭକ୍ତ ମାନେ ମନସ୍କାମନା ପୁରଣ ପରେ ବଳି ଦେଇ ଆଶିଷ କୃପା ଲାଭ କରିଥିଲେ । ଫଳରେ ପୀଠ ରକ୍ତ ରଞ୍ଜିତ ହୋଇଥିଲା । କୁହାଯାଏ ଏହି ଦେବୀ ସିଙ୍ଗଝର ଗ୍ରାମ ରୁ ଆସିଥିଲେ । ସେଠାକାର ଗୌନ୍ତିଆ ଝିଅ ସହିତ ଗୋଡାଳ ଗ୍ରାମ ର ଗୌନ୍ତିଆ ପୁଅ ସହିତ ବାହାଘର ହୋଇଥିଲା । ହେଲେ ସେହି ସମୟରେ ଝିଅ ଉପରେ ଦେବୀ ମା ପ୍ରସନ୍ନ ହୋଇ ଗୋଡାଳ ଗ୍ରାମ କୁ ଚାଲି ଆସିଥିବା ଜଣାଯାଏ ।

## ଗଂଜୁଗୁଡା ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ

ବାଲିଗୁଡା,**୩/୪(ନି.ପ୍ର):** ବାଲିଗୁଡା ବ୍ଲକ ଅନ୍ତର୍ଗତ ବାଟାଗୁଡା ପଂଚାୟତର ଗଂଜୁଗୁଡା ଉପ୍ରା ବିଦ୍ୟାଳୟରେ ମହାଆଡମ୍ବର ସହକାରେ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।ପୁର୍ବରୁ ନିମନ୍ତ୍ରିତ ଅଭିବାବକ ମାନେ ନିଜେ ନିଜର ପିଲାଙ୍କ ସହ ବିଦ୍ୟାଳୟରେ ଉପସ୍ଥିତ ଥିଲେ । ବିଦ୍ୟାଳୟ ତରଫରୁ ସ୍ୱାଗତ ନିମନ୍ତେ ଶୁଭକଳସ ସ୍ଥାପନ କରି ଫୁଲ ଚନ୍ଦନ ଦେଇ ହୁଳହୁଳି ସହ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିଥିଲେ । ଏଫଏଲଏନ ଶ୍ରେଣୀ ଗୃହରେ ସ୍ୱାଗତ ସମ୍ବର୍ଦ୍ଧନା ,ସିଲଟରେ ଗୋଲ ବୁଲାଇ ଖଡିଛୁଆଁ , ସଂଖ୍ୟାଜ୍ଞାନ ଷ୍ଟଲରେ ବକେଟ ବଲ ଦ୍ୱାରା ସଂଖ୍ୟା ପରିଚୟ , ଭାଷାଜ୍ଞାନ ଷ୍ଟଲରେ ଚିତ୍ର ପଠନ,ସୃଜନାତ୍ମକ ଷ୍ଟଲରେ ହାତ ଛାପା ରଙ୍ଗଖେଳ ଓ ମିତ କୋଣରେ ପୁରାତନ ଛାତ୍ରଙ୍କ ସହ ନୂତନ ଛାତ୍ରଛାତ୍ରୀ ମିତ ବସିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ସ୍ଥାନୀୟ ଅଭିଭାବକ,ଅଙ୍ଗନବାଡିକର୍ମି,ସମସ୍ତ ଶିକ୍ଷକଶିକ୍ଷୟତ୍ରୀ ଏହି କାର୍ଯ୍ୟକ୍ରମକୁ ମିଳିତ ଭାବରେ ସଫଳ ରୁପାୟନ କରିଥିଲେ । ପ୍ରଧାନ ଶିକ୍ଷୟତ୍ରୀ ସସ୍ମିତା ପଣ୍ଡା ପରିଶେଷରେ ସମସତଙ୍କ ସହଯୋଗ ନିମନ୍ତେ ଧନ୍ୟବାଦ ଅର୍ପଣ କରିଥିଲେ ।

# ସାଇବାବାଙ୍କ ବିଶ୍ୱଶାନ୍ତି ଯଜ୍ଞ ପାଇଁ କଳସ ଯାତ୍ରା ଓ ଅଷ୍ଟ ପ୍ରହରୀ

ନିମାପଡା **୩/୪(ନି.ପ୍ର):** ପୁରୀ ଜିଲ୍ଲା ନିମାପଡା ବ୍ଲକ ତୁଳସୀପୁର ପଂଚାୟତ ଅମରପ୍ରସାଦ ଗ୍ରାମରେ ଥିବା ସାଇବାବାଙ୍କ ପୀଠରେ ସପ୍ତମ ବାର୍ଷିକ ବିଶ୍ୱଶାନ୍ତି ଯଜ୍ଞ ପାଇଁ ନିକଟସ୍ଥ ଅମରେଶ୍ୱର ମହାଦେବ ପୀଠ ପୁଷ୍କରିଣୀ ରୁ କଳସ ଧାରୀ ମାନେ କଳସ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ ।ଏହି ବିଶ୍ୱଶାନ୍ତି ମହାଯଜ୍ଞ କାର୍ଯ୍ୟକ୍ରମ ରେ କର୍ତ୍ତା ଭାବେ ମନରଞ୍ଜନ ପାଢ଼ୀ ( ତୁଳା ଭାଇନା ) ଓ କର୍ତ୍ତି ଭାବେ ଜ୍ୟୋତିରାଣୀ ପାଢ଼ୀ ପୂଜା କର୍ମରେ ବସିଥିବା ବେଳେ ଅମର ପ୍ରସାଦ ଗ୍ରାମରେ ସପ୍ତମ ବାର୍ଷିକ ଅଷ୍ଟ ପ୍ରହରୀ କାର୍ଯ୍ୟକ୍ରମ ରେ କର୍ତ୍ତା ଭାବେ ଦୁଳେଇ ସାହୁ ଓ କର୍ତ୍ତି ଭାବେ ପ୍ରେମଲତା ସାହୁ କୁଞ୍ଜରେ ବସିଥିଲେ । ସାଇବାବାଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ରେ ମୁଖ୍ୟ ପଣ୍ଡିତ ଅକ୍ଷୟ ମିଶ୍ର ସହିତ ଆଲୋକ ମିଶ୍ର ଓ ସହଯୋଗୀ ମାନେ କଳସ ଯାତ୍ରା ପୂଜା ଓ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ । ଅମର ପ୍ରସାଦ ଗ୍ରାମରେ ଅଷ୍ଟ ପ୍ରହରୀ ନାମ ଯଜ୍ଞ ୩ ଦିନ ଧରି ଚାଲିଥିବା ବେଳେ ଆସନ୍ତା ୫ ତାରିଖ ଶନିବାର ଦିନ ଯଜ୍ଞ ଶେଷ ହେବ ବୋଲି ଗ୍ରାମବାସୀମାନେ କହିଛନ୍ତି ।

# ଜାମଦା:ପ୍ରବେଶ ଓ ଖଡ଼ିଛୁଆଁ ଉତ୍ସବ ସହ ଶିଶୁ ବାଟିକାର ଶୁଭାରମ୍ଭ



ମୟୂରଭଞ୍ଜ **୩/୪(ନି.ପ୍ର):** ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣ ଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ବୁଧବାର ବିଦ୍ୟାଳୟ ଗୁଡିକରେ ଶିଶୁ ବାଟିକାର ଶୁଭାରମ୍ଭ ହୋଇଯାଇଛି । ଏହି ଅବସରରେ ଶିଶୁମାନଙ୍କୁ ନେଇ ପ୍ରବେଶ ଉତ୍ସବ କରାଯିବା ସହ ସେମାନଙ୍କୁ ନୂଆ କଳା ପଟା ସହ ଖଡ଼ି, ପାଠ୍ୟ ପୁସ୍ତକ ଦିଆଯାଇଥିଲା ଏହି ଅବସରରେ ସରସ୍ୱତୀ ଓ ଗଣେଶ ପୂଜା ଢାଞ୍ଚାରେ ଖଡ଼ି ଛୁଆଁ କାର୍ଯ୍ୟକ୍ରମ କରାଯାଇ ଶିଶୁମାନଙ୍କୁ ବିଦ୍ୟାଳୟକୁ ଆସିବା ପାଇଁ ଆବଶ୍ୟକ ଉତ୍ସାହ କରାଯାଇଥିଲା । ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ଶିଶୁ ମାନଙ୍କୁ ଯେଉଁ ଭଳି ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ଓ ଛୋଟ ଶିଶୁଙ୍କ ମଧ୍ୟରେ ଯେଉଁ ଭଳି ଉତ୍ସାହ ଉଦ୍ଦିପନା ଦେଖିବାକୁ ମିଳିଥିଲା ସେହିସମୟରେ ବିଦ୍ୟାଳୟ ପରିସର ମଧ୍ୟରେ ଏକ ପ୍ରକାର ଆନନ୍ଦମୟ ପରିବେଶ ସୃଷ୍ଟି ହୋଇଥିଲା । ଗୁରୁକୁଳରେ ଯେଉଁଭଳି ଗୁରୁ ଶିଷ୍ୟର ଭାବ ଆଦାନ ପ୍ରଦାନ କରାଯାଏ ଠିକ ସେହିପରି ଏହି ପ୍ରବେଶ ଓ ଖଡ଼ି ଛୁଆଁ ଉତ୍ସବରେ ପରିବେଶ ସୃଷ୍ଟି ହୋଇଥିଲା । ଏହି ଅବସରରେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଏକ ଶିକ୍ଷା ସଚେତନ ରଥର ଉଦ୍ ?ଘାଟନ କରାଯାଇଥିଲା । ଏହାକୁ ଏବିଇଓ ପ୍ରତାପ ନାଏକ,ସିଆରସିସି ବୁଧୁରାଏ ହେମ୍ବ୍ରମ,ସମସ୍ତ ସିଆରସିସି ଓ ବିଇଓ କାର୍ଯ୍ୟାଳୟର କର୍ମଚାରୀମାନେ ଶୁଭାରମ୍ଭ କରିଥିଲେ । ସମସ୍ତ ୧୦ଟି ପଞ୍ଚାୟତର ହେଡକ୍ୱାଟର ବିଦ୍ୟାଳୟରେ ଆସନ୍ତା ୫ ପର୍ଯ୍ୟନ୍ତ ବୁଲି ଏହି ରଥ ସଚେତନ କରିବ ବୋଲି ସୂଚନା ମିଳିଛି ।ଜାମଦା ବ୍ଲକର ତାଳଗାଁ ଉପ୍ରା ବିଦ୍ୟାଳୟ,କାଣ୍ଡସର ବିଦ୍ୟାଳୟ,କଇଁପୁର ବିଦ୍ୟାଳୟ,ଦେଉକୁଣ୍ଡି ବିଦ୍ୟାଳୟ,ହରିଲାବେଡ଼ା ଆଶ୍ରମ ବିଦ୍ୟାଳୟରେ ପ୍ରବେଶ ଓ ଖଡ଼ିଛୁଆଁ ଉତ୍ସବ ସହ ଶିଶୁ ବାଟିକାର ଶୁଭାରମ୍ଭ କରାଯାଇଛି ।ତାଳଗାଁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଜମୁନା କଳାଃ,,ସହକାରୀ ଶିକ୍ଷୟତ୍ରୀ ଶକୁନ୍ତଳା ମାଝି,ଦେବସ୍ମିତା ବେହେରା,ୟୁଏସ୍ଆଇ ସଂଗଠନର ରାଜ୍ୟ ସମ୍ପାଦକ ପ୍ରଶ୍ନ କୁମାର ଶତପଥୀ,ଶିକ୍ଷକ ଧନଞ୍ଜୟ ହାଁସଦାଃ,କାଣ୍ଡସର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ ନାଏକ,ଦେବାଶିଷ୍ ଗୋସ୍ୱାମୀ,ଅଜୟ କୁମାର ସେଠୀ,ଦୁବଲତା ବେହେରା,ଯାଜ୍ଞସେନୀ ଦଳେଇ,ବାସନ୍ତୀଲତା ଦାସ,କଇଁପୁର ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁମାର ସାଣ୍ଡିଲ୍,ସମାଜସେବୀ ସୁନିଲ୍ ମୁଣ୍ଡା,ଦେଉକୁଣ୍ଡି ବିଦ୍ୟାଳୟର ପ୍ରଧାନ ଶିକ୍ଷକ,ହରିଲାବେଡ଼ା ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାବୁଲୁ ଦାସ ତଥା ଜାମଦା ବ୍ଲକର ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକ ଓ ଶିକ୍ଷୟତ୍ରୀ,ଅଭିଭାବକ ଓ ଅଭିଭାବିକାଙ୍କ ଉପସ୍ଥିତିରେ ଏହି ଉତ୍ସବ ପରିଚାଳନା ଓ ଶିଶୁ ବାଟିକାର ଶୁଭାରମ୍ଭ ଆନନ୍ଦମୟ ପରିବେଶରେ ହୋଇଯାଇଛି ।

## ନବମ ଓ ଦଶମ ଶ୍ରେଣୀ ଶିକ୍ଷାର୍ଥୀ ଙ୍କ ପାଇଁ ଆରମ୍ଭ ହେଲା ମଧ୍ୟାହ୍ନ ଭୋଜନ

ଚିକିଟୀ **୩/୪(ନି.ପ୍ର):** ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ଆଜି ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ନବମ ଓ ଦଶମ ଶ୍ରେଣୀର ଛାତ୍ର ଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଇଥିଲା କ୍ଷ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜି ଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଏ. ବି. ଓ ସିମାଞ୍ଚଳ ପଣ୍ଡା, ନିଗମାନନ୍ଦ ପଣ୍ଡା ଓ ବିଭିନ୍ନ କ୍ଲଷ୍ଟରର ସି. ଆର. ସି. ସି ମାନେ ଉପସ୍ଥିତ ରହି ଛାତ୍ର ଛାତ୍ରୀଙ୍କୁ ଖାଦ୍ୟ ପରଷକ୍ଷ ଯାଇଥିଲା । ପୂର୍ବରୁ ପ୍ରଥମଶ୍ରେଣୀରୁ ଅଷ୍ଟମ ଶ୍ରେଣୀରେ ପଢୁଥିବା ବିଦ୍ୟାଳୟର ବିଦ୍ୟାର୍ଥୀଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଉଥିବାବେଳେ ପ୍ରଥମ ଥରପାଇଁ ଚଳିତ ଶିକ୍ଷା ବର୍ଷ ପ୍ରାରମ୍ଭରୁ ନବମ ଓ ଦଶମ ଶ୍ରେଣୀ ଛାତ୍ର ଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଦେବାପାଇଁ ନିଷ୍ପତ୍ତି ହୋଇଥିଲା କ୍ଷ ଆଜି ସେହିକ୍ରମରେ ଉତ୍କଳ ଦିବସରୁ ମଧ୍ୟାହ୍ନ ଭୋଜନର ଶୁଭାରମ୍ଭ ହୋଇଥିଲା । ପୂର୍ବରୁ ମଧ୍ୟାହ୍ନ ଭୋଜନରେ ବାରଅନୁଯାୟୀ ଭାତ, ଡାଲମା, ସୋୟାବଡ଼ି ତରକାରୀ, ଅଣ୍ଡା ଦିଆଯାଇଥିବା ବେଳେ ବର୍ତ୍ତମାନ ଖାଦ୍ୟରେ ମାଣ୍ଡିଆ ଲଡୁ ଯୋଗକରାଯାଇଛି । ମୁଖ୍ୟତଃ ଡ୍ରପ ଆଉଟ ହାର କମାଇବା ସହ ପିଲାଙ୍କୁ ପୃଷ୍ଟିସାର ଖାଦ୍ୟ ଯୋଗାଇଦେବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ । ଏହି ଅବସରରେ ବ୍ଲକର ସମସ୍ତ ସରକାରୀ ଉଚ୍ଚ ବିଦ୍ୟାଳୟସମେତ ଧାନଘର ଓଁ ଶ୍ରୀଗୁରୁ ଆଦିବାସୀ ଆବାସିକ ଉଚ୍ଚ ବିଦ୍ୟାଳୟ, ସୁନାପୁର କାଶି ବିଶ୍ୱନାଥ ବିଦ୍ୟାପୀଠ ଓ ବି. ଏସ. ଏଲ. ଏନ ପୁର ଜୟ ହରଚଣ୍ଡୀ ବିଦ୍ୟକ୍ଷପୀଠ ପ୍ରଭୃତି ତିନୋଟି ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଉପକୃତ ହୋଇପାରିଛନ୍ତି ।

## ପି.ଏମଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଶିଶୁ ବାଟିକାର ଶୁଭାରମ୍ଭ



ହିଞ୍ଜିଳିକାଟୁ **୩/୪(ନି.ପ୍ର):** ହିଞ୍ଜିଳିକାଟୁ ବ୍ଲକ୍ କଞ୍ଚୁରୁ ପି. ଏମଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୁଧବାର ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ପାଳିତ ହେବା ସହ ଶିଶୁବାଟିକାର ଶୁଭାରମ୍ଭ ହୋଇଯାଇଛି ।ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷା ଏଲ୍.ଗୌରୀ ଆଚାରୀଙ୍କ ସଭାପତିତ୍ୱ ରେ ଆୟୋଜିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ରାମାଧୀନ ସଂସ୍କୃତ ମହାବିଦ୍ୟାଳୟ, ବ୍ରହ୍ମପୁରର ଅଧକ୍ଷ ମହନ୍ତ ଡଃ.ହରିହର ଦାସ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସରପଞ୍ଚ ମଦନ ମୋହନ ସେଠୀ,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜୟସେନ ମହାନ୍ତି ଯୋଗ ଦେଇ ଶିକ୍ଷାର ମାନଦଣ୍ଡ ସମୃଦ୍ଧିରେ ସରକାରଙ୍କ ଏହି ଅଭିନବ ପ୍ରୟାସ ନିଶ୍ଚିତ ଭାବେ ସହାୟକ ହେବ ବୋଲି ଦୃଢ଼ ମତ ପୋଷଣ କରିଥିଲେ ।ଉକ୍ତ କାର୍ଯ୍ୟକ୍ରମକୁ ନବାଗତ ଶିଶୁମାନେ ମନଭରି ଉପଭୋଗ କରିଥିଲେ ।ଶିକ୍ଷକ ଚିନ୍ମୟ ପୋଲାଇ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ନିରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ତଥା କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ । ଅନୁରୂପ ଭାବେ ହିଞ୍ଜିଳିକାଟୁ ପୌରାଞ୍ଚଳ ପିଏମଶ୍ରୀ ବୃନ୍ଦାବନ ଉଚ୍ଚ ବିଦ୍ୟାଳୟ, ସରକାରୀ ଏନଏସି ଉଚ୍ଚ ବିଦ୍ୟାଳୟ ସମେତ ସ୍ଥାନୀୟ ପୈରାଞ୍ଚଳ ଓ ବ୍ଲକର ସମସ୍ତ ସରକାରୀ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଶିଶୁବାଟିକା କାର୍ଯ୍ୟକ୍ରମ ମହାଆଡମ୍ବର ସହକାରେ ପାଳିତ ହୋଇଯାଇଅଛି ।

# ଓକିଲ ସଂଘ କର୍ମକର୍ତ୍ତା ଙ୍କ ଶପଥ ଗ୍ରହଣ

ଅନଗୁଳ **୩/୪(ନି.ପ୍ର):** ଅନଗୁଳ ଆଠମଲ୍ଲିକ ଓକିଲସଂଘ ର ନବନିର୍ବାଚିତ କର୍ମକର୍ତ୍ତାମାନଙ୍କ ବୁଧବାର ସଂଘ ବାରହଲ ଠାରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ନିର୍ବାଚନ ଅଧିକାରୀ ବରିଷ୍ଠ ଆଇନଜୀବୀ ବାମନ କୁମାର ମିଶ୍ର ସମସ୍ତ ନବନିର୍ବାଚିତ ପଦାଧିକାରୀ ପଦ ଓ ଗୋପନୀୟତା ର ଶପଥ ପାଠ କରାଇଥିଲେ । ସଭାପତି ଭାବେ ଲଗାତାର ପଞ୍ଚମ ଥର ପାଇଁ ନିର୍ବାଚିତ ହୋଇଥିବା ସୁଶାନ୍ତ କୁମାର ମହାପାତ୍ର ଶପଥ ଗ୍ରହଣ କରିଥିବା ବେଳେ ଉପସଭାପତି ଭାବେ ବିଦ୍ୟୁତ କୁମାର ପାଣିଗ୍ରାହୀ, ସମ୍ପାଦକ ଭାବେ ଅର୍ଜୁନ ରାଉଳ, ସହ ସମ୍ପାଦକ ଭାବେ ନୀଳାଞ୍ଚଳ ନାଏକ ଓ କୋଷାଧକ୍ଷ ତଥା ଲାଇବ୍ରେରୀଆନ ଭାବେ ନିର୍ଦ୍ୱନ୍ଦ ରେ ନିର୍ବାଚିତ ହୋଇଥିବା ବିଶ୍ୱସୁନ୍ଦର ଶତପଥି ଶପଥ ଗ୍ରହଣ କରିଥିଲେ । ନିର୍ବାଚିତ କର୍ମକର୍ତ୍ତାମାନେ ନିଜନିଜ ମଧ୍ୟରେ ଉତ୍ତମ ବୁଝାମଣା ରକ୍ଷାକରି ଓକିଲସଂଘ ର ମାନମର୍ଯ୍ୟାଦା କୁ ଆଖିଆଗରେ ରଖି କାର୍ଯ୍ୟ କରିବାକୁ ବରିଷ୍ଠ ଆଇନଜୀବୀ ଜିତେନ୍ କୁମାର ମିଶ୍ର ନବନିର୍ବାଚିତ ସମସ୍ତ କର୍ମକର୍ତ୍ତା ଙ୍କୁ ଉପଦେଶ ଦେଇଥିଲେ । ବରିଷ୍ଠ ଆଇନଜୀବୀ ବିଜୟ କୁମାର ମହାକୁଡ଼ ମଧ ଓକିଲସଂଘ ର ସମସ୍ତ ଆଇନଜୀବୀ ପୂର୍ବକଥା ସବୁ ଭୁଲି ସଂଘ ର ଉନ୍ନତି ଚିନ୍ତା କରିବା ଦରକାର ବୋଲି କହିବା ସହ ଓ ଆବଶ୍ୟକ ସ୍ଥଳରେ ସମସ୍ତେ ଏକଜୁଟ ହେବାକୁ ଆହ୍ୱାନ ଦେଇଥିଲେ । ସଂଘର ସମସ୍ତ ଆଇନଜୀବୀମାନଙ୍କ ସହଯୋଗ ମିଳିଲେ ଅନେକ ଉନ୍ନତି ମୂଳକ କାର୍ଯ୍ୟକ୍ରମ କରାଯାଇ ପାରିବ ବୋଲି ସଭାପତି ସୁଶାନ୍ତ ତାଙ୍କ ଅଭିଭାଷଣ ରେ କହିଥିଲେ । ଆଗାମୀ ଦିନରେ ଓକିଲସଂଘ ର କିଭଳି ପାଣ୍ଠି ବୃଦ୍ଧି ହେବ ଓ ନୂତନ ବାରବୟ ନିଯୁକ୍ତି ହେବ ସେନେଇ ଉପସଭାପତି ଶ୍ରୀ ପାଣିଗ୍ରାହୀ ମତବ୍ୟକ୍ତ କରିଥିଲେ କ୍ଷ ସହ ନିର୍ବାଚନ ଅଧିକାରୀ ରାମଚନ୍ଦ୍ର କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ସଭାପତି ଶ୍ରୀ ମହାପାତ୍ର ଙ୍କ ସହ ଅନ୍ୟ କର୍ମକର୍ତ୍ତାମାନେ ଓକିଲସଂଘ କାର୍ଯ୍ୟାଳୟ ଠାରେ ଥିବା କୂଳବୃଦ୍ଧ ମଧୁସୂଦନ ଦାସ ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରିଥିଲେ ।

# ପତ୍ରିକା 'ଚନ୍ଦ୍ରିକା'ର ଲୋକାର୍ପଣ ଉତ୍ସବ

ହିଞ୍ଜିଳିକାଟୁ **୩/୪(ନି.ପ୍ର):** ପବିତ୍ର ଉତ୍କଳ ଦିବସର ଶୁଭ ଅବସରରେ ପିତଳ ଛକ ସ୍ଥିତ ଚନ୍ଦ୍ରିକା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ କଳା, ସାହିତ୍ୟ, ଶିକ୍ଷା ଓ ସଂସ୍କୃତି ଭିତ୍ତିକ ପତ୍ରିକା'ଚନ୍ଦ୍ରିକା'ର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଛି । ହିଞ୍ଜିଳିକାଟୁ ସ୍ୱଂୟ ଶାସିତ ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ କବିତା ପାଠୋତ୍ସବ, ଆଲୋଚନାଚକ୍ର ,ସମ୍ବର୍ଦ୍ଧନା ଓ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ପ୍ରଥମ ଅଧିବେଶନର କବିତା ପାଠୋତ୍ସବରେ ଡଃ ଗଦାଧର ବେହେରାଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ହରିହର ଚୌଧୁରୀ, ମୁଖ୍ୟ ବକ୍ତା ଭାବେ ଅଧାପକ ସଞ୍ଜୟ କୁମାର ଷଡ଼ଙ୍ଗୀ ଓ ସମ୍ମାନିତ ଅତିଥି ଭାବେ ବିମଳାନନ୍ଦ ପଟ୍ଟନାୟକ, ରବିନ୍ଦ୍ର ନାଥ ପାଣିଗ୍ରାହୀ ଓ ଚିତ୍ରାରାଣୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଦ୍ୱିତୀୟ ଅଧିବେଶନରେ ଇଂ ବିଚିତ୍ରାନନ୍ଦ ମୁନୀଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଧକ୍ଷ ଡ଼ଃ ଅରୁଣ କୁମାର ଖାଡଙ୍ଗା, ମୁଖ୍ୟ ବକ୍ତା ଭାବେ ଡଃ ଲକ୍ଷ୍ମୀ ନାରାୟଣ ଦାସ ଓ ସମ୍ମାନିତ ଅତିଥି ଭାବେ ଡଃ ହୃଷିକେଶ ମହାନ୍ତି, ଡ଼ଃ ସୁପ୍ରିୟା ସାହୁ ଓ ଡ଼ଃ ଅରବିନ୍ଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ସ୍ୱରଚିତ କବିତା ପାଠୋତ୍ସବ ପରେ ଶୃଙ୍ଗାର କବି ପ୍ରକାଶ ଚନ୍ଦ୍ର ମୁନୀ ରସିକ ରସେଶ୍ୱର ପୁସ୍ତକର ଉନ୍ମୋଚନ କରିଥିଲେ । ଏହି ଅବସରରେ ସାହିତ୍ୟ କୃତି ସମ୍ପନ୍ନ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା କରା ଯାଇଥିଲା । କାର୍ଯ୍ୟକ୍ରମକୁ ଚିନ୍ମୟ ରଞ୍ଜନ ମିଶ୍ର ଓ ସୁପ୍ରଜିତ୍ ସାହୁ ସଂଯୋଜନା କରିଥିଲେ । ସୁବାସ ଚନ୍ଦ୍ର ସାହୁ ଓ ଗୋପାଳ ପାତ୍ର ପ୍ରମୁଖ ବ୍ୟବସ୍ଥାପନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସ୍ନେହଲତା ମୁନୀ,ଭାସ୍କର ରାଉତ, ମଙ୍ଗୁଲୁ ମହାରଣା, ବିଜୟ କୁମାର ପାଢ଼ୀ, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ଅମ୍ରିତା ମିଶ୍ର, ବିଜୟ ଚନ୍ଦ୍ର ମହାରଣା, ଦେବବ୍ରତ ପଟ୍ଟନାୟକ, ସିମାଞ୍ଚଳ ପଣ୍ଡା, ମହେନ୍ଦ୍ର ସ୍ୱାଇଁ, ଜ୍ୟୋତ୍ସ୍ନାରାଣୀ ଦେବୀ, ବଳରାମ ସାବତ ପ୍ରମୁଖ ମାନ୍ୟଗଣ୍ୟ କବି ଓ ସାହିତ୍ୟିକ ଉପସ୍ଥିତ ଥିଲେ ।

# ଅନୁଷ୍ଠିତ ହେଲା ଜିଲ୍ଲା ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ପର୍ବ

ବରଗଡ଼ ୦୩/୪(ନି.ପ୍ର): ଓଡିଆ ପକ୍ଷ ପାଳନର ଦ୍ୱିତୀୟ ଦିନରେ ସମସ୍ତ ପ୍ରାଥମିକ ବିଦ୍ୟାଳୟ ରେ ନୂତନ ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁଯାୟୀ ଶିଶୁଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଚଳିତ ଶିକ୍ଷା ବର୍ଷରୁ ଲାଗୁ କରାଯାଇଥିବା ନୂତନ ଶିକ୍ଷାନୀତି ଆଜିଠୁ ଆରମ୍ଭ ହୋଇଛି । ଶିଶୁବାଟିକାରେ କୁନି କୁନି ପିଲାମାନେ ନାମ ଲେଖାଇବାକୁ ମାନ୍ୟବର ମୁଖ୍ୟ ମନ୍ତ୍ରୀଙ୍କ ସ୍ୱାକ୍ଷରିତ ସ୍ୱତନ୍ତ୍ର ନିମନ୍ତ୍ରଣ ପତ୍ର ପୂର୍ବରୁ ପ୍ରଦାନ କରାଯାଇଥିଲା ।ଏହି ଅବସରରେ ଶିଶୁ ବାଟିକାରେ ନାମ ଲେଖେଇବାକୁ ରାଜ୍ୟ ସାରା ଆଜି ସ୍କୁଲ ଆସିଛନ୍ତି କୁନି କୁନି ପିଲା ।ନୂଆକରି ପାଠ ପଢ଼ା ଆରମ୍ଭ କରୁଥିବା ପିଲାମାନଙ୍କ ପାଇଁ ବିଦ୍ୟାଳୟ ସ୍ତରରେ ଶିଶୁ ବାଟିକା ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି ।ଏହି ଅବସର ରେ ବରଗଡ଼ ଜିଲ୍ଲା ସ୍ତରୀୟ ପ୍ରବେଶ ଉତ୍ସବ ଓ 'ଖଡ଼ି ଛୁଆଁ' କାର୍ଯ୍ୟ କ୍ରମକୁ ସ୍ଥାନୀୟ ଖଜୁର ଟିକ୍ରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶୁଭାରମ୍ଭ କରିବା ସହ ଛାତ୍ର ଛାତ୍ରୀ ଙ୍କୁ ଖଡ଼ି ଛୁଆଁଇ ଉତ୍ସାହିତ କରିଛନ୍ତି ।ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁଙ୍କ ଅଧକ୍ଷତା ରେ ଅନୁଷ୍ଠିତ କାର୍ଯ୍ୟ କ୍ରମ ରେ ଚଳିତ ମାସ ୨ ତାରିଖ ରୁ ୫ ତାରିଖ



ପର୍ଯ୍ୟନ୍ତ ଜିଲ୍ଲାର ପ୍ରତ୍ୟେକ ବିଦ୍ୟାଳୟ ରେ ଅନୁଷ୍ଠିତ ହେବାକୁ ଥିବା ପ୍ରବେଶ ଉତ୍ସବ ଓ 'ଖଡ଼ି ଛୁଆଁ' କାର୍ଯ୍ୟ କ୍ରମ ସମ୍ବନ୍ଧ ରେ ଜନ ସଚେତନତା ରଥ କୁ ମୁଖ୍ୟ ଅତିଥି ଜିଲ୍ଲାପାଳ ଆଦିତ୍ୟ ଗୋୟଲ୍ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ।ଏହି ଅବସରରେ ଆୟୋଜିତ ଖଡ଼ି ଛୁଆଁ କାର୍ଯ୍ୟକ୍ରମରେ ଖଜୁର ଟିକ୍ରା ସ୍କୁଲରେ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀ ରେ ପ୍ରଥମ ଦିବସ ରେ ୩୦ ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ନାମ ଲେଖାଇ ଥିବା ବେଳେ ସମସ୍ତ ନବାଗତ ଛାତ୍ର ଛାତ୍ରୀ ଙ୍କୁ ସ୍କୁଲ ତରଫରୁ ସ୍ୱାଗତ କରାଯାଇଥିଲା ଜିଲ୍ଲାପାଳ ତଥା ଜିଲ୍ଲା ଶିକ୍ଷା ଅଧିକାରୀ ଉପସ୍ଥିତ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀ ର ସମସ୍ତ ଛାତ୍ର ଛାତ୍ରୀ ଙ୍କୁ ଖଡ଼ି ଛୁଆଁଇ ଥିଲେ ।ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ, ଡିଆଇଇଟି ଅଧକ୍ଷ ରଜନୀ କାନ୍ତ ଦାଶ, ବରଗଡ଼ ବ୍ଲକ ଶିକ୍ଷା ଅଧିକାରୀ ଡ଼ ସୁରେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗ ଦେଇ 'ଖଡ଼ିଛୁଆଁ' କାର୍ଯ୍ୟକ୍ରମ ର ଆଭି ମୁଖ୍ୟ ପ୍ରତିପାଦନ କରିଥିଲେ ।ନବାଗତ ଶିଶୁ ବାଟିକା ଛାତ୍ର ଛାତ୍ରୀ ଙ୍କୁ ଶିକ୍ଷା ବିଭାଗ ତରଫରୁ ପାଠ୍ୟ ଉପକରଣ କିଟ୍ ବଣ୍ଟନ କରାଯାଇଥିଲା ।ଦ୍ୱିତୀୟ ଅଧି ବେଶନ ରେ ଡାଏଟ ର ଅଧକ୍ଷ ରଜନୀ କାନ୍ତ ଦାଶ ଙ୍କ ସମେତ ଜିଲ୍ଲା ଶିକ୍ଷା ଓ ଶିକ୍ଷଣ ପ୍ରତିଷ୍ଠାନ ର ଶିକ୍ଷକ ପ୍ରଶିକ୍ଷକ ବୃନ୍ଦ ଉପସ୍ଥିତ ରହି ଶିଶୁ ବାଟିକା ପରିଚାଳନା ସମ୍ବନ୍ଧୀୟ ମାର୍ଗ ଦର୍ଶିକା ଉପରେ ବିସ୍ତୃତ ଆଲୋଚନା କରିଥିଲେ ।ସାକ୍ଷରତା ସଂଖ୍ୟା ଜ୍ଞାନ,ଓ ସୃଜନାତ୍ମକ ଷ୍ଟଲ୍ ଗୁଡ଼ିକର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା ।ସୂଚନାଯୋଗ୍ୟକି, ପିଲାଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଥିବା ପ୍ରବେଶ ଉତ୍ସବ' ଏବଂ 'ଖଡ଼ି ଛୁଆଁ' ପର୍ବରେ ବରଗଡ ଜିଲ୍ଲାରେ ସମୁଦାୟ ୧୪ ଶହରୁ ଉର୍ଦ୍ଧ ବିଦ୍ୟାଳୟ ରେ ଆରମ୍ଭ କରାଯାଇଛି ।ଆଗାମି ସେପଟ୍ଟେମ୍ବର ୧ ତାରିଖ ସୁଦ୍ଧା ୫ ବର୍ଷରୁ ଉର୍ଦ୍ଧ୍ୱ ସେମାନେ ଶିଶୁବାଟିକା ଓ ୬ ବର୍ଷରୁ ଉର୍ଦ୍ଧ୍ୱ ପ୍ରଥମ ଶ୍ରେଣୀ ରେ ନାମ ଲେଖାଇ ଛନ୍ତି ।ଆଜି ସମସ୍ତ ବିଦ୍ୟାଳୟରେ ପିଲାଙ୍କୁ ଖଡ଼ି ଧରାଇ ସିଲଟ ପଟ୍ଟାରେ ବିଦ୍ୟା ଆରମ୍ଭ କରାଇଥିଲେ ଓ ସ୍କୁଲ ବ୍ୟାଗ ବଣ୍ଟନ କରାଯାଇଛି ।ଏଭଳି ଅଭିନବ କାର୍ଯ୍ୟକ୍ରମ ଦ୍ୱାରା ସ୍କୁଲରେ ପ୍ରଥମକରି ପାଦ ଥାପୁଥିବା ପିଲା ମାନେ ବିଦ୍ୟାଳୟ କୁ ଆସିବା ପାଇଁ ଉତ୍ସାହିତ ହେବେ ଏବଂ ଜୀବନବ୍ୟାପୀ ସେମାନଙ୍କ ସ୍କୁଲରେ ପ୍ରଥମ ଦିନର ଅନୁଭୂତିକୁ ସ୍ମରଣୀୟ କରିବ।

## ବାଲି ବୋଝେଇ ହାଇୱା ଜବଦ କଲା ବନବିଭାଗ

ପାଟଣା ୩/୪(ନି.ପ୍ର): ପାଟଣା ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଗତରାତି ୧୦ ଟା ୪୫ ରେ ଟାଙ୍ଗୁଆପଡା ବୈତରଣୀ ଗର୍ଭ ରୁ ଏକ ବାଲି ବୋଝେଇ ହାଇୱା ଜବଦ କରିଛି ।ବେଆଇନ ଭାବେ ବାଲି ପରିବହନ ହେଉଥିବା ଖବର ପାଇ ପାଟଣା ବନାଞ୍ଚଳ ଅଧିକାରୀ ବନବିହାରୀ ସର୍ଦ୍ଦାର ,ପାଟଣା ବନପାଳ ପିଥନ ନାଏକ ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣ ଚନ୍ଦ୍ର ମହାନ୍ତ ଓ ଅନ୍ୟ ପାରା କର୍ମଚାରୀ ମାନେ ଟାଙ୍ଗୁଆପଡା ନିକଟରେ ଚଢ଼ାଉ ସମୟରେ ଓ ଆର ୧୯ ଏମ ୪୯୭୯ ବିଶିଷ୍ଟ ହାଇବା କୁ ବାଲି ବୋଝେଇ ଅବସ୍ଥାରେ ଜବଦ କରିଛନ୍ତି ।ଏହା ଛଡ଼ା ହାଇୱା ଚାଳକ ବିମଲ କୁମାର ନାଏକଙ୍କୁ ମଧ ବନବିଭାଗ ଅଟକ ରଖିଛି ।ପାଟଣା ବନାଞ୍ଚଳ ଖିରେଇ ଟାଙ୍ଗିରୀ ସେକ୍ସନ ଯମୁନା ପଶି ବିଟ ଅଞ୍ଚଳ ର ଏହି ଜାଗାରୁ ଜବଦ ହାଇୱା ଟି ବଡ ଧନୁର୍ଜୟ ପୁର ଗ୍ରାମର ତ୍ରିଲୋଚନ ମହାନ୍ତଙ୍କ ର ବୋଲି ଜଣାପଡିଛି ।ଜୋରିମାନା ଆଦାୟ ପରେ ହାଇୱା କୁ ଛଡ଼ାଯିବ ବୋଲି ବନବିଭାଗ ସୂଚନା ଦେଇଛି ।



## ପାଟଣା ରେ ବ୍ଲକ ସ୍ତରୀୟ ଖଡ଼ି ଛୁଆଁ ଉତ୍ସବ , ସଚେତନତା ରଥ ଉଦଘାଟନ କଲେ ବିଧାୟକ

ପାଟଣା ୩/୪(ନି.ପ୍ର): ପାଟଣା ବ୍ଲକ ମୁଖ୍ୟାଳୟ ପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆଜି ବ୍ଲକ ସ୍ତରୀୟ ଶିଶୁ ବାଟିକା ର ଶୁଭାରମ୍ଭ ସହ ସହ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ ପର୍ବ ପାଟଣା ବ୍ଲକ ଶିକ୍ଷାଧିକାରୀ ପୂର୍ଣ୍ଣ ଚନ୍ଦ୍ର ଅମାତ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ମୁଖ୍ୟ ଅତିଥି ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଙ୍କ ଦ୍ୱାରା କାର୍ଯ୍ୟକ୍ରମ ର ଶୁଭାରମ୍ଭ ସହ ସ୍ୱତନ୍ତ୍ର ପୂଜାପାଠ ମଧ୍ୟରେ ନବାଗତ ଶିଶୁ ବାଟିକା ଛାତ୍ରଛାତ୍ରୀ ଙ୍କୁ ନିଜେ ବିଧାୟକ ଶ୍ରୀ ନାଏକ ସିଲଟରେ ଖଡ଼ି ଛୁଆଇବା ପର୍ବ ସମ୍ପାଦନ କରିଥିଲେ ।ଏହା ଛଡ଼ା ଏହି ଉଦ୍ଦ୍ୟେଶ୍ୟରେ ବାହାରି ଥିବା ସଚେତନତା ପ୍ରଚାର ରଥକୁ ମଧ ପତାକା ହଲାଇ ବ୍ଲକ ଅଞ୍ଚଳ ପରିକ୍ରମାରେ ପଠାଇ ଛନ୍ତି ।କାର୍ଯ୍ୟକ୍ରମ ରେ ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟ, ବ୍ଲକ ଅଧକ୍ଷା ବୀଣାପାଣି ନାୟକ,ଜିଲ୍ଲା ପରିଷଦ ସଦସ୍ୟା ରୁନୁ ମହାନ୍ତ , ବ୍ଲକ ସହ ଶିକ୍ଷାଧିକାରୀ ସର୍ବସ୍ରୀ ସଚ୍ଚିଦାନନ୍ଦ ସେଠୀ, ବିଜୟ କୁମାର ଓଝା ଓ ପ୍ରକାଶ କୁମାର ରାୟ, ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଶୁଭେନ୍ଦୁ ସାଗର କୁମାର ନାଏକ, ସମାଜ ସେବୀ ଅଜୟ କୁମାର ଦାଶ, ମୋ ସ୍କୁଲ ଅଭିଯାନ ସଭାପତି କଳ୍ପତରୁ କର,ପୂର୍ବତନ ବ୍ଲକ ଅଧକ୍ଷ ବିଶ୍ୱନାଥ ନାୟକ ପ୍ରମୁଖ ସାମିଲ ଥିଲେ ।କାର୍ଯ୍ୟକ୍ରମ କୁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କମଳା କାନ୍ତ ପତି, ସନ୍ତୋଷ କୁମାର ନାଏକ, ବୀରମୋହନ ଦ୍ୱିବେଦୀ ପ୍ରମୁଖ ପରିଚାଳନା କରିଥିଲେ ।ତେବେ ପାଟଣା ବ୍ଲକ ଅଞ୍ଚଳ ର ମୋଟ ୧୫୯ ଟି ବିଦ୍ୟାଳୟରେ ମଧ ଆଜି ପ୍ରବେଶ ଉତ୍ସବ ସହ ଖଡ଼ିଛୁଆଁ ପର୍ବ ଅନୁଷ୍ଠିତ ହୋଇଛି ।

## ବରଗଡ଼ ରେ ଜିଲ୍ଲା ସ୍ତରୀୟ ଏସବିଆଇ ପେନଶନର୍ସ ମିଟ

ବରଗଡ଼ ୩/୪(ନି.ପ୍ର): ସ୍ଥାନୀୟ ସାଇ କ୍ରୀଷ୍ଣା ପେଲେସ,ବରଗଡ ଠାରେ ଗୋପୀନାଥ ଦେବତା ଙ୍କ ସଭାପତିତ୍ୱ ରେ ବରଗଡ ଏସବିଆଇ ପେନସନର୍ସ ୱେଲ ଫେୟାର ସଂଘ ତରଫରୁ ଏକ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି ।ସମ୍ପାଦକ କୁଞ୍ଜ ବିହାରୀ ଭୋଇ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ କିଶୋର ଷଡଙ୍ଗୀ ପେନସନ ଓ ଏକ୍ସ ଗ୍ରାସିଆ ର ତାଜା ସ୍ଥିତି ସମ୍ପର୍କ ରେ ସଦସ୍ୟ ମାନଙ୍କୁ ଅବଗତ କରେଇଥିଲେ ।ସ୍ୱାସ୍ଥ୍ୟ ବୀମା ସମ୍ପର୍କିତ ପ୍ରଶ୍ନ ସବୁର ଉତ୍ତର ମଧ୍ୟ ଦେଇଥିଲେ ।ଉପ ସଭାପତି ଗଙ୍ଗାଧର ବିଭାର ନୂତନ ସଦସ୍ୟ ମାନଙ୍କୁ ସ୍ୱାଗତ କରିଥିଲେ ।ସୁରେଶ ଦଣ୍ଡ ସେନା,ଛବିଳ ଅଗ୍ରୱାଲ, ବିନୋଦ ପତି,କୃଷ୍ଣ ଚନ୍ଦ୍ର ପଣ୍ଡା ଇତ୍ୟାଦି ଙ୍କୁ ନୂତନ କାର୍ଯ୍ୟକାରୀ ସଦସ୍ୟ ହିସାବ ରେ ସର୍ବ ସମ୍ମତି କ୍ରମେ ମନୋନୀତ କରା ଯାଇଥିଲା ।ଉପଦେଷ୍ଟା ରୋହିତ ଦାଶ ଓ ସହ ସମ୍ପାଦକ ମନୋରଞ୍ଜନ ପୁଝାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।ବରିଷ୍ଠ ସଭ୍ୟ ଟିକେଶ୍ୱର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଆଗାମୀ ଦିନରେ ମଧ୍ୟ ଏମିତି ସଭା ଆୟୋଜନ କରି ସଦସ୍ୟ ମାନଙ୍କ ସମସ୍ୟା ର ସମାଧାନ କରାଯିବ ବୋଲି ସଭା ରେ ସ୍ଥିର ହୋଇଥିଲା ।ବରଗଡ଼ ଜିଲ୍ଲା ର ବିଭିନ୍ନ ବ୍ଲକ ତଥା ସମ୍ବଲପୁର ରୁ ମିଶି ପାଖାପାଖି ପଚାଶ ଜଣ ସଦସ୍ୟ କାର୍ଯ୍ୟକ୍ରମ ରେ ଯୋଗଦାନ କରିଥିଲେ।

## ବିଦ୍ୟାଳୟ ପ୍ରବେଶ ଓ ଖାଦିଛୁଆଁ ଉତ୍ସବକୁ ଉଦଘାଟନ କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା

ନିମାପଡା ୩/୪(ନି.ପ୍ର): ପୁରୀ ଜିଲ୍ଲାର ନିମାପଡା ଓ ଗୋପ ଶିକ୍ଷା ମଣ୍ଡଳ ପକ୍ଷରୁ ମିଳିତ ଭାବେ ଆୟୋଜିତ ନୀଳ କଣ୍ଠେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ମଣ୍ଡଳ ସ୍ତରୀୟ ବିଦ୍ୟାଳୟ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମ କୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଉଦଘାଟନ କରିଥିଲେ ।ଜାତୀୟ ଶିକ୍ଷା ନିତୀ ୨୦୨୦ କୁ ଚଳିତ ଶିକ୍ଷା ବର୍ଷ ୨୦୨୫-୨୬ ରେ ଲାଗୁ କରିଛନ୍ତି ଓଡିଶା ସରକାର। ଶିଶୁ ବାଟିକା ପିଲା ମାନଙ୍କୁ ସେପଟ୍ଟେମ୍ବର ୧ ତାରିଖ ସୁଧା ୫ ବର୍ଷ ହୋଇଥିବା ଦରକାର। ନାମ ଲେଖାଇଥିବା ଶିଶୁ ବାଟିକା ର ବିଦ୍ୟାର୍ଥୀ ମାନଙ୍କୁ ଶିକ୍ଷା ଉପକରଣ ବଣ୍ଟନ ସହ ଖଡ଼ି ଛୁଆଁଇ ଥିଲେ ଏବଂ ସଚେତନତା ପାଇଁ ଶିକ୍ଷା ରଥ ଭ୍ରମଣ ର ଶୁଭ ଉଦଘାଟନ କରିଥିଲେ ଉପ ମୁଖ୍ୟ ମନ୍ତ୍ରୀ ଶ୍ରୀମତୀ ପରିଡା ।ଏହି ରଥ ଦୁଇ ଶିକ୍ଷା ମଣ୍ଡଳ ଭ୍ରମଣ କରି ସଚେତନତା ସୃଷ୍ଟି କରିବ. ଏହି ଉଦଘାଟନ ଉତ୍ସବ କାର୍ଯ୍ୟକ୍ରମ ରେ ନିମାପଡା ଏ ନ ଏସି ଅଧକ୍ଷା ସସ୍ମିତା ସାହୁ, ଗୋପ ବ୍ଲକ ଅଧକ୍ଷା ଝୁନୁ ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ ରାୟ, ସାଂସଦ ପ୍ରତିନିଧି ସୁଶାନ୍ତ ସ୍ୱାଇଁ, ମିନଳତା ମହାନ୍ତି, ତେରୁଣ୍ଡିଆ ସରପଞ୍ଚ ନିରୁପମା ପ୍ରଧାନ ସମିତି ସଭ୍ୟା ତିଲୋତ୍ତମା ବାରିକ, ଗୋପ ଶିକ୍ଷା ମଣ୍ଡଳ ଅଧିକାରୀ ସୁନୀଲ କୁମାର ବ୍ରହ୍ମା, ନିମାପଡା ମଣ୍ଡଳ ଶିକ୍ଷା ଅଧିକାରୀ ଦ୍ୱିତିକାନ୍ତ ପ୍ରଧାନ ଙ୍କ ପୌରାହି ତରେ ସଭା ଅନୁଷ୍ଠିତ ହୋଇଥିଲା ନୀଳ କଣ୍ଠେଶ୍ୱର ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ କବିତା ସେନାପତି ସ୍ୱାଗତ କରିଥିଲେ। ଉତ୍ସବକୁ ପରିଚାଳନା କରିଥିଲେ ଜସୀମ ଉଦ୍ଦିନ ଏବଂ ମଧୁମିତା ଦୁଇ ଶିକ୍ଷା ମଣ୍ଡଳ ର ସି ଆର ସି ସି, ସମସ୍ତ ଶିକ୍ଷକ ଏବଂ ଅଭିଭାବକ ମାନେ ଉପସ୍ଥିତ ଥିଲେ।

## ସିଆରସିସି ଅଜୟ ପ୍ରଧାନଙ୍କୁ ଅବସର ସମ୍ବର୍ଦ୍ଧନା

ପାଟଣା ୩/୪(ନି.ପ୍ର): ଘଟଗାଁ ବ୍ଲକ ଅନ୍ତର୍ଗତ ସାନ୍ତରାପୁର କ୍ଲଷ୍ଟର ର ସିଆରସିସି ତଥା ପଇଦାପାଟଣା ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ କୁମାର ପ୍ରଧାନଙ୍କ ଅବସରସମ୍ବର୍ଦ୍ଧନା ସଭା ଆଜି ପଇଦାପାଟଣା ସ୍କୁଲରେ ପାଳନ କରାଯାଇଛି । ରାଷ୍ଟ୍ର ପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ରୋହିତ କୁମାର ବେହେରାଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଏବିଓ ସଂଜୟ କୁମାର ପଲେଇ, ଅନ୍ୟତମ ସମ୍ମାନୀତ ଅତିଥି ଭାବେ ଓଷ୍ଟାର ପ୍ରାକ୍ତନ ରାଜ୍ୟ ସମ୍ପାଦକ କାହ୍ନୁ ଚରଣ ସାମଲ, ସାନ୍ତରାପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଶତପଥି, ପଇଦାପାଟଣା ସରପଞ୍ଚ ମୁକୁନ୍ଦ ଚରଣ ମୁଣ୍ଡା, ସାନ୍ତରାପୁର ସରପଞ୍ଚ ବବିତା ସିଂ ଆଦି ଯୋଗଦେଇ ଶ୍ରୀ ପ୍ରଧାନଙ୍କ କର୍ମମୟ ଜୀବନ ଗୁଣଗାନ କରିଥିଲେ। ବିଭିନ୍ନ କ୍ଲଷ୍ଟରର ସିଆରସିସି, ଶିକ୍ଷକ ଶିକ୍ଷୟିତ୍ରୀ , ଗ୍ରାମବାସୀ ଓ ଛାତ୍ରଛାତ୍ରୀ ଯୋଗ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ପଇଦାପାଟଣା ପ୍ରଧାନ ଶିକ୍ଷକ ସୁଧାଂଶୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରତିଭା ବିକାଶ ପ୍ରତିଷ୍ଠାନ କଟକ ସଦର ପକ୍ଷରୁ ଉତ୍କଳ ଦିବସ ପାଳିତ

କଟକ ୩/୪(ନି.ପ୍ର): ଅଗ୍ରଣୀ ସାମାଜିକ ସଙ୍ଗଠନ ପ୍ରତିଭା ବିକାଶ ପ୍ରତିଷ୍ଠାନ କଟକ ସଦର ପକ୍ଷରୁ ଜୟ ହିନ୍ଦ କ୍ଲବ ପଟଣା ୪୨ ମୌଜା ଠାରେ ଉତ୍କଳ ଦିବସ ପ୍ରତିଷ୍ଠାନର ସଭାପତି ବିଶିଷ୍ଟ ସମାଜସେବୀ ଇଂ.ଅଶୋକ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ପାଳନ ହୋଇଯାଇଛି । ସଭାରେ ମୁଖ୍ୟ ଅତିଥି ଭାବରେ ସୁନାମ ଧନ୍ୟ ସାହିତ୍ୟିକ ତଥା ବରିଷ୍ଠ ସମ୍ବାଦିକ ଡ଼ଃ.ଚିତ୍ତ ରଂଜନ ବେହେରା, ମୁଖ୍ୟବକ୍ତା ଭାବରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ସମ୍ମାନୀତ ଅତିଥି ଭାବରେ ପ୍ରାଧ୍ୟାପକ ଡ଼ଃ.ସେକ କଲିମୁଲ୍ଲା,ବି.ଜେ.ପି ମହିଳା ମୋର୍ଚ୍ଚା ସଭାପତି ସୁନିତା ଦେବତା,ଯୁବ ସମାଜସେବୀ ରାମ ଚନ୍ଦ୍ର ଗୋଛାୟତ,ରାଜନୀତିଜ୍ଞ ବିନୋଦ ବେହେରା,ସମାଜସେବୀ ରବୀନ୍ଦ୍ର ଦେବତା ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ନାରାୟଣ ଚନ୍ଦ୍ର ମହାନ୍ତି,ବିଷ୍ଣୁ ଦେବତା,ଘନଶ୍ୟାମ ମଲିକ, ମହେଶ୍ୱର ବେହେରା,କାର୍ତ୍ତିକ ଦାସ,ନଟବର ବେହେରା,ଅଭିରାମ ଦଳାଇ,ଅଭୟ ଦାସ,କ୍ଷୀରୋଦ ଦାସ,ଉପେନ୍ଦ୍ର ବାରିକ,ରମେଶ ମଲିକ,ରବୀନ୍ଦ୍ର ବାବା,ସନ୍ତୋଷ ଭୋଇ,ସନ୍ତୋଷ ବେହେରା ପ୍ରଭୃତି ଉପସ୍ଥିତ ଥିଲେ ।

# ଓଡିଆ ଭାଷା ସାହିତ୍ୟ ସମିତି ପକ୍ଷରୁ ଉତ୍କଳ ଦିବସ ପାଳିତ



ହିଞ୍ଜିଳିକାଟୁ ୩/୪(ନି.ପ୍ର): ଓଡ଼ିଆ ଭାଷା ସାହିତ୍ୟ ସମିତି, ହିଞ୍ଜିଳିକାଟୁ ତରଫରୁ ମଙ୍ଗଳବାର ଉତ୍କଳ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ସ୍ଥାନୀୟ ପୈରାଞ୍ଚଳ ଆର.ଏମ.ସି. ଛକ ଠାରେ ସମିତି ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମ ସତ୍ରରେ ଅନୁଷ୍ଠାନର ସଦସ୍ୟା ସୁଶ୍ରୀ ଲିଜାରାଣୀ ସାହୁଙ୍କ ସଂଯୋଜନାରେ ଆଗାମୀ ଓଡ଼ିଶା ସତ୍ରରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପ୍ରଥମରୁ ଦଶମ ଶ୍ରେଣୀର ବିଦ୍ୟାର୍ଥୀ ମାନେ 'ମୋ ସ୍ୱପ୍ନର ଓଡ଼ିଶା' ଶୀର୍ଷକରେ ଆଲୋଚନା କରିଥିଲେ। ସେହିପରି ଅନୁଷ୍ଠାନର ଉପ-ସଭାନେତ୍ରୀ ରୀତାଞ୍ଜଳି ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଦ୍ୱିତୀୟ ସତ୍ରରେ ମୁଖ୍ୟ ଅତିଥି ଭାବରେ ପଦ୍ମଶ୍ରୀ ଗୋପୀନାଥ ସ୍ୱାଇଁ, ମୁଖ୍ୟବକ୍ତା ଭାବରେ ଅଧ୍ୟାପକ ଡଃ. ହୃଷିକେଶ ପଣ୍ଡା, ସମ୍ମାନୀତ ଅତିଥି ଭାବରେ ହିଞ୍ଜିଳିକାଟୁ ପଞ୍ଚାୟତ ସମିତି ଅଧ୍ୟକ୍ଷା ସରସ୍ୱତୀ ସେଠୀ ଏବଂ ହିଞ୍ଜିଳିକାଟୁ ପୌର ପରିଷଦ ଉପାଧ୍ୟକ୍ଷା ସୁଚିତ୍ରା ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ଆକାଶ ପଟ୍ଟନାୟକ ବନ୍ଦେ ଉତ୍କଳ ଜନନୀକୁ ଅମର୍ଯ୍ୟାଦିତ କରିଥିବା ବ୍ୟକ୍ତି ବିଶେଷଙ୍କ ଉଦ୍ଦେଶ୍ୟରେ ଏକ ସାର୍ବଜନୀନ ନିନ୍ଦା ପ୍ରସ୍ତାବ ଆଗତ କରିବା ସହ ଓଡ଼ିଆ ଏବଂ ଓଡ଼ିଶା ବିରୋଧୀ ମାନସିକତାକୁ ତୀବ୍ର ଭର୍ତ୍ସନା କରିଥିଲେ। ବିଭାଜନକାରୀ ଶକ୍ତି ମାନଙ୍କୁ ନିୟନ୍ତ୍ରିତ କରି ପୂର୍ବଜଙ୍କ ତ୍ୟାଗ ସିକ୍ତ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶକୁ ଭାଙ୍ଗିବାକୁ ବିରତ ରହିବାକୁ କହିଥିଲେ। ଅନ୍ତିମ ସତ୍ରରେ ଅନୁଷ୍ଠାନର ଉପ ସଭାପତି ବ୍ରହ୍ମକୁମାର ନିତ୍ୟାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଏକ କବିତା ପାଠୋତ୍ସବରେ ବରିଷ୍ଠ ସାମ୍ବାଦିକ ଦ୍ୱିତିକୃଷ୍ଣ ସାବତ, ଅବସରପ୍ରାପ୍ତ ଅଧ୍ୟକ୍ଷ ଅରବିନ୍ଦ ପଣ୍ଡା ପ୍ରମୁଖ ଅତିଥି ଭାବରେ ମଞ୍ଚାସୀନ ଥିଲେ। ଶିକ୍ଷକ ତଥା ସାହିତ୍ୟିକ ଦେବବ୍ରତ ପଟ୍ଟନାୟକ କବିତା ଗୁଡ଼ିକୁ ସଂଯୋଜନା କରିଥିଲେ। ସମିତିର ସାଧାରଣ ସମ୍ପାଦକ ରଞ୍ଜନ କୁମାର ସାହୁ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ଚିନ୍ମୟ ପୋଲାଇ ମଞ୍ଚ ସଞ୍ଚାଳନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଗୋଠଗାଆଁ ସରପଞ୍ଚ କୃଷ୍ଣଚନ୍ଦ୍ର ସୁଆଁସିଆ, ଆଲୋକ କୁମାର ନାୟକ, କେଶବ ମହାରଣା, ପ୍ରଭାତ କୁମାର ମହାରଣା, ଜଗନ୍ନାଥ ଗୌଡ଼, ଯୁବ କବି ପପୁ ପରିଡ଼ା, ସ୍ମୃତି ରାଉଳ, ବିନୋଦ ଗୌଡ଼, ପୂଜାରାଣୀ ପ୍ରଧାନ, ଗୁଣାମ୍ବରୀ ଲେଙ୍କା, ହରିହର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ତୁରୁମୁଙ୍ଗା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ରଜତ ଜୟନ୍ତୀ ସମାରୋହ , ଯୋଗଦେବେ ମୁଖ୍ୟମନ୍ତ୍ରୀ

ପାଟଣା ୩/୪(ନି.ପ୍ର): ଚଳିତ ଅପ୍ରେଲ ମାସ ୯,୧୦ ଓ ୧୧ ତାରିଖ ତିନିଦିନ ଧରି ପାଟଣା ବ୍ଲକ ଅନ୍ତର୍ଗତ ତୁରୁମୁଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର ରଜତ ଜୟନ୍ତୀ ସମାରୋହ ମହାଡ଼ମ୍ବର ରେ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ହେବ । ଏଥି ନିମନ୍ତେ ବହୁ ପୂର୍ବରୁ ପୂର୍ବ ଛାତ୍ରଛାତ୍ରୀ, ଅଭିଭାବକ ଅଭିଭାବିକା , ଗୁରୁଜୀ ଗୁରୁମା, ପରିଚାଳନା କମିଟି,ପ୍ରାକ୍ତନ ପରିଚାଳନା କମିଟି,ପ୍ରାକ୍ତନ ଗୁରୁଜୀ ଗୁରୁମା, ମାତୃଭାରତୀର ସଦସ୍ୟା ଓ ଶୁଭେଚ୍ଛୁ ମାନଙ୍କ ଦ୍ୱାରା ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ରେ ଶିକ୍ଷା ବିକାଶ ସମିତି ର ପ୍ରାକ୍ତନ ସାଧାରଣ ସଂପାଦକ ଅମର ବର ଖଟୁଆ ଅବସରପ୍ରାପ୍ତ ଅଧିକାରୀ ଶଶିଭୂଷଣ ପଲେଇ ଏବଂ ଉତ୍ତର ସମ୍ଭାଗ ସଂଯୋଜକ କ୍ଷେତ୍ରମୋହନ ଦାସ ଯୋଗ ଦେଇ ଜୟନ୍ତୀ ପାଳନ ପ୍ରସଙ୍ଗରେ ମାର୍ଗଦର୍ଶନ କରିଥିଲେ ଏବଂ ବୈଠକରେ ବିଧାୟକ ଅଖିଳ ଚନ୍ଦ୍ର ନାଏକ ଅଧକ୍ଷତା କରିଥିଲେ । ତଦ୍ ନୁସାରେ ଗାୟତ୍ରୀ ଯଜ୍ଞ,ସେବାକାର୍ଯ୍ୟ ଓ ବୃକ୍ଷରୋପଣ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଶେଷତଃ କାର୍ଯ୍ୟକ୍ରମକୁ ସଫଳ ସୁନ୍ଦର କରିବା ପାଇଁ ପୂର୍ବ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବେଶ୍ ଆଗ୍ରହ ଓ ଉତ୍ସାହ ପରିଲକ୍ଷିତ ହେଉଛି ।ଉତ୍ସବର ପ୍ରଥମ ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ରୂପେ ଯୋଗଦେବାକୁ ସଦୟ ସ୍ୱୀକୃତି ପ୍ରଦାନ କରିଛନ୍ତି । ସେହିପରି ଅନ୍ୟତମ ଅତିଥି ଭାବେ ସ୍ଥାନୀୟ ବିଧାୟକ ଅଖିଳ ଚନ୍ଦ୍ର ନାଏକ ,ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ ସଂଭାଗ ସମ୍ପାଦକ ଗଙ୍ଗାଧର କର ଏବଂ ଉଦ୍ ଘାଟକ ରୂପେ ସ୍ୱାମୀ ଶୃତିସାଗରାନନ୍ଦ ସରସ୍ୱତୀ ଯୋଗ ଦେବାର ବ୍ୟବସ୍ଥା ରହିଛି ।ଦ୍ୱିତୀୟ ଦିବସରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ବିଶିଷ୍ଟ ଶିଳ୍ପପତି ଶ୍ରୀନିବାସ ସାହୁ ଓ ଶିଶୁ ସାହିତ୍ୟିକ ଡଃ ରାମଚନ୍ଦ୍ର ନାୟକ ଯୋଗ ଦେବାର କାର୍ଯ୍ୟକ୍ରମ ଅଛି ।ସେହିପରି ଅନ୍ତିମ ଦିବସରେ କେନ୍ଦୁଝର ମହାରାଣୀ ସୁନନ୍ଦିନୀ ଭଞ୍ଜଦେଓ, ଇଂ ଅମରବର ଖଟୁଆ ,କେନ୍ଦୁଝର ପୌରାଧ୍ୟକ୍ଷା ନିକୁସାହୁ , ପ୍ରବଚିକା କଳ୍ପନା ତ୍ରିପାଠୀ ଓ ସମାଜସେବୀ ବସନ୍ତ କୁମାର ସାହୁ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଞ୍ଚାଳନ କରିବାକୁ ମତ ପ୍ରଦାନ କରିଛନ୍ତି ।ଜୟନ୍ତୀ ସମାରୋହରେ ଉପସ୍ଥିତ ସମସ୍ତ ବ୍ୟକ୍ତି ବିଶେଷଙ୍କ ନିମନ୍ତେ ପାନ ଭୋଜନର ବ୍ୟବସ୍ଥା କରାଯାଇଛି ଓ ଉତ୍ସବରେ ବହୁ ସଂଖ୍ୟାରେ ଯୋଗ ଦେବାକୁ ଓ ସହଯୋଗ ରଖିବାକୁ ରଜତ ଜୟନ୍ତୀ କ୍ରିୟାନ୍ୱୟନ ସମିତିର ସଂଯୋଜକ ମୋଚିରାମ ସାହୁ , ସମ୍ପାଦକ ପ୍ରମୋଦ କୁମାର ସାହୁ ଓ ପ୍ରଧାନ ଆଚାର୍ଯ୍ୟ ଚିତ୍ତରଞ୍ଜନ ମହାନ୍ତ ନିବେଦନ କରିଛନ୍ତି ।

## ଅନ୍ତରକିଆରୀ ଓ ବାଣପୁର ନୋଡାଲ ହାଇସ୍କୁଲରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ

ବାଣପୁର ୩/୪(ନି.ପ୍ର): ବୁଧବାର ବାଣପୁର ବ୍ଲକ ଅଧିନସ୍ଥ ମାନସିଂହ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ଅନ୍ତରକିଆରୀରେ ବ୍ଲକ ସ୍ତରୀୟ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମକୁ ନନ୍ଦପୁର ସରପଞ୍ଚ ପୁଷ୍ପମିତ୍ର ଖୁଣ୍ଟିଆ ଏବଂ ବ୍ଲକ ଶିକ୍ଷାଧିକାରିଣୀ ସି. ଏଚ ବିଜୟାଲକ୍ଷ୍ମୀ ଅତିଥି ଭାବେ ଯୋଗଦେଇ ଶିକ୍ଷା ସଚେତନତା ରଥକୁ ଆନୁଷ୍ଠାନିକ ଭାବେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଅତିଥିମାନଙ୍କ ଉପସ୍ଥିତରେ ନୂତନ ଭାବେ ନାମ ଲଖାଇଥିବା ଶିଶୁବାଟିକା ଏବଂ ପ୍ରଥମ ଶ୍ରେଣୀର ଛାତ୍ରଛାତ୍ରୀ ମାନଙ୍କର ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ନିରୋଦ କୁମାର ସାମନ୍ତରା ଏବଂ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ପରିଚାଳନା କରିଥିଲେ । ଅନୁରୂପ ଭାବେ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ନୋଡାଲ ହାଇସ୍କୁଲରେ ପ୍ରବେଶ ଉତ୍ସ୍ୱ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ପ୍ରଥମ ଫାଟକ ନିକଟରେ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ନାମ ଲେଖାଇବାକୁ ଆସିଥିବା ଛାତ୍ରଛାତ୍ରୀମାନଙ୍କୁ ଏକ ଚିତ୍ତାକର୍ଷକ ପରିବେଶ ମଧ୍ୟରେ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ ପ୍ରବେଶ ଉତ୍ସ୍ୱ ଓ ଖଡ଼ିଛୁଆ କାର୍ଯ୍ୟକ୍ରମ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ରଶ୍ମିତା ସେଠୀ ଓ ତପତି ସାହୁ ଅତି ଶୃଙ୍ଖଳାର ସହିତ ପରିଚାଳନା କରିଥିଲେ। ପୁଷ୍ପଲତା ମିଶ୍ରଙ୍କ ଦ୍ୱାରା ନୂତନ ନାମ ଲେଖାଇଥିବା ଛାତ୍ରଛାତ୍ରୀ ମାନଙ୍କୁ ଖଡିଛୁଆ କାର୍ଯ୍ୟ କରାଯାଇଥିଲା। ଛାତ୍ରଛାତ୍ରୀ ମାନଙ୍କୁ ବିମୁଗ୍ଧ କରିବା ଉଦ୍ଦେଶ୍ୟରେ ଝୁଡ଼ି ଖେଳ, ଅଙ୍କା ବଙ୍କା ରାସ୍ତାରେ ଚାଲିବା,ହାତ ଗୋଡ ଚିହ୍ନ, କୌତୁକ ଖେଳ, ସାକ୍ଷରତା ଷ୍ଟଲ, ସଂଖ୍ୟା ଜ୍ଞାନ ଷ୍ଟଲ୍ ଓ ସୃଜନମ୍ଭକ ଷ୍ଟଲ୍ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିବ ପ୍ରିୟା ବାରିକ , ଅଙ୍କିତା ରଥ, ପ୍ରିୟଦର୍ଶିନୀ ସାହୁ, ଖିରବ୍ଧି ତନୟା ଦାସଙ୍କ ତତ୍ତ୍ୱାବଧାନରେ ପ୍ରସ୍ତୁତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ମିଟୁ ନାୟକ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ପ୍ରଦତ୍ତ ସରକାରଙ୍କର ନୂତନ ପରିକଳ୍ପନାକୁ ସମ୍ମାନ ଦେଇ ବିଦ୍ୟାଳୟ ସହିତ ନିଜକୁ ସାମିଲ କରିବାକୁ ଉଦବୋଧନ ଦେଇଥିଲେ।

## କଣାସରେ ଶିକ୍ଷା ସଚେତନତା ରଥ ପରିକ୍ରମା

କଣାସ ୩/୪(ନି.ପ୍ର): ସଭିଏଙ୍କ ପାଇଁ ଶିକ୍ଷା ଅପରିହାର୍ଯ୍ୟ ।ଛାତ୍ରଛାତ୍ରୀ ମାନେ ପାଠ ପଢିବା ପାଇଁ ଆଗ୍ରହରେ ସ୍କୁଲ ଆସିବେ ଏବଂ ଏଦିଗରେ ଅବିଭାବକ ମାନଙ୍କର ତତ୍ପରତା ନେଇ ରାଜ୍ୟ ଶିକ୍ଷା ବିଭାଗ ପକ୍ଷରୁ ଏକ ସଚେନତା ରଥ ପରିକ୍ରମା କରିଛି। କଣାସ ବ୍ଲକରେ ବୁଧବାର ଦିନ ସିରେଇ ସଂଯୁକ୍ତ ଉପ୍ରା ବିଦ୍ୟାଳ ଠାରେ ସୁସଜ୍ଜିତ ରଥକୁ କଣାସ ବିଡ଼ିଓ ସୌମ୍ୟ ରଞ୍ଜନ ସ୍ୱାଇଁ,ଜିଲ୍ଲାପରିଷଦ ସଭ୍ୟା ଲତାମଣି ଜଗଦେବ,ଗୋଷ୍ଠୀ ସହ ଶିକ୍ଷା ଅଧିକାରୀ ନାରାୟଣ ପ୍ରଧାନ,ବିନୋଦ କୁମାର ସେଠୀ,ଉପାଧକ୍ଷ ଅଭିମନ୍ୟୁ ଜୟସିଂହ,ସିଆରସିସି ସନ୍ତୋଷ କୁମାର ବେହେରା,ପ୍ରଧାନ ଶିକ୍ଷକ ଗୋବର୍ଦ୍ଧନ ବେହେରା ଓ ଅନ୍ୟମାନ ଉପସ୍ଥିତ ରହି ନଡ଼ିଆ ବାଡେଇ ପତାକା ଧରି ଶୁଭାରମ୍ଭ କରିଥିଲେ ।କଣାସ ବ୍ଲକର ବିଭିନ୍ନ ଗ୍ରାମରେ ରଥ ପରିକ୍ରମା କରି ଆକର୍ଷଣୀୟ ସଙ୍ଗୀତ ଓ ନୃତ୍ୟ ପରିବେଷଣ ଦ୍ୱାରା ସଚେତନତା କରାଇଥିଲା। ବିଦ୍ୟାଳୟ ଗୁଡ଼ିକରେ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ, ଅଙ୍ଗନବାଡି କର୍ମୀ,ବୁଦ୍ଧିଜୀବୀ, ଶିକ୍ଷାବିତ ଓ ଅଭିଭାବକ ମାନେ ଉପସ୍ଥିତ ରହି ରଥକୁ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଶିକ୍ଷୟତ୍ରୀ ସିଆରସିସି ଓ ଅନ୍ୟାନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ।



## ଡାବରଚୁଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ବାର୍ଷିକ ଉତ୍ସବ

ପାଟଣା ୩/୪(ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ଖିରେଇଟାଙ୍ଗିରୀ ପଞ୍ଚାୟତ ଡାବରଚୁଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଯମୁନାପଶି ସି,ଆର,ସି ସି ରମେଶ ଚନ୍ଦ୍ର ମହାନ୍ତ ଙ୍କ ସଭାପତିତ୍ୱ ରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବ୍ଲକ ଗୋଷ୍ଠୀ ଶିକ୍ଷାଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ ଯୋଗଦେଇ ଥିଲେ ।ମୁଖ୍ୟ ବକ୍ତା ଭାବରେ ସହ ଗୋଷ୍ଠି ଶିକ୍ଷାଅଧିକାରୀ ବିଜୟ କୁମାର ଓଝା ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଦିଗଦର୍ଶନ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ନୂଆଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ନନ୍ଦ କିଶୋର ପୃଷ୍ଟି, ଡାବରଚୁଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜନ କୁମାର ପରିଡା ଭୁରୁଡ଼ିପଶି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ସଞ୍ଜୟ କୁମାର ଜେନା, ପଦ୍ମକେଶରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉଜ୍ଜ୍ୱଳ କୁମାର ସିଂ, ବୁଢ଼ିକାପୁଡ଼ି ସିଆରସିସି ନାରାୟଣ ପାତ୍ର ପ୍ରମୁଖ ଯୋଗଦେଇ ଥିଲେ ।ଅନ୍ୟମାନଙ୍କ ମଧ୍ୟରେ ଗୋଧିସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମହେନ୍ଦ୍ର ମହାନ୍ତ ବରୁଡିପଶି ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଚନ୍ଦନ ରାଉତ,ଗୋଡି ପୋଖରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶ୍ୱିନି କୁମାର ସାହୁ ,ତାଳପଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ପାର୍ବତୀ ମହାନ୍ତ ,ବାଘମରା ପ୍ରାଥମିକ ବିଦ୍ୟାଳୟ ର ସହକାରୀ ଶିକ୍ଷକ ଜିତେନ୍ଦ୍ର ନାଏକ ତାଳପଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଶୈଳେନ୍ଦ୍ର ନାଏକ ଭାଲୁପାହାଡ଼ି ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟତ୍ରୀ ତିଲୋତ୍ତମା ନାଏକ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ର ସହକାରୀ ଶିକ୍ଷୟତ୍ରୀ ରୋଜାଲୀନ ପୁହାଣ,ସୋନାଲି ପୃଷ୍ଟି ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷୟତ୍ରୀ ବିଜୟନୀ ରାଉତ, ରୋଜାଲୀନ ଜେନା, ରଶ୍ମିରେଖା ଦାଶ, ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ। ଶିକ୍ଷୟତ୍ରୀ ରୋଜାଲୀନ ପୁହାଣ ଧନ୍ୟବାଦ ଅର୍ପଣ କରିଥିଲେ। କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## କପୁଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ



ପାଟଣା ୩/୪(ନି.ପ୍ର): କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଅନ୍ତର୍ଗତ କପୁଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ ଶିଶୁ ବାଟିକା ର ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି ପରିପ୍ରେକ୍ଷୀରେ ଶିକ୍ଷା ସଚେତନତା ରଥ ସାହରପଡା ଗୋଷ୍ଠୀ ଶିକ୍ଷାଧିକାରୀ ଙ୍କ କାର୍ଯ୍ୟାଳୟ ରୁ ବାହାରି ବିଭିନ୍ନ ବିଦ୍ୟାଳୟ କୁ ଆସିଥିବାବେଳେ କପୁଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପହଞ୍ଚିଥିବା ବେଳେ ବିଦ୍ୟାଳୟ ସମ୍ମୁଖରେ ସ୍ଥାନୀୟ ସରପଞ୍ଚ ଅନିତା କୁସୁମୁଳିଆ ଉପସ୍ଥିତ ରହି ଧୂପ ଦୀପ ଦେଇ ପୂଜାର୍ଚ୍ଚନା କରି ସ୍ୱାଗତ କରିଥିଲେ। ।ଏବଂ କପୁଣ୍ଡି ଗ୍ରାମ ପରିକ୍ରମା ରେ ସମସ୍ତ ଛାତ୍ର ଛାତ୍ରୀ ଓ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ । ଏହି ପ୍ରବେଶ ଉତ୍ସବ ରେ ଅଙ୍ଗନୱାଡ଼ି ଛାଡିଥିବା ପ୍ରାୟ ୧୭ ଜଣ ନୂତନ ଛାତ୍ର ଛାତ୍ରୀ ମାନଙ୍କୁ ଫୁଲ, ଚନ୍ଦନ ଏବଂ ମିଷ୍ଟାନ୍ନ ଖୁଆଇ ପ୍ରଧାନ ଶିକ୍ଷୟତ୍ରୀ ସଞ୍ଜୁକ୍ତା ସେଠୀ ଙ୍କ ଦ୍ୱାରା ସ୍ୱାଗତ କରା ଯାଇଥିଲା କ୍ଷଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ର ଘନଶ୍ୟାମ ସାହୁ, ଗୋକୁଳ ସାହୁ, ସହଯୋଗୀ ଶିକ୍ଷକ ଲୁପ୍ତ ପ୍ରସାଦ ନାୟକ,ଶିକ୍ଷୟତ୍ରୀ ଚମ୍ପାବତି ନାଏକ, ସ୍ୱାଗତିକା ଶଙ୍ଖୁଆ, ରୁମିତା ମହାନ୍ତି ଓ ସି.ୱାଇ.ଏସ୍.ଡି ପ୍ରଗତି ପ୍ରକଳ୍ପ ତରଫରୁ ତୋଫାନ କୁମାର ସେଠୀ, ପ୍ରଭାସିନୀ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ ।

# ତୁର୍କା କୁ ପାନୀୟ ଜଳ ଓ ବିଜୁଳି କେବେ ?



ଭବାନୀପାଟଣା ତା ୨/୦୪/୨୫(ଜଗନ୍ନାଥ ଏକ୍ସପ୍ରେସ୍) କଳାହାଣ୍ଡି ଜିଲ୍ଲା ବିଶ୍ୱନାଥ ବ୍ଲକ ଲାଞ୍ଜିଗଡ଼ ଲାଞ୍ଜି ପଞ୍ଚାୟତର ଆଦିବାସୀ ଗାଁ ତୁର୍କା ସମସ୍ୟା ଘେରରେ ରହିଛି। ପ୍ରଶାସନ ଦେଇଥିବା ପ୍ରତିଶ୍ରୁତି ରକ୍ଷା ନ କରିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରକାଶ ଥାଉକି,ଲାଞ୍ଜିଗଡ଼ ବ୍ଲକ ସଦର ମହକୁମାରୁ ୩୫ କିମି ଦୂର ତଥା ଲାଞ୍ଜି ପଞ୍ଚାୟତ କାର୍ଯ୍ୟାଳୟରୁ ୧୬ କିମି ଦୂରରେ ରହିଛି ତୁର୍କା ଗାଁ। ଗାଁରେ ୧୦୦ ବର୍ଷ ପୂର୍ବରୁ ୩୦ ଆଦିବାସୀ ପରିବାର ବସବାସ କରି ଆସୁଛନ୍ତି ଏଠାର ବିଭିନ୍ନ ସମସ୍ୟା ଲାଗି ରହିଥିବା ବେଳେ ବିଜୁଳି ଓ ପାନୀୟ ଜଳ ଏଠିକାର ମୁଖ୍ୟ ସମସ୍ୟା ରହିଛି। ଗାଁର ଏହି ସବୁ ସମସ୍ୟା ନେଇ ୨୦୨୨ ଜାନୁଆରି ୨୬ ତାରିଖ ବିଭିନ୍ନ ଗଣମାଧ୍ୟମ ରେ ଖବର ପ୍ରକାଶ ପାଇଥିଲା। ଏହା ପରେ ବି ଲଗାତାର ପ୍ରକାଶ ପାଇଥିଲା। ଏହାକୁ ନେଇ ଲାଞ୍ଜି ସରପଞ୍ଚ ଯମୁନା ମାଝୀ ସମେତ ପ୍ରଶାସନ ପକ୍ଷରୁ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଗାଁକୁ ଯିବା ଆରମ୍ଭ କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନକୁ ନେଇ କିଛି ପରିବର୍ତ୍ତନ ହୋଇଛି କିନ୍ତୁ ସୋଲାର ଦ୍ୱାରା ଜଳ ଯୋଗାଣ ପାଇଁ ଗଭୀର ନଳକୂପ ସହ ପାଣି ଟାଙ୍କି ଗାଁରେ ବସିଲା କିନ୍ତୁ ଗୋଟିଏ ମାସ ଠିକ୍ ଭାବେ ଲୋକେ ପାନୀୟ ଜଳ ବ୍ୟବହାର କରିବା ପରେ ଆଜିକୁ ୨ ମାସ ହେଲା ଅଚଳ ହୋଇ ପଡିଛି। ଗାଁରେ ଗୋଟିଏ ନଳକୂଅ ଥିବା ବେଳେ ଠିକ୍ ଭାବରେ ପାଣି ବାହାରୁ ନାହିଁ। ଫଳରେ ନିକଟ ତୁରଙ୍ଗିଗୁଡ଼ା ନାଳର ପାଣି ଉପରେ ଗାଁ ଲୋକେ ଭରସା କରୁଛନ୍ତି।ସେହିଭଳି ଗାଁରେ ବିଜୁଳି ସଂଯୋଗ ପାଇଁ ବିଭାଗ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ଏକ ବର୍ଷ ପୂର୍ବରୁ ହୋଇଛି ବୋଲି ଗାଁ ଲୋକଙ୍କୁ କହୁଛନ୍ତି। କିନ୍ତୁ ଆଜି ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ହୋଇପାରିନାହିଁ।ଏହାକୁ ନେଇ ସରପଞ୍ଚ ଯମୁନା ମାଝୀଙ୍କୁ ଅଭିଯୋଗ କରାଯାଇଛି।କିନ୍ତୁ ବ୍ଲକ ପ୍ରଶାସନ କିମ୍ବା ପଞ୍ଚାୟତ କର୍ତ୍ତୃପକ୍ଷ ଶୁଣୁନାହାନ୍ତି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏନେଇ ବ୍ଲକ ଜଳ ଯୋଗାଣ ଦାୟିତ୍ୱରେ ଯନ୍ତ୍ରୀମୋହନ ଚରଣ ସିହାଳଙ୍କୁ ପଚାରିବାରୁ, ସେ ଅଭିଯୋଗ ପାଇଥିବା କହିଛନ୍ତି। ସୋଲାରର ଯାନ୍ତ୍ରିକ ତ୍ରୁଟି ରହିଛି। ଯଥାଶୀଘ୍ର ତାହାର ମରାମତି କରି ଗ୍ରାମବାସୀଙ୍କୁ ଶୁଦ୍ଧ ପାନୀୟ ଜଳ ପାଇ ପାରିବେ ବୋଲି ପ୍ରକାଶ କରିଥିଲେ।



## କନ୍ଧମାଳ ଜିଲ୍ଲା ବରଷ୍ଠ ନାଗରକ ସଂଘର କର୍ମକର୍ତ୍ତା ନିର୍ବାଚନ

ଫୁଲବାଣୀ ତା,୩/୪ ଜଗନ୍ନାଥ ଏକ୍ସପ୍ରେସ ( ଶ୍ରୀ କ୍ଷୀରୋଦ କୁମାର ସାହାଣୀଙ୍କ ରିପୋର୍ଟ ) ବହୁ କଳ୍ପନା ଜଳ୍ପନା ର ଅବସାନ ଘଟାଇ ବହୁ ପ୍ରତିକ୍ଷୀତ କନ୍ଧମାଳ ଜିଲ୍ଲା ବରିଷ୍ଠ ନାଗରିକ ସଂଘ, ଫୁଲବାଣୀର ଦ୍ୱିବାର୍ଷିକ ନିର୍ବାଚନ ସ୍ଥାନୀୟ ଦେବମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ନାଗରିକ ସଂଘର ର ଦ୍ୱିବାର୍ଷିକ ନିର୍ବାଚନ ରେ କାର୍ଯ୍ୟକାରୀ ସଭାପତି ଭାବେ ଶ୍ରୀ ନବ କିଶୋର ରଥ ନିର୍ବାଚିତ ହୋଇଥିବା ବେଳେ ଉପସଭାପତି ଭାବେ ମଞ୍ଜୁଳା ପାଣିଗ୍ରାହୀ ଓ ପିତାମ୍ବର ମିଶ୍ର ଓ ସାଧାରଣ ସମ୍ପାଦକ ପ୍ରଣବ ମଣ୍ଡଳ ନିର୍ବାଚିତ ହୋଇଛନ୍ତି । ଏହି ' ନିର୍ବାଚନ କାର୍ଯ୍ୟକ୍ରମକୁ ସଂଘର ସଭ୍ୟ/ ତଥା ବରିଷ୍ଠ ଆଇନଜୀବୀ ଭି. ଭି. ରାମଦାସ, ବିଜୟ କୁମାର ମହାନ୍ତି ଓ . ଅଶୋକ କୁମାର ବେହେରା ପରିଚାଳନା କରିଥିଲେ, ଏହାପୂର୍ବରୁ ସଭାପତି ଭାବେ ପଦ୍ମ ଚରଣ ସ୍ୱାଇଁ, ଯୁଗ୍ମସମ୍ପାଦକ ଅମିୟ ଦାସ ଓ ପ୍ରମୋଦ ସାହୁ, କୋଷାଧ୍ୟକ୍ଷ ପି. ରଘୁନନ୍ଦନ ପାତ୍ର ନିର୍ଦ୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ଆଗାମୀ ଦିନରେ ଆଉ କେତେକ ଖାଲି ପଡ଼ିଥିବା ପଦ ପଦବୀ ମାନ ପୂରଣ କରାଯିବା ପରେ ସଂଘର କାର୍ଯ୍ୟକ୍ରମ ଆରମ୍ଭ କରାଯିବ ବୋଲି ସାଧାରଣ ସମ୍ପାଦକ ପ୍ରଣବ'ମଣ୍ଡଳ ସୂଚନା ଦେଇଛନ୍ତି।

## ପୋଲିସ ପଡିଆରେ ଜିଲାସ୍ତରୀୟ ପୁଲିସ ପ୍ରତିଷ୍ଠା ଦିବସ ପାଳିତ





ଫୁଲବାଣୀ ତା,୦୩/୦୪ ଜଗନ୍ନାଥ ଏକ୍ସପ୍ରେସ ( ଶ୍ରୀ କ୍ଷୀରୋଦ କୁମାର ସାହାଣୀଙ୍କ ରିପୋର୍ଟ ) କନ୍ଧମାଳ ଜିଲ୍ଲା ଫୁଲବାଣୀ ସ୍ଥିତ ସ୍ଥାନୀୟ ମାଦିକୁନ୍ଦା ପୁଲିସ ରିଜର୍ଭ ପଡିଆରେ ଓଡିଶା ପୁଲିସର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି, ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏସ୍ ?ପି ହରିଶ ବି ସି ଯୋଗଦେଇ ପ୍ରତିଷ୍ଠା ଦିବସକୁ ପତାକା ଉତ୍ତୋଳନ କରି ଉଦଘାଟନ କରିଥିଲେ, ଏହାପରେ ନିଜ ଅଭିଭାଷଣ ରେ କହିଥିଲେ କି ପୁଲିସ ଅଧିକରୁ ଅଧିକ ଲୋକଙ୍କ ନିକଟତର ହେବା ଏବଂ ସେମାନଙ୍କ ମୌଳିକ ସହାୟତା ଯୋଗାଇ ଦେବା ଦେବା ସହିତ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ହେଉଛି ପୁଲିସ ର ଦାୟିତ୍ୱ ଓ କର୍ତ୍ତବ୍ୟ କରିବା ଉପରେ ଗରୁତ୍ୱ ଆରୋପ କରିଥିଲେ । ପୁଲିସ ପ୍ରତିଷ୍ଠା ଦିବସ ରେ ଜିଲ୍ଲାରେ ନିଷ୍ଠାପର ଭାବେ ଉଲ୍ଲେଖନୀୟ ସେବା ପ୍ରଦାନ ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ୫ ଜଣ ପୁଲିସ ଅଧିକାରୀଙ୍କୁ ମାନପ ?ତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା । ସେମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ସବ୍ ? ଇନ୍ସପେକ୍ଟର ଭାବେ ରାଇକିଆ ଥନା ଅଧିକାରୀ ଶ୍ରୀ ଆଶୁ ଆଶୁତୋଷ ପାଇକରାୟ ସର୍ବଶ୍ରେଷ୍ଠ ଏଏସଆଇ ଭାବେ ବ୍ରାହ୍ମଣୀ ଗାଁ ଥାନାର ରମାକାନ୍ତ ସେଠୀ, ସର୍ବଶ୍ରେଷ୍ଠ ହାବିଲଦାର ଭାବେ ସନ୍ତୋଷ କୁମାର ମେହେ ହେର, ସର୍ବଶ୍ରେଷ୍ଠ କନଷ୍ଟେବଳ ଭାବେ ସୁଶ୍ରୀତା ସାହୁ ଓ ପ୍ରଶାନ୍ତ କୁମାର ମହାନ୍ତିଙ୍କୁ ପୁରସ୍କୃତ କରାଯାଇଛି। ରିଜର୍ଭ ଇନ୍ସପେକ୍ଟର ଶ୍ରୀ ବୀରସିଂ ଶବର ପରେଡ ପରିଚାଳନା କରିଥିଲେ । ଏହି ଅବସରରେ ଜିଲା ପୁଲିସ ତରଫରୁ ବରିଷ୍ଠ ନାଗରିକ ଏବଂ ପୁଲିସ କର୍ମଚାରୀ ମାନଙ୍କ ପାଇଁ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ କରା ଯାଇଥିଲା। ଏହି ମାଗଣା ସ୍ୱାସ୍ଥ୍ୟ ଶିବିରରେ ଏନେକ ପୁଲିସ କର୍ମଚାରୀ ଓ ବରିଷ୍ଠ ନାଗରିକ ମାନେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିବାର ସୁଯୋଗ ପାଇଥିବାରୁ ସମସ୍ତେ ଖୁସି ବ୍ୟକ୍ତ କରିଥିଲେ ।

# ରାଜନୈତିକ ଚାପରେ ପୁଲିସ ହତାଶ: ବିଜେଡି

ଭୁବନେଶ୍ୱର,୩/୪: ପୁଲିସର ଦକ୍ଷତା କମିଗଲାଣି। ଅହେତୁକ ରାଜନୈତିକ ଚାପ ଯୋଗୁ ପୁଲିସ ହତାଶ ହୋଇପଡ଼ିଛି। ଶାସକ ଦଳର ନେତା ସୁରକ୍ଷା ଦେଉଛନ୍ତି ବୋଲି ଅପରାଧୀଙ୍କ ମନୋବଳ ବଢୁଛି। ଅପରାଧୀଙ୍କୁ ଏ ସରକାର ଲାଇସେନ୍ସ ଦେଇ ସାରିଲେଣି। ଆଜି ମୁଲତବୀ ପ୍ରସ୍ତାବ ଆଲୋଚନା ବେଳେ ରାଜ୍ୟ ସରକାରଙ୍କୁ ଏମିତି ଟାର୍ଗେଟ୍ କରିଥିଲେ ବିଜେଡି ବିଧାୟକ। 'ଭରତପୁରରେ ପୁଲିସ-ଜନତା ଖଣ୍ଡଯୁଦ୍ଧ, ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ' ଶୀର୍ଷକ ମୁଲତବୀ ଆଲୋଚନାରେ ଭାଗ ନେଇ ପ୍ରତାପ ଦେବ କହିଲେ, ସରକାର ଦିଶାହୀନ ଓ ମେରୁଦଣ୍ଡବିହୀନ। ମିଛ କହିବା ହିଁ ସରକାରଙ୍କ ବାସ୍ତବତା। ସରକାରରେ ବାମ ହାତ କ'ଣ କରୁଛି, ଡାହାଣ ହାତ ଜାଣୁନି। ରାଜଧାନୀରେ ଦିନ ଦ୍ୱିପହରରେ ହତ୍ୟାକାଣ୍ଡ ହେଉଛି। ପୁଲିସ ପ୍ରଶାସନରେ ରାଜନୈତିକ ହସ୍ତକ୍ଷେପ ଓ ପ୍ରିୟାପ୍ରୀତି ତୋଷଣ ଅଧିକ ଚାଲିଛି। ମୁଖ୍ୟମନ୍ତ୍ରୀଙ୍କୁ ଭ୍ରମିତ କରାଯାଉଛି। ଡିଜିଙ୍କୁ ତ ଦାରୁଭୂତ ମୁରାରି କରିଦିଆଯାଇଛି। ଜିଲ୍ଲାସ୍ତରରେ ଅପରାଧ ବଢ଼ିଚାଲିଛି। ପୁଲିସ ପ୍ରତି ଲୋକଙ୍କ ଭୟ ଛାଡ଼ିଗଲାଣି। ଥାନାରେ କର୍ମଚାରୀ ନାହାନ୍ତି। ଆଇନଶୃଙ୍ଖଳା ଛାଡ଼ି ଯଦି ପୁଲିସ ବାଲି ଗାଡ଼ି ପଛରେ ଧାଇଁବ, ଅନ୍ୟ କାମ କେମିତି ହେବ? ନେତା ସୁରକ୍ଷା ଦେଉଛନ୍ତି ବୋଲି ଅପରାଧୀଙ୍କ ମନୋବଳ ବଢୁଛି।ବ୍ୟୋମକେଶ ରାୟ କହିଲେ, ଏ ସରକାର କହୁଛନ୍ତି କୌଣସି ଅପରାଧୀଙ୍କୁ ଛଡ଼ାଯିବନି। କିନ୍ତୁ ରାଜ୍ୟପାଳଙ୍କ ପୁଅ ଜଣେ ଏଏସ୍ଓଙ୍କୁ ମାଡ଼ ମାରିବା ଘଟଣାରେ ଅଭିଯୁକ୍ତ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ? ଚିକିଟି ମଦମୃତ୍ୟୁ ମାମଲାରେ ଆରଡିସି ତଦନ୍ତ ହେଲା କି ? ରଥଯାତ୍ରା ଅବ୍ୟବସ୍ଥାର ତଦନ୍ତ ରିପୋର୍ଟ କୁଆଡ଼େ ଗଲା ? ଚାନ୍ଦବାଲିରେ ଗୋଟିଏ ଜାଗାରେ ୧୪୪ ଧାରା ଜାରି ହୋଇଥିଲା। ମୋତେ ସେଠାକୁ ଯିବାକୁ ବାରଣ ହେଲା। କିନ୍ତୁ ବିଜେପିର ରାଜ୍ୟ ସଭାପତି ସମର୍ଥକମାନଙ୍କୁ ନେଇ ସେଠାରେ ଶୋଭାଯାତ୍ରା କଲେ। ତାଙ୍କ ବେଳକୁ ଆଇନ କୁଆଡ଼େ ଗଲା ? ଲୋକ ପୁଲିସ ଉପରେ ରାଗିକି ମାଡ଼ ମାରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ବିଜେପିର ନିର୍ଦ୍ଦିଷ୍ଟ ନେତାମାନେ ବଦନାମ କରୁଛନ୍ତି। ବିଜେପି କାର୍ଯ୍ୟାଳୟରୁ ହିଁ ତାଙ୍କୁ ଛୁରି ମରାଯାଉଛି। ଶାରଦା ଜେନା କହିଲେ, ରାଜ୍ୟରେ ଅପରାଧକୁ ବିଜେପିର ବିଧାୟକମାନେ ହାଲ୍‌କା ଭାବେ ନେଉଛନ୍ତି। କେବଳ ୨୪ ବର୍ଷର ଦ୍ୱାହି ଦେଇ ଖସିଗଲେ ହେବନି। ଅପରାଧୀଙ୍କୁ ତ ଏ ସରକାର ଲାଇସେନ୍ସ ଦେଇଛନ୍ତି। ଶାସକ ଦଳ ଜବାବ ଦେଇ କହିଥିଲେ, ଆମ ସରକାରରେ ପୁଲିସ ଉପରେ ରାଜନୈତିକ ହସ୍ତକ୍ଷେପ ନାହିଁ। ଭରତପୁର ଘଟଣାରେ ପୁଲିସ ଧୌର୍ଯ୍ୟର ସହ ସେଠାରେ ରାତିରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ପୂର୍ବ ସରକାରରେ ତ ମନ୍ତ୍ରୀ ଥାନା ଭାଙ୍ଗୁଥିଲେ। ହତ୍ୟା ମାମଲାରେ ଜଡ଼ିତ ଥିଲେ। ତୃତୀୟ ମହଲାରେ ପୁଲିସକୁ ଟିକେଟ ବାଣ୍ଟିବା ଓ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀଙ୍କୁ ଧମକଚମକ ଦେବା କାମରେ ନିୟୋଜିତ କରାଯାଉଥିଲା। ଏ ସରକାରରେ ଯିଏ ଦୋଷ କରିବ, ତାକୁ ଛଡ଼ାଯିବନି। ଶାସକ ଦଳ ପକ୍ଷରୁ ଈରାଶିଷ ଆଚାର୍ଯ୍ୟ, ବାବୁ ସିଂହ, ଅମରେନ୍ଦ୍ର ଦାସ ଓ ଗୋବିନ୍ଦ ଚନ୍ଦ୍ର ନାୟକ ଆଲୋଚନାରେ ଭାଗ ନେଇଥିଲେ।

## ବାଲିଗୁଡାରେ ଉପଖଣ୍ଡ ସ୍ତରୀୟ ଓଡ଼ିଶା ଦିବସ ପାଳିତ







ବାଲିଗୁଡା ତା,୦୩/୦୪ ଜଗନ୍ନାଥ ଏକ୍ସପ୍ରେସ ( ଶ୍ରୀ କ୍ଷୀରୋଦ କୁମାର ସାହାଣୀଙ୍କ ରିପୋର୍ଟ) କନ୍ଧମାଳ ଜିଲ୍ଲାର ସର୍ବ ବୃହତ ସବଡ଼ିଭିଜନ ହେଉଛି ବାଲିଗୁଡା, ଆଜି ସେଇ ବୃହତ ବାଲିଗୁଡାରେ ଉପଖଣ୍ଡ ସ୍ତରୀୟ ଓଡ଼ିଶା ଦିବସ ପାଳିତ ହୋଇଯାଇଛି । ଏହି ଓଡିଶା ଦିବସ ବାଲିଗୁଡା ସହର ସ୍ଥିତ ସ୍ଥାନୀୟ-ସଭାଗୃହ ରେ ଏକ ସଭା ଆୟୋଜନ କରାଯାଇଥିଲା, କାର୍ଯ୍ୟ ସୁଚି ପ୍ରକାରେ ସକାଳ ୮ ଘଟିକା ସମୟରେ ସହରସ୍ଥିତ ଉତ୍କଳର ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତି ଓ ଫୋଟଚିତ୍ରରେ ଉପଜିଲ୍ଲାପାଳ ଡ଼ଃ ରୀନା ପ୍ରଧାନ ଓ ବିଭାଗୀୟ ଅଧିକାରୀ ମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ଡ଼ଃ ରୀନା ପ୍ରଧାନ ଯୋଗଦାନ କରି ଉତ୍କଳର ନାଥ , ଜଗତର ନାଥ ମହାପ୍ରଭୁ ଜଗନ୍ନାଥ ଙ୍କ ପ୍ରତିମୂର୍ତ୍ତି ରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ର ଶୁଭାରମ୍ଭ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ରମେନ୍ଦ୍ର ପ୍ରସାଦ,ଓ ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସି ଉନ୍ନୟନ ସଂସ୍ଥା କୃପାସିନ୍ଧୁ ବେହେରା, ତହସିଲଦାର ଦୀପ୍ତି ପ୍ରକାଶ ବେହେରା, ବରିଷ୍ଠ ଆଇନଜୀବୀ ତଥା ସଦସ୍ୟ ଉତ୍କଳ ସମ୍ମିଳନୀ କୌଶିକ ସାହୁ, ଡେପୁଟି କଲେକ୍ଟର ତଥା ଉପଖଣ୍ଡ ଉତ୍ସବ ପାଳନ କମିଟିର ସମ୍ପାଦକ ଧୂରଜ କୁମାର ପାତ୍ର, ଏନଏସି ଅଧକ୍ଷ ଶ୍ରୀ ଗାବିନ୍ଦ ପ୍ରଧାନ ଓ ମୁଖ୍ୟ ବକ୍ତା ପ୍ରାଧାପକ ଡ.ବିଭୁଷଣ ବିଷ୍ଣୁ ଆଚାର୍ଯ୍ୟ ଉତ୍କଳ ପ୍ରଦେଶ ଗଠନ ଓ ଉତ୍କଳ ଦିବସ ପାଳନ ସମ୍ପର୍କରେ କହିଥିଲେ । ଛାତ୍ରଛାତ୍ରୀନଙ୍କ ମଧ୍ୟରେ କୌତୁକ ପୋଷାକ ପ୍ରତିଯୋଗିତ, ଓ ଦେଶାତ୍ମବୋଧକ ସାଂସ୍କୃତିକ ନୃତ୍ୟ ଅନୁଷ୍ଠିତ ହୋଇଥିଲା । ଉପଖଣ୍ଡ ଉତ୍ସବ ପାଳନ କମିଟିର ସହ-ସମ୍ପାଦକ ତୀର୍ଥବାସୀ ଘଡେଇ ସଭାଟିକୁ ପରିଚାଳନା କରିଥିଲେ ଅଭିମନ୍ୟୁ ପ୍ରଧାନ - ଓ ରଶ୍ମି ରଂଜନ ମହାରଣା ସହଯୋଗ କରିଥିଲେ।

## ଆନ୍ଧ୍ରକୁ ଶକ୍ତ ଚାପୁଡ଼ା: କୋଟିଆରେ ୩୦ ପିଲା ନାଁ ଲେଖାଇଲେ



କୋରାପୁଟ, ୩/୪: କୋଟିଆ ଗ୍ରାମପୁଂଜ ବାସିନ୍ଦା ଆଜି ଆନ୍ଧ୍ରକୁ ଦେଇଛନ୍ତି ଶକ୍ତ ଚାପୁଡା। ଆଜି ଠାରୁ ରାଜ୍ୟରେ ଆରମ୍ଭ ହୋଇଛି ଶିଶୁବାଟିକା। ଏଥି ପାଇଁ ରାଜ୍ୟର ସବୁ ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓଖଡିଛୁଆଁ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହାକୁ ଫେଲ୍ କରିବା ପାଇଁ ଆନ୍ଧ୍ର ଶିକ୍ଷକ ଓ କ୍ଷେତ୍ର କର୍ମଚାରୀଙ୍କ ଠାରୁ ଆରମ୍ଭ କରି ମଧ୍ୟସ୍ଥି ଦଲାଲ ମାନେ ଶତ ପ୍ରୟାସ କରିଥିଲେ। କିଭଳି ଆଜି ପ୍ରବେଶ ଉତ୍ସବରେ କେହି ନାଁ ଲେଖାଇବେ ନାହିଁ ସେ ପ୍ରୟାସ କରିଥିଲେ। ଏପରିକି ଆନ୍ଧ୍ର ସରକାର ଦେଉଥିବା ସମସ୍ତ ଯୋଜନା ସମ୍ପର୍କରେ ଘରକୁ ଘର ବୁଲି ପ୍ରଚାର କରିଥିଲେ। ଏହା ବାଦେ ବି କୋଟିଆ ଗ୍ରାମପୁଂଜର ୧୯ଟି ପ୍ରାଥମିକ ବିଦ୍ୟାଳୟରେ ଆଜି ସକାଳୁ ୩୦ଜଣ ପିଲା ଶିଶୁ ବାଟିକାରେ ନାଁ ଲେଖାଇଥିବା କହିଛନ୍ତି ବିଇଓ ଟି.ମୀନତୀ। ଆନ୍ଧ୍ରର ଦଲାଲମାନେ ନେରେଡିଓ୍ୱାଲସାରେ ଥିବା ସ୍କୁଲରେ କିଭଳି ଛାତ୍ରଛାତ୍ରୀଙ୍କୁ ତେଲୁଗୁରେ ପାଠ ପଢ଼ାଇବା ସହ ଆମଓ୍ୱାଡୀ ଯୋଜନାରେ ପିଲା ପିଛା ୧୫ହଜାର ଟଙ୍କା, ସ୍କୁଲ ୟୁନିଫର୍ମ, ଆନ୍ଧ୍ର ପଦ୍ଧତିରେ ରୋଷଇ କରି ମଧ୍ୟାହ୍ନଭୋଜନ ବିତରଣ କରାଯାଉଛି ସୂଚନା ଦେଇଥିଲେ। ଗ୍ରାମପୁଂଜର ବିଭିନ୍ନ ଗାଁରେ ଆନ୍ଧ୍ର ସରକାର ଲୋକଙ୍କୁ ରାସନ, ଭୋଟର, ଆଧାର କାର୍ଡ ବାଣ୍ଟିବା ସହ ବିଭିନ୍ନ ଯୋଜନାରେ ସାମିଲ କରି ପିଇବା ପାଣି ଠାରୁ ଆରମ୍ଭ କରି ସେବା ଯୋଗାଉଛନ୍ତି ସେ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ଚେଷ୍ଟା ବି କରିଥିଲେ। ଏହା ବାଦ୍ ବି କୋଟିଆ ଗ୍ରାମପୁଂଜର ଟାଉପଦର ଓ ନୂଆଗାଁ ସିଆରସିସି ଅଧିନରେ ଥିବା ୧୯ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ, ବିଦ୍ୟାଳୟ ପରିଚାଳନା କମିଟିର ପ୍ରୟାସରେ ଆଜି ୩୦ଟି ପିଲା ନାଁ ଲେଖାଇଛନ୍ତି। ଆସନ୍ତାକାଲି ଏହି ସଂଖ୍ୟା ବଢ଼ିବ ବୋଲି କହିଛନ୍ତି ସିଆରସିସି ପବିତ୍ର କୁମାର ଦାଶ, ରୁଦ୍ରନାରାୟଣ ପ୍ରଧାନ। ମା, ମାଟି ଓ ଓଡିଆ ଅସ୍ମିତା ପାଇଁ ଗ୍ରାମପୁଂଜ ଲୋକଙ୍କ ମନରେ ଭାବନା ରହିଛି, ଏହାକୁ ଉଦ୍ରେକ କରିବାର ରହିଛି ବୋଲି ଏହି ଦୁଇ ସିଆରସିସି କହିଛନ୍ତି। ଆମ ସ୍କୁଲ, ହୋଷ୍ଟେଲରେ ଦିଆଯାଉଥିବା ସରକାରୀ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିବା କହିଛନ୍ତି। ଜିଲ୍ଲାର କୋଟିଆ ଗ୍ରାମପୁଂଜର ୨୧ ଗାଁକୁ ନେଇ ପଡ଼ୋଶୀ ରାଜ୍ୟ ସହ ବିବାଦ ଲମ୍ବି ଚାଲିଛି। ମାମଲା ସୁପ୍ରିମ କୋର୍ଟରେ ଗଡୁଛି। ସ୍ଥିତାବସ୍ଥା ବଜାୟ ରଖିବାକୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ପଡ଼ୋଶୀ ରାଜ୍ୟ ଏହାକୁ ମାନୁ ନାହିଁ। ଚକ୍ରବ୍ୟୁହ କରି ନିଜ ଅଧିନକୁ କୋଟିଆ ନେବା ପାଇଁ ଏସବୁ ଯୋଜନା ବୋଲି ସଚେତନତା ସୃଷ୍ଟି କରାଯାଇଥିଲା। ଆଜି ବିବାଦୀୟ ଫଗୁନସିନେରୀରେ ୨ଜଣ, କୋଟିଆରେ ୫, ଉପରସେମ୍ବି, ତଳସେମ୍ବୀ ସହ ଅନ୍ୟ ବିଦ୍ୟାଳୟରେ ବି ୨ରୁ୩ଜଣ ଲେଖାଏଁ ଏଭଳି ୩୦ଜଣ ଶିଶୁବାଟିକାରେ ନାଁ ଲେଖାଇଛନ୍ତି। ଆଜିହିଁ ଫଗୁନସିନେରୀ ବିଦ୍ୟାଳୟରେ ବାର୍ଷିକଉତ୍ସବ ପାଳନ କରାଯାଇ ସରକାରୀ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିବା କହିଛନ୍ତି ବିଇଓ।

# କନ୍ଧମାଳ ଜିଲ୍ଲା ପ୍ରଶାସନ ର ୯୦ତମ ଓଡିଶା ଦିବସ ପାଳନ



ଫୁଲବାଣୀ ତା,୦୨/୦୪ ଜଗନ୍ନାଥ ଏକ୍ସପ୍ରେସ ( ଶ୍ରୀ କ୍ଷୀରୋଦ କୁମାର ସାହାଣୀଙ୍କ ରିପୋର୍ଟ ) ଆଜି ସମଗ୍ର ଓଡିଶା ପାଳନ କରୁଛି ତାର ୯୦ତମ ପ୍ରତିଷ୍ଠା ଦିବସ ଓ ଅନୁରୂପ ଭାବେ କନ୍ଧମାଳ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଫୁଲବାଣୀ ସଦର ମହକୁମାରେ ୯୦ ତମ ଜିଲ୍ଲା ସ୍ତରୀୟ ଓଡିଶା ଦିବସ ପାଳିତ ହୋଇ ଯାଇଛି। ଉତ୍କଳ ଦିବସ ଉପଲକ୍ଷେ ସକାଳେ ୮ ଘଟିକା ରେ ସହର ମଧ୍ୟରେ ଥିବା ଉତ୍କଳମଣି ଗୋପବନ୍ଧୁ ଦାସ ଏବଂ ୮,୧୫ ମିନିଟ ସମୟରେ ମଧୁ ଉଦ୍ୟାନସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାପାଳ ଅମ୍ରିତ ଋତୁରାଜ ସମେତ ଆଦିବାସୀ ଉର୍ନ୍ନୟନ ପ୍ରକଳ୍ପ ପ୍ରଶାସକ ଶ୍ରୀ ଗଦାଧର ପାତ୍ର ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ । ମାଲ୍ୟାର୍ପଣ ସମୟରେ ଜିଲ୍ଲାର ସମସ୍ତ ପଦାଧିକାରୀ ମାନଙ୍କ ସହିତ ଓ ଜନ ସାଧାରଣଙ୍କ ମଧ୍ୟରେ ଜିଲ୍ଲାର ବରିଷ୍ଠ ଆଇନଜୀବୀ ଶ୍ରୀ ବିଜୟ ପଟନାୟକ, ବରିଷ୍ଠ ଆଇନଜୀବୀ ତଥା ସମାଜ ସେବି ଶ୍ରୀ ସତ୍ୟନାରାୟଣ ବେହେରା ଡ୍ୟାନ୍ସ ଏକାଡେମୀ ମୁଖ୍ୟ ପରିଚାଳକ ତଥା ଜିଲ୍ଲା ସାଂସ୍କୃତିକ ସଂଘର ସମ୍ପାଦକ ଶ୍ରୀ ସନ୍ତୋଷ ପାତ୍ର ସାମ୍ବାଦିକ ଶ୍ରୀ ରମେଶ ଚନ୍ଦ୍ର ପ୍ରଧାନ ଗାନ୍ଧାର ମଲ୍ଲାର ର କଣ୍ଠ ଶିଳ୍ପୀ ଶ୍ରୀ ଅସିତ ନନ୍ଦ ସମେତ ଅନ୍ୟ ସମସ୍ତ ପ୍ରମୁଖ ବ୍ୟକ୍ତି ବିଶେଷ ମାନଙ୍କ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଥିଲା। ଏହାପରେ ସନ୍ଧ୍ୟା ୭ ଘଟିକାରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ଏକ ସାଧାରଣ ସଭା ଆୟୋଜନ କରାଯାଇଥିଲା। ଏହି ସଭାରେ ଜିଲାପାଳ ଅମ୍ରିତ୍ ଋତୁରାଜ୍ ମୂଖ୍ୟ ଅତିଥି ଭାବେ ଯୋଗଦାନ କରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ହୋଇଯାଇଥିବା ସଂଗ୍ରାମର ଇତିହାସ ବର୍ଣ୍ଣନା କରିବା ସହ ଏକ ସମୃଦ୍ଧ ଓଡିଶା ଗଠନ ପାଇଁ ଆମର ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ ଓ ସନମାନୀତ ଅତିଥିଭାବେ ଅନ୍ୟ ମାନଙ୍କ ମଧ୍ୟରେ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସ, ଫୁଲବାଣୀ ଶ୍ରୀ ଗଦାଧର ପାତ୍ର ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ଫୁଲବାଣୀ ର ମାନ୍ୟବର ବିଧାୟକ ଶ୍ରୀ ଉମାଚରଣ ମଲିକ, ବାଲିଗୁଡା ମାନ୍ୟବର ବିଧାୟକ ଶ୍ରୀ ଚକ୍ରମଣୀ କହଁର, ଘୁ ଉଦୟଗିରି ମାନ୍ୟବର ବିଧାୟକ ଶ୍ରୀ ପ୍ରଫୁଲ୍ଲ ପ୍ରଧାନ ଓ ଶ୍ରୀ କୁଶଳ ଚନ୍ଦ୍ର ନାୟକ ଅତିରିକ୍ତ ଜିଲ୍ଲାପାଳ, ଶ୍ରୀ ଶମ୍ଭୁନାଥ ନନ୍ଦୀ ଜିଲ୍ଲା ଗ୍ରାମ୍ୟ ପ୍ରକଳ୍ପ ପ୍ରଶାସକ କନ୍ଧମାଳ, ଶ୍ରୀ ଭିକାରି ସାହୁ ଉପଜିଲ୍ଲାପାଳ କନ୍ଧମାଳ ଫୁଲବାଣୀ ପ୍ରମୁଖ ଉପସ୍ଥିତ ଥିଲେ । ଏହାପରେ ବିଭିର୍ଣ୍ଣ ଶିକ୍ଷାନୁଷ୍ଠାନ ର ଛାତ୍ରଛାତ୍ରୀ ଓ ବିଭିନ୍ନ ଅନୁଷ୍ଠାନର କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକରୀ-ତଥା- ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଅକ୍ଷୟ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ବିଭିନ୍ନ ବିଦ୍ୟାଳୟ/ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ, ଅଭିଭାବକ,ସ୍ଥାନୀୟ ଜନସାଧାରଣ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଜିଲ୍ଲାରେ ପୃଥକ ପୃଥକ ଭାବେ ବିଜେଡି, କଂଗ୍ରେସ, ଓ ଅନ୍ୟ ସାମାଜିକ ସଂଗଠନ ମାନେ ମଧ୍ୟ ଉତ୍କଳ ଦିବସ କୁ ଆନନ୍ଦ ଉଲ୍ଲାସର ସହିତ ପାଳନ କରୁଥିବା ଦେଖିବାକୁ ମିଳିଥିଲା ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda | Mananging Editor- Sarangdhar Senapati | ସଂପାଦକ- ବଳରାମ ପ୍ରସାଦ ନନ୍ଦ